

ପୃଷ୍ଠା ୫

ଦୈନିକ ୨୫ ଲକ୍ଷରୁ ଅଧିକ ଗ୍ୟାସ ବୁକିଂ ହେଉଛି


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 348 ଭାଗ ୩୩ | ସଂଖ୍ୟା ୩୪୮ | Saturday 14 March 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୧୪ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ରଶ୍ମିରଞ୍ଜନ ସ୍ୱାଇଁ ହେଲେ ଓୟୁଏସ୍ଏସ୍ଏସ୍‌ସି ଅଧ୍ୟକ୍ଷ




ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ଜମ୍ମୁ-କଶ୍ମୀରର ପୂର୍ବତନ ଡିଜିପି ଆଇପିଏସ୍ ଅଫିସର୍ ରଶ୍ମି ରଞ୍ଜନ ସ୍ୱାଇଁଙ୍କୁ ଆଜି ଓଡ଼ିଶା ସରକାର ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ (ଓୟୁଏସ୍ଏସ୍ଏସ୍‌ସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ରାଉରକେଲାର ଏହି ୧୯୯୧ ବ୍ୟାଚ୍ ଏଜିଏମ୍‌ୟୁଟି କ୍ୟାଡର୍ ଆଇପିଏସ୍ ଅଫିସର୍‌ଙ୍କ ନିକଟରେ ଆଇନ୍ କାର୍ଯ୍ୟକାରୀ କରିବା ଓ ପ୍ରଶାସନିକ କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ରହିଛି। ସେ ଗତ ୨୦୨୩ ଶେଷ ଭାଗରେ ଜମ୍ମୁ-କଶ୍ମୀରର ଡିଜିପି ଭାବେ କାର୍ଯ୍ୟ କରିଛନ୍ତି। ଅବସର ଗ୍ରହଣ ପୂର୍ବରୁ ସେ ଅଶାନ୍ତ ଜମ୍ମୁ-କଶ୍ମୀରରେ ଆଇନଶୃଙ୍ଖଳା ରକ୍ଷା ପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବେଶ୍ ସଫଳତାର ସହ ତୁଲାଇଛନ୍ତି।

ଗତ ବର୍ଷ ନଭେମ୍ବରରେ ଓଡ଼ିଶା କ୍ୟାବିନେଟ୍‌ରେ ଓୟୁଏସ୍ଏସ୍ଏସ୍‌ସି ଗଠନକୁ ମଞ୍ଜୁରୀ ମିଳିଥିଲା। ବିଶେଷକରି ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ସ୍କାମ୍ ପରିପ୍ରେକ୍ଷୀରେ ଏହି କମିଶନ୍ ଗଠନ ପ୍ରକ୍ରିୟା ଯଥେଷ୍ଟ ବିଳମ୍ବିତ ହୋଇଥିଲା। ବିଭିନ୍ନ ପରୀକ୍ଷାର ସୁରୁଖୁରୁରେ ପରିଚାଳନା ଦିଗରେ କମିଶନ୍ ସଫଳ ହେବା ଆଶା ନେଇ ରାଜ୍ୟ ସରକାର ଏହାକୁ ଗଠନ କରିଛନ୍ତି। ଶ୍ରୀ ସ୍ୱାଇଁ କମିଶନ୍‌ଙ୍କ ଅଧ୍ୟକ୍ଷ ଦାୟିତ୍ୱ ସଠିକ୍ ଭାବେ ତୁଲାଇବା ନେଇ ରାଜ୍ୟ ସରକାର ଆଶାବାଦୀ ଅଛନ୍ତି।

### ଗୌହାଟିରେ ପିଏମ୍ କିଷାନ ଉତ୍ସବ ଦିବସ, ମୋଦି ଦେଲେ ୨୨ତମ କିସ୍ତି

# ଓଡ଼ିଶାର ୩୪ ଲକ୍ଷ ଚାଷୀଙ୍କୁ ୬୮୪ କୋଟି

- ଦେଶସାରା ଉପକୃତ ହେଲେ ୯. ୩୨ କୋଟି ଚାଷୀ
- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ଚାଷୀ ଆମ ଅର୍ଥନୀତିର ମେରୁଦଣ୍ଡ

ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଓ ଆମ ଅର୍ଥନୀତିର ପ୍ରକୃତ ସାରଥି। 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ। ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ କୃଷକମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି।

ଆସାମର ଗୌହାଟୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୨୨ତମ କିସ୍ତିରେ ଦେଶର ୯.୩୨ କୋଟି ଚାଷୀଙ୍କୁ ପ୍ରାୟ ୧୯ ହଜାର କୋଟି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜିତ ହୋଇଛି।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଓ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି। ଏହି ୨୦୦୦ ଟଙ୍କାର କିସ୍ତି ଓ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତା'ର ପରିଶ୍ରମର ଏକ ବଡ଼ ସମ୍ମାନ। ଆଜିର ଦିନକୁ ସାରା ଦେଶ ତଥା ରାଜ୍ୟରେ ପିଏମ୍ କିଷାନ ଉତ୍ସବ ଦିବସ ଭାବେ ପାଳନ କରୁଛି। ଏଥିସହ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ବି ପାଳନ କରାଯାଉଛି। ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି। ଆମ ରାଜ୍ୟରେ ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ➪ପୃଷ୍ଠା-୬



### ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା: ପରିଚାଳନା କମିଟିର ପ୍ରଥମ ବୈଠକ

## ପ୍ରଥମ ପର୍ଯ୍ୟାୟରେ ୨୫ ବରପୁତ୍ର ସାମିଲ୍

- ପ୍ରତି ବରପୁତ୍ରଙ୍କ ଗ୍ରାମର ବିକାଶ ପାଇଁ ଖର୍ଚ୍ଚ ହେବ ୧୫ କୋଟି
- ଜିଲ୍ଲାପାଳ ହେବେ ଜିଲ୍ଲାସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟି ମୁଖ୍ୟ



ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରୀ ନିମନ୍ତେ ଗଠିତ ହୋଇଥିବା ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ।

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବ। ଏଥିସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ବାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ। ବରପୁତ୍ରମାନଙ୍କର ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କ ଆଦର୍ଶ ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ।

ପ୍ରଥମ ପର୍ଯ୍ୟାୟରେ ➪ପୃଷ୍ଠା-୬

### ମେଟ୍ରୋ ଟ୍ରେନ୍ ପ୍ରକଳ୍ପକୁ ନା' 

## କଟକ-ଭୁବନେଶ୍ୱର ପାଇଁ ବିକଳ୍ପ ଯୋଜନା

### କ୍ୟାପିଟାଲ ରିଙ୍ଗରୋଡ୍ ସହ ନୂଆ ରେଳ ଲାଇନ



ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): କଟକ ଓ ଭୁବନେଶ୍ୱର ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରସ୍ତାବିତ ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। ଏହି ପ୍ରକଳ୍ପ ଆର୍ଥିକ ଦୃଷ୍ଟିକୋଣରୁ ଅଧିକ ବ୍ୟୟସାପେକ୍ଷ, ଯେଉଁଥିପାଇଁ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ରାଜି ନୁହେଁ। ଆଜି ସଂସଦରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ସେ କହିଛନ୍ତି ଯେ ଆର୍ଥିକ ଦୃଷ୍ଟିକୋଣରୁ ଏଲିଭେଟେଡ ନିର୍ମାଣ ସର୍ଫେସ ନିର୍ମାଣଠାରୁ ଅଧିକ ବ୍ୟୟବହୁଳ। ଏଲିଭେଟେଡ ମେଟ୍ରୋ ପ୍ରକଳ୍ପ ପାଇଁ କିମି ପିଛା ୩୦୦ କୋଟି ଖର୍ଚ୍ଚ ହେଉଥିବା ବେଳେ ସଡ଼କ ପଥ କିମ୍ବା ରେଳପଥ ପାଇଁ କିମି ପିଛା ୩୦ କୋଟି ଖର୍ଚ୍ଚ ହେବ। ତେଣୁ ରାଜ୍ୟ ଅର୍ଥନୀତି ଉପରେ ଅଧିକ ଚାପ ପକାଇ ମେଟ୍ରୋ ପ୍ରକଳ୍ପ କରିବା ଯୁକ୍ତିସଙ୍ଗତ ନୁହେଁ। ତେବେ କଟକ ଓ ଭୁବନେଶ୍ୱର ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି।

ସେ କହିଛନ୍ତି ଯେ କଟକ ଓ ଭୁବନେଶ୍ୱରରେ ଯାନବାହନ ଚାପ ହ୍ରାସ କରିବାକୁ କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ ପ୍ରକଳ୍ପ ଆରମ୍ଭ ହୋଇଛି। ଏହାଦ୍ୱାରା ଦୁଇ ସହର ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଆହୁରି ସହଜ ହେବ। ଏଥିସହ ଦୁଇ ସହର ମଧ୍ୟରେ ଏକ ନୂଆ ରେଳଲାଇନ ପାଇଁ ଯୋଜନା ହୋଇଛି। ଏହି ରେଳଲାଇନରେ ସୁପରଫାଷ୍ଟ ଟ୍ରେନ ଚଳାଚଳ କରିବ। ପ୍ରତି ଅଧ ଘଣ୍ଟାରେ ଦୁଇ ସହର ମଧ୍ୟରେ ସୁପରଫାଷ୍ଟ ଟ୍ରେନ ଚଳାଚଳ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି।

### ଜମି ନେଲା ଜୀବନ

## ସାଲେପୁରରେ ଡବଲ୍ ମର୍ଡର୍



ପିଟି ପିଟି ଭାଇ ଓ ମା'କୁ ମାରିଦେଲା ସାନ ପୁଅ

ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ଘରୋଇ କଳିରୁ ଘଟିଛି ଡବଲ୍ ମର୍ଡର ଭଳି ବୀଭତ୍ସ ହତ୍ୟାକାଣ୍ଡ। ବଡ଼ ଭାଇ ଓ ମା'କୁ ହତ୍ୟା କରିଛି ସାନ ପୁଅ। ଜମିବାଡ଼ି ଭାଗ ବଣ୍ଟାକୁ ନେଇ ଗଡ଼ିଛି ଦୁଇ ଦୁଇଟି ମୁଣ୍ଡ। ଭିନ୍ନକ୍ଷମ ସାନ ପୁଅ ବଡ଼ ଭାଇ ଓ ମା'କୁ ହତ୍ୟା କରିଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଏପରି ଏକ ହତ୍ୟାକାଣ୍ଡକୁ ନେଇ ସମଗ୍ର ସାଲେପୁରରେ ଖେଳିଯାଇଛି ଚାଞ୍ଚଲ୍ୟ। ଲୋକେ ଆଲୋଚନା କରୁଛନ୍ତି, ଛାର୍ ଜମି ଆଗରେ ଜୀବନ ତୁଚ୍ଛା ହୋଇଗଲା।

ସାଲେପୁର ଥାନା ଅନ୍ତର୍ଗତ ଫୋଗଳ ଗାଁରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସ୍ଥାନୀୟ ସରପଞ୍ଚଙ୍କ କହିବାନୁସାରେ, ଜମିବାଡ଼ିକୁ ନେଇ ପାରିବାରିକ କଳହରୁ ଦୁଇ ଜଣଙ୍କୁ ହତ୍ୟା କରାଯାଇଛି। ତେବେ ଭିନ୍ନକ୍ଷମ ପୁଅ କିଭଳି ଏଭଳି ଚରମ ➪ପୃଷ୍ଠା-୬

## ‘ଓଡ଼ିଶା ପର୍ବ-୨୦୨୬’ ଉଦ୍‌ଘାଟନୀରେ ଧର୍ମେନ୍ଦ୍ର

## ଓଡ଼ିଆର ପରିଚୟ ଦେବାରେ ସାହସ ରଖନ୍ତୁ ଯୁବପିଢ଼ି

### ବିଭିନ୍ନ ପ୍ରଦର୍ଶନୀ ବୁଲିଲେ, ଶିଳ୍ପୀ ଓ କଳାକାରଙ୍କ ସହ ଆଲୋଚନା




ନୂଆଦିଲ୍ଲୀ,୧୩ା୩(ସଂଚାର ବ୍ୟୁରୋ): ଆମର ମୂଳ ଲକ୍ଷ୍ୟ ହେଉଛି ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆ ଯୁବକଯୁବତୀମାନେ ଦେଶରେ ନିଜର ପରିଚୟକୁ ପ୍ରତିପାଦିତ କରନ୍ତୁ ଓ ଓଡ଼ିଆ ଭାବେ ନିଜକୁ ପରିଚୟ ଦେବାର ଗର୍ବ ଓ ସାହସ ଦେଖାନ୍ତୁ। ଆଜି ଏଠାକାର ଜବାହରଲାଲ ନେହରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସରେ ଆୟୋଜିତ ‘ଓଡ଼ିଶା ପର୍ବ-୨୦୨୬’କୁ ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ପରିଚୟର ମୂଳଦୁଆ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆଜି ବିଶ୍ୱ ଦରବାରରେ ଓଡ଼ିଆମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ରାଷ୍ଟ୍ରୀୟ ରାଜଧାନୀରେ ଆୟୋଜିତ ଏହି ପର୍ବ ଆମ ଅସ୍ମିତାକୁ ପୁନଃସ୍ଥାପିତ କରିବାର ଏକ ମହାନ ଅବସର। ‘ଓଡ଼ିଶା ପର୍ବ’ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ➪ପୃଷ୍ଠା-୬

## ରବୀନ୍ଦ୍ରଙ୍କ ପାଇଁ ବିଜେପି ଡଙ୍ଗା ଭାରୀ

- ମୋତେ ସୂଚନା ଦିଆଯାଇଥିଲା, ସହମତି ମଗାଯାଇନି: ପ୍ରତାପ
- ପଦ୍ମ ପୋଖରୀକୁ ବାଏ ବାଏ କଲେ ଜୀବନ ପ୍ରଦୀପ



ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ବିଜେପିରେ ପୂର୍ବତନ ବିଜେଡି ସାଂସଦ ରବୀନ୍ଦ୍ର ଜେନାଙ୍କ ଏଣ୍ଟ୍ରି ଏବେ ପଦ୍ମ ପୋଖରୀକୁ ହଲଚଲ କରିଛି। ବାଲେଶ୍ୱର ବିଜେପିରେ ରବୀନ୍ଦ୍ରଙ୍କୁ ନେଇ ଅସନ୍ତୋଷର ଝଡ଼ ତୀବ୍ର ହେବାରେ ଲାଗିଛି। ରବୀନ୍ଦ୍ର ବିଜେପିରେ ଯୋଗ ଦେବାର ୪୮ ଘଣ୍ଟା ନପୂରୁଣୁ ଦଳ ଛାଡ଼ିଛନ୍ତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ସେ ସିଧାସଳଖ ଦଳର ମୂଲ୍ୟବୋଧକୁ ସମାଲୋଚନା କରିଛନ୍ତି। ସେପଟେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ମଧ୍ୟ ଖପ୍ପା।

ବିଜେପିରେ ରବୀନ୍ଦ୍ର ଜେନାଙ୍କ ମିଶ୍ରଣ ସମୟରେ ପ୍ରତାପ ନନାଙ୍କୁ ଷ୍ଟେଜ ଉପରେ ଦେଖିବାକୁ ମିଳିନଥିଲା। ଆଜି ସେ ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଦଳରେ ରବୀନ୍ଦ୍ରଙ୍କ ମିଶ୍ରଣ ନେଇ ତାଙ୍କୁ ଖାଲି ସୂଚନା ଦିଆଯାଇଥିଲା, ସହମତି ମଗାଯାଇନଥିଲା। ରବୀନ୍ଦ୍ରଙ୍କ ସହ ଦଳର କି ବୁଝାମଣା ହୋଇଛି, ସେ ସମ୍ପର୍କରେ ତାଙ୍କ ପାଖରେ କିଛି ବି ସୂଚନା ନାହିଁ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏପରିକି ରବୀନ୍ଦ୍ର ସାମିଲ ହେବା ପରେ ଦଳର ଲାଭ ହେବ, ➪ପୃଷ୍ଠା-୬

## ସ୍କୁଲରେ ମିଳିବ ଶାରୀରିକ ଶିକ୍ଷା

### ବିଧାନସଭାରେ ସୂଚନା ଦେଲେ ମନ୍ତ୍ରୀ



ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ଆଗାମୀ ଶିକ୍ଷା ବର୍ଷଠାରୁ ବିଦ୍ୟାଳୟ ସ୍ତରରେ ଶାରୀରିକ ଶିକ୍ଷା ପ୍ରଚଳନ କରାଯିବ। ଏନେଇ ଆଜି ବିଧାନସଭାରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଏରିକି ଶାରୀରିକ ଶିକ୍ଷା ନେଇ ପାଠ ପଢ଼ାଯିବ। ଜାତୀୟ ଶିକ୍ଷା ନୀତି ଅଧୀନରେ ଏହା କାର୍ଯ୍ୟକାରୀ କରାଯିବ। ଏଥିସହ ସେ କହିଛନ୍ତି ଯେ ଇତିମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟବସ୍ଥା ହୋଇସାରିଛି। ସେଠାରେ ଛାତ୍ରଛାତ୍ରୀଙ୍କ ➪ପୃଷ୍ଠା-୬



## କାନ ଡେରିଥା

ଅପରାଧ କରି ଦଳ
ବଦଳାଇ
ନେତା ହୋଇଗଲେ
ଧୋଇ
ଯେତେକୋଟି ଯିଏ ମାରି
ରଖିଥିଲେ
ପାଣିରେ ପଡିବ ନାହିଁ
ସୁନ୍ଦର ବିଚାର ଏଇ...
ପୁଳାଏ ମାରିକି ଟୋପି
ପିନ୍ଧିଦେଲେ
ରକ୍ଷା କରିଦେବେ ସାଇଁ ।

■ ଦେବାଶିଷ

### ରାଜ୍ୟସଭା ପଲିଟିକ୍ସ

# ଦିଲ୍ଲୀପଙ୍କ ଭୟ ନା ନେତାଙ୍କ ଉପରେ ନାହିଁ ଭରସା



ଭୁବନେଶ୍ୱର,୧୩ା୩(ସଂଚାର ବ୍ୟୁରୋ): ରାଜ୍ୟସଭା ଅଙ୍କ ପ୍ରତିଦିନ ନୂଆ ମୋଡ଼ ନେଉଛି। ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଜିତାଇବାକୁ ବିଜେଡି ଓ କଂଗ୍ରେସ ନେତାମାନେ ଛାତିପିଟି ଦାବି କରୁଥିଲେ ମଧ୍ୟ ଏବେ ନିଜ ଦଳର ନେତାଙ୍କ ଉପରେ ଭରସା ପାଉନି। ଧିରେ ଧିରେ ବିଜେଡିର ପ୍ରଥମ ପ୍ରାର୍ଥୀଙ୍କୁ ନେଇ ବି ଦଳ ଭିତରେ ଅନିଶ୍ଚିତତା ସୃଷ୍ଟି ହୋଇଥିବା ବିଜେଡି ଶିବିରରେ ଆଲୋଚନା ହେଉଛି। ପିସିସି ସଭାପତି ନିଜେ ୮ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁରେ 'ନଜରବନ୍ଦୀ' କରିଥିବା ବେଳେ ନବୀନ ଏବେ ସନ୍ଦେହରେ ଥିବା ନେତାଙ୍କୁ ନାଲି ଆଖି ଦେଖାଇବା ସ୍ଥିତିକୁ ଗଲେଣି। ତେବେ ଦୁଇ ପ୍ରମୁଖ ଦଳ ଭିତରେ ଏତେ ଭୟ କାହାକୁ? ଦିଲ୍ଲୀପଙ୍କ ରଣନୀତିକୁ ନେଇ ନା ନିଜ ଦଳର ନେତାଙ୍କ ଉପରେ ଆଉ ମଙ୍ଗୁଆଳଙ୍କ ଭରସା ପାଉନି, ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଓଡ଼ିଶା ରାଜନୀତିରେ ସମ୍ଭବତଃ ଏଭଳି ଘଟଣାକ୍ରମ ପ୍ରଥମ ଥର ଦେଖିବାକୁ ମିଳୁଛି। ଯଦିଓ ଦିଲ୍ଲୀପ ରାୟ ୨୦୦୨ରେ ସମାନ ଏକ ଟ୍ରିକରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜେଡି ଓ କଂଗ୍ରେସକୁ ମାତ ଦେଇ ଜିତିଯାଇଥିଲେ, ଏବେ କିନ୍ତୁ ରାଜନୈତିକ ସ୍ଥିତି ସମାନ ନୁହେଁ। ଦିଲ୍ଲୀପଙ୍କ ପାଇଁ ବି ଜିତାପଟ ସହଜ ନୁହେଁ ବୋଲି ଆକଳନ କରାଯାଉଛି। ହେଲେ କଂଗ୍ରେସ ଓ ବିଜେଡି ନେତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭୟ କେଉଁଠି ନା କେଉଁଠି ସଙ୍କେତ ଦେଉଛି ଯେ ପଦ୍ମ ଜାଲରେ ଛନ୍ଦି ହେଉଛନ୍ତି ଗୋଟିଏ ପରେ ଗୋଟିଏ ଶେଉଳ।

ନବୀନ ପଟ୍ଟନାୟକ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାଁ ଘୋଷଣା କରୁ କରୁ ପିସିସି ସଭାପତି ମିଳିତ ପ୍ରାର୍ଥୀ କହି ଡେଇଁ ପଡ଼ିଲେ। ଏପରିକି ଗଳା ଫଟେଇ କହିଲେ ଯେ କଂଗ୍ରେସର ୧୪ ଓ ସିପିଏମର ଗୋଟିଏ ଭୋଟ କୁଆଡ଼େ ବି ହଲଚଲ ହେବନି। ହେଲେ ଗୁରୁବାର ରାତିରେ ୧୩ରୁ ୧୬ ପର୍ଯ୍ୟନ୍ତ କେହି ଭୁବନେଶ୍ୱର ନଛାଡ଼ିବାକୁ ହ୍ୱିପ ଜାରି କରି ନିଜେ ୮ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁ ଚାଲିଗଲେ ପିସିସି ସଭାପତି। ସେଠି ➪ପୃଷ୍ଠା-୬

## ଦିନରେ ତଣ୍ଟିଆ, ରାତିରେ ମୁଣ୍ଡିଆ



ବିଜେଡି ରାଜନୀତି ଏବେ ଏକ ବିଚିତ୍ର ସ୍ଥିତିକୁ ଆସିଛି। ନବୀନ ପଟ୍ଟନାୟକଙ୍କ ଏଭଳି ଦୟନୀୟ ସ୍ଥିତି ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ରବୀନ୍ଦ୍ର ଜେନାଙ୍କୁ ଦଳ ଗତ କିଛି ବର୍ଷ ଧରି ଅବହେଳା କଲା। କାହା ପ୍ରରୋଚନାରେ ରବୀନ୍ଦ୍ରଙ୍କୁ ଦଳ ଏକଘରିକିଆ କଲେ ତାହା କାହାକୁ ଅଛପା ନୁହେଁ। ରବୀନ୍ଦ୍ର ବିଜେପିକୁ ଯିବା ପରେ ଏବେ ନବୀନଙ୍କ ଚିନ୍ତା ବଢୁଛି। ଯେଉଁଥିପାଇଁ ପ୍ରମିଳା ମଲ୍ଲିକ ସୁବାସିନୀଙ୍କୁ ନେଇ ଗତକାଲି ନବୀନ ନିବାସ ଗଲେ ଆଉ ନବୀନ ତାଙ୍କ ସହ କଥା ହେଲେ। ସେହିଭଳି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଦଳରୁ ଗୋଇଠା ମାରି ବହିଷ୍କାର କଲା ବେଳେ ଚିନ୍ତା କରି ନ ଥିଲେ। ଏବେ କାଳେ ତାଙ୍କ ବିଧାୟକ ପୁଅ ସୌଭିକ ବିଶ୍ୱାଳ କ୍ରସ ଭୋଟିଂ କରିବା ଭୟରେ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବ୍ୟୋମକେଶ ରାୟ, ଦିବ୍ୟଶଙ୍କର ମିଶ୍ର, ଅଧିରାଜ ପାଣିଗ୍ରାହୀଙ୍କ ସମେତ ୧୪ ଜଣ ବିଧାୟକ ଗତକାଲି ପ୍ରଭାତ ବିଶ୍ୱାଳଙ୍କ ଗୋଡ଼ ତଳେ ପଡ଼ିଛନ୍ତି। ପ୍ରଭାତ ବିଶ୍ୱାଳ ବି ନଛୋଡ଼ ବନ୍ଧା। ସଂତୃପ୍ତଙ୍କୁ କାହିଁକି ପ୍ରାର୍ଥୀ କରାଗଲା ଏବଂ କାହିଁକି ରାଜ୍ୟ ବାହାରେ ଦଳର ଆକାଉଣ୍ଟ ଖୋଲାଗଲା, ତା'ର ସ୍ପଷ୍ଟୀକରଣ ମାଗିଛନ୍ତି ପ୍ରଭାତ।

# ଆଳିଜଙ୍ଗର ହୁଣ୍ଡା ଆନ୍ତଃଜିଲ୍ଲା ମାଟି ମାଫିଆ

## ପ୍ରଶାସନର ଛତ୍ରଛାୟା ତଳେ ରହି ଚଳାଇଛି ନିଜର କଳା ସାମ୍ରାଜ୍ୟ



ଗରଦପୁର,୧୩।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଳିଜଙ୍ଗ ଗ୍ରାମପଞ୍ଚାୟତ ନିବାସୀ ହୁଣ୍ଡା ନାମକ ବ୍ୟକ୍ତି ଏବେ ସାଜିଛି ଅନ୍ତଜିଲ୍ଲା ମାଟି ମାଫିଆ। ଆପଣ ମାନେ ଆଗରୁ ଅନ୍ତଜିଲ୍ଲା ଡକାୟତ ମାନଙ୍କ ବିଷୟରେ ସୁଣିଥିବେ କିନ୍ତୁ ମାଟି ମାଫିଆ ମାନଙ୍କ ମଧ୍ୟରେ ରହି ହୁଣ୍ଡା ନାମକ ବ୍ୟକ୍ତି ଏବେ ଅନ୍ତଜିଲ୍ଲା ମାଟି ମାଫିଆ ସାଜି ନିଜ ଅଞ୍ଚଳ କେନ୍ଦ୍ରାପଡା ସମେତ ଜଗତସିଂପୁର, ଯାଜପୁର, କଟକ ଜିଲ୍ଲାରେ ନିଜର କାୟା ବିସ୍ତାର କରି ଚାଲିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ମାଟି ଚାଲାଣ ଏକ ବେଆଇନ୍ କାର୍ଯ୍ୟ ବୋଲି ଘୋଷଣା ହୋଇଥିବା ବେଳେ ଏହି କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଥାନା ଆଳିଜଙ୍ଗର ହୁଣ୍ଡା ଏବେ ଚୋରା ମାଟି ଚାଲାଣ କରି ନିଜ ଜିଲ୍ଲା ସମେତ ଆଖ ପାଖ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଗୋଚର,ଦଣ୍ଡା, ସରକାରୀ କେନାଲ,ନଦୀ ପଠାରୁ ହଜାର ହଜାର ଟ୍ରିପ୍ ମାଟି ତାଡ଼ି ଠିକାଦାର ମାନଙ୍କୁ ମୋଟା ଅଙ୍କରେ ବିକ୍ରୀ କରି ମାଲେମାଲ୍ ହେଉଛି।।

ସେପଟେ କୁଦାନଗରରୀ, ଗରଦପୁର,ପାଟକୁରା ଥାନା ଠାରୁ ଆରମ୍ଭ କରି କଟକ ଜିଲ୍ଲା କିଶନଗର,ନେମାଳ ଥାନା ଓ ନରେନ୍ଦ୍ରପୁର ଓ ମାହାଳହାଟ ଫାଣ୍ଡି ଏବଂ ଜଗତସିଂହପୁର ଜିଲ୍ଲାର ପୋଲିସ ପ୍ରଶାସନ ଏହି କୁଖ୍ୟାତ ଅନ୍ତଜିଲ୍ଲା ମାଟି ମାଫିଆ ଠାରୁ ମୋଟା ଅଙ୍କର ହାତଗୁଂଜା ନେଇ ସବୁ ଜାଣି ଶୁଣି ନିରବଦ୍ରଷ୍ଟା ସାଜିଥିବା ବେଳେ କେନ୍ଦ୍ରାପଡ଼ାର ଗରଦପୁର ଓ କଟକ ଜିଲ୍ଲାର କିଶନନଗର ତହସିଲରେ କାର୍ଯ୍ୟରତ ମୁନାଫାଖୋର ପ୍ରସାସନିକ ଅଧିକାରୀ ମାନେ ଏହି ଅନ୍ତଜିଲ୍ଲା ହୁଣ୍ଡା ନାମକ ମାଟି ମାଫିଆକୁ ଏକ ପ୍ରକାରର ପ୍ରୋତ୍ସାହନ ଯୋଗାଉଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହି କୁଖ୍ୟାତ ମାଟି ମାଫିଆ ହୁଣ୍ଡା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମପଞ୍ଚାୟତ ଚିତ୍ରୋତ୍ପଳା ନଦୀ ବାମ ପାର୍ଶ୍ୱଦେଇ ପୁଦାଳ କେନାଲ ଓ ନଦି ବନ୍ଧରୁ ଶହ ଶହ ଟ୍ରିପ୍ ମାଟି ଜେସିପି ଦ୍ୱାରା ଟ୍ରାକ୍ଟର ଯୋଗେ ନିଜ କେନ୍ଦ୍ରାପଡା ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲାକୁ ବୋହି ନେଉଥିବା ଦେଖିବାକୁ ମିଳିଛି। ଏହାକୁ ସ୍ଥାନୀୟ ଲୋକମାନେ ବିରୋଧ କରିବାରୁ ସେ ସ୍ଥାନୀୟ ଲୋକଙ୍କୁ ବନ୍ଧୁକରେ ଉଡାଇ ଦେବା ଭଳି କଥା କହି ଧମକ ଦେବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେବେ କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲା ଭଳି ରାଜ୍ୟର ପ୍ରମୁଖ ଉନ୍ନତ ବହୁଳ ଜିଲ୍ଲା ଅଞ୍ଚଳରେ ଏହି ହୁଣ୍ଡା ନାମକ ବ୍ୟକ୍ତି ଭଳି ଏକ କୁଖ୍ୟାତ ମାଟି ଚାଲାଣକାରୀ ମାଫିଆ ବିରୋଧରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ତହସିଲ ଓ ପୁଲିସ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସଧାରଣରେ ଦାବୀ ଜୋର୍ ଧରିଛି।

## ଅଗ୍ନି ବିପନ୍ନଙ୍କୁ ସଂକଳ୍ପ ସେବା ଫାଉଣ୍ଡେସନର ସହାୟତା



ଗରଦପୁର,୧୩।୩ (ସଂଚାର ବ୍ୟୁରୋ)ଃ ସଂକଳ୍ପ ସେବା ଫାଉଣ୍ଡେସନ୍ ପକ୍ଷରୁ ଅଗ୍ନି ବିପନ୍ନ ପରିବାରକୁ ଭେଟି ଶୁଖିଲା ଖାଦ୍ୟ, ଗ୍ରୋସରୀ ସାମଗ୍ରୀ ସମେତ ବସ୍ତ୍ର ପ୍ରଦାନ କରାଯାଇଅଛି। ପ୍ରକାଶ ଥାଉକି ଗତ ଦୁଇ ଦିନ ତଳେ ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଗ୍ରାମରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ପାଞ୍ଚଗୋଟି ପରିବାରର ପ୍ରାୟ ୭ ବଖରା ଘର ସଂପୁର୍ଣ୍ଣ ଜଳି ପାଉଁସ ହୋଇଯାଇଥିଲା। ଆଜି ଏ ସମ୍ପର୍କରେ ଖବର ପାଇ ସଂକଳ୍ପ ସେବା ଫାଉଣ୍ଡେସନ, ତେନ୍ତୋନ ପକ୍ଷରୁ ଶାଶ୍ୱତ ବିଶ୍ୱାଳ,ରାହୁଲ ବେହେରା ,ଆନନ୍ଦ ମହାପାତ୍ର ଓ ବିଶାଳ ସ୍ୱାଇଁ ପ୍ରମୁଖ ଅଗ୍ନି ବିପନ୍ନ ପରିବାରକୁ ଭେଟି ସହଯୋଗର ହାତ ବଢାଇଥିଲେ। ସଂଗଠନର ଏତାଦୃଶ ସେବାମୂଳକ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଅଳପୁଆ ମଦ ଦୋକାନ ଉଠାଇବା ନିମନ୍ତେ ପୁନଃ ଅଭିଯୋଗ




କେନ୍ଦ୍ରାପଡ଼ା,୧୩।୩ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଗ୍ରାମ ପଂଚାୟତ ମଧ୍ୟ ଭାଗରେ ଦାମୋଦର ପାଟଣା ଜଗନ୍ନାଥପୁର ମୁଖ୍ୟ ରାସ୍ତା ଦେଇ ଯାଇଛି । ଅଳପୁଆ ମୁଖ୍ୟ ରାସ୍ତା କଡ଼ରେ ଏକ ସରକାରୀ ମଦ ଦୋକାନ ଥିବାରୁ ନାହିଁ ନ ଥିବା ବିଶୃଙ୍ଖଳା ହେଉଅଛି। ମଦ ବିକ୍ରି ହେତୁ କେତକ ନିରୀହ ପରିବାର ଉଜୁଡି ଯିବା ସହିତ ଧୋୟା ଅଂଚଳ ରେ ଚୋରି ଡକାୟତି ପରି ଅସାମାଜିକ କାର୍ଯ୍ୟ ଦିନ କୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ଅଳପୁଆ ଉଚ୍ଚ ବିଦ୍ୟାଳୟ, କାଶୀନାଥ ମହାବିଦ୍ୟାଳୟ ଓ ବ୍ରାହ୍ମଣୀ ମହାବିଦ୍ୟାଳୟକୁ ଶହ ଶହ ଛାତ୍ର ଛାତ୍ରୀ ଉକ୍ତ ରାସ୍ତା ଦେଇ ଯିବା ବେଳେ ମଦ୍ୟପ ମାନଙ୍କ ଅଶାଳୀନ ଇଙ୍ଗିତ ର ଶିକାର ହେଉଛନ୍ତି । ଅଳପୁଆ ପଂଚାୟତ, ରାଜସ୍ୱ କାର୍ଯ୍ୟାଳୟ କି ମେଡିକାଲ ଯିବାକୁ ଝିଅ ବୋହୁମାନେ ସୁରକ୍ଷିତ ମନେ କରୁନାହାନ୍ତି। ଉକ୍ତ ମଦ ଦୋକାନ ବନ୍ଦ ପାଇଁ ପୂର୍ବରୁ ବୋହୁ ଦାବି ହେଉଥିଲେ ବି ପ୍ରଶାସନ ଚୁପ ରହିବା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛି । ଅଂଚଳର ବୁଦ୍ଧିଜୀବୀ, ଅବସର ସଂଘ, ଛାତ୍ର ସଂଗଠନ ମଦ ଦୋକାନ ବନ୍ଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଆଗାମୀ ଦିନ ରେ ଯଦି ସରକାର କି ପ୍ରଶାସନ କୌଣସି ପଦକ୍ଷେପ ନ ନିଅନ୍ତି ଜନ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଅବରୋଧ କେନାଲ ଖୋଲିବା ପାଇଁ ଦାବି



କେନ୍ଦ୍ରାପଡ଼ା,୧୩।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ନଗଡ ରାଜସ୍ୱ ଗ୍ରାମ ପାଶ୍ୱର୍ରେ ବ୍ରାହ୍ମଣୀ ନଦୀ ଠାରୁ ବାହାରି ଥିବା କେନାଲକୁ ସ୍ଥାନୀୟ କିଛି ମୁଷ୍ଟିମେୟ ବ୍ୟକ୍ତି ଅବରୋଧ କରିଛନ୍ତି । ଏନେଇ ସ୍ଥାନୀୟ ଅଂଚଳର ଶହ ଶହ ଚାଷୀ ଓ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କେନାଲ ଦ୍ୱାରା ହଜାର ହଜାର ଚାଷୀଙ୍କ ଚାଷ ଜମିକୁ ପାଣି ଯାଇଥାଏ। ଏହାଦ୍ୱାରା ଖରିଫ ଓ ରବି ଫସଲ ମଧ୍ୟ ସୁରୁଖୁରୁରେ ଉତ୍ପାଦନ କରୁଥାଉ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ନଗଡ ରାଜସ୍ୱ ଗ୍ରାମ ଠାରେ କିଛି ମୁଷ୍ଟିମେୟ ଓ ନୈର୍ଥସ୍ୱାର୍ଥ ବ୍ୟକ୍ତି କେନାଲକୁ ପୁନଃମାତ୍ରାରେ ଅବରୋଧ କରିଛନ୍ତି । ଯାହା ଫଳରେ କେନାଲରେ ପାଣି ଯିବା ଆସିବା ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ଏହି କେନାଲରେ ଦଳ ଭର୍ତି ହେବା ଦ୍ୱାରା ପରିବେଶ ନଷ୍ଟ ହେବା ସହ ଦୁର୍ଗନ୍ଧ ହେଉଛି । ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରିବା ସହ କେନାଲକୁ ଅବରୋଧ ମୁକ୍ତ କରିବା ପାଇଁ ଦିଲିପ କୁମାର ସିହ, ଅରବିନ୍ଦ ପାତ୍ର, ଶରତ ରାଉତ, ଖତୁ ମଲିକ ପ୍ରମୁଖ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

## ନୀଳାଚଳ ଇସ୍ପାତ ନିଗମରେ ଅନ୍ତର୍ଜାତୀୟ ମହିଳା ଦିବସ



ଯାଜପୁର,୧୩।୩ (ସଂଚାର ବ୍ୟୁରୋ)ଃ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ବେଶ୍ ଧୁମଧାମରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନଆଇଏନଏଲ୍ ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦ୍ମପାଳଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମର କେକ୍ କଟାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମହିଳା କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିନେଇ ପ୍ଲାଣ୍ଟ ପରିସର ଉତ୍ସବ ମୁଖର ଉଠିଥିଲା। ମହିଳା କର୍ମଚାରୀମାନଙ୍କ ଏଭଳି ପଦକ୍ଷେପକୁ ପଦାଧିକାରୀମାନେ ପ୍ରଶଂସା କରିଥିଲେ।

## ବଳିଭଣ୍ଡା-ଉଜାଙ୍ଗ ରାସ୍ତା କାମରେ ଅନିୟମିତତା ଅଭିଯୋଗ

### ମାସକରେ ପିଚୁ ହେଁସ ମସିଣା ଭଳି ଗୁରେଇ ହୋଇ ପଡୁଛି



ରାଜକନିକା,୧୩।୩ (ସଂଚାର ବ୍ୟୁରୋ)ଃ ହେଁସ ମସିଣା ଗୁରେଇ ହେବା ସମସ୍ତେ ଦେଖିଛନ୍ତି । ହେଲେ ପିଚୁ ରାସ୍ତା ଗୁରେଇ ହେବାର ବୋଧହୁଏ କେହି ଦେଖି ନ ଥିବେ। ଏଭଳି ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି ରାଜକନିକା ବ୍ଲକ ବଳିଭଣ୍ଡା -ଉଜାଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ।

ଅଭିଯୋଗ ଅନୁସାରେ ମାସକ ତଳେ ୪.୨ କିଃମିର ପିଚୁ କାମ ସରି ଯାଇଚି।ପିଚୁ କାମରେ ଅନିୟମିତତା ସେତେବେଳେ ବେଶ୍ ଚର୍ଚ୍ଚାର ପରିଧିକୁ ଆସିଥିଲା।ମାଟି ଉପରେ ପିଚୁ ଢଳା ଯାଇଥିଲା।ତା ସହ କେତେକ ସ୍ଥାନରେ ତଳେ ଡଷ୍ଟ୍ ଗୋଡିକୁ ପାଣି ନ ପକେଇ କିମ୍ବା ରୋଲର୍ ନ ଚଳେଇ ତା ଉପରେ ପିଚୁ ପକା ଯାଇଛି। ଏମିତିକି ରାତିରେ ବି ପିଚୁ ପକା ଯାଇ ଅତି ତରବରିଆ ଭାବେ କାମ ସାରି ଦିଆ ଯାଇଛି। ହେଲେ ଏବେ କିନ୍ତୁ ସବୁ ତ୍ରୁଟି ପଦାକୁ ଆସିଲାଣି।ଅତି ନିମ୍ନମାନର କାମ ହେବା ଦ୍ୱାରା ପିଚୁ ଏବେ ହାତରେ ଉଠି ଯାଉଛି। ତାହା ପୁଣି ଗୁରେଇ ତୁରେଇ ହୋଇ। ଆଗାମୀ ବର୍ଷା ଆଉ ବନ୍ୟା ଦାଉରୁ ଏହି ରାସ୍ତାବସ୍ଥା କେମିତି ହେବ ତାହା ଅନୁମେୟ। ତା ସହିତ ହାତରେ ରାସ୍ତାଟି ଗୁଡେଇ ହେବାରୁ ଏହାର ସ୍ଥାୟୀତ୍ୱ ପ୍ରତି ବି ସନ୍ଦେହ ପ୍ରକାଶ ପାଇଲାଣି। ଠିକାଦାର,ଯନ୍ତ୍ରୀଙ୍କ ସଲାସୁତୁରାରେ ରାସ୍ତାକାମ ଏଭଳି ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେବା ବେଳେ ବିଭାଗୀୟ ଉଚ୍ଚାଧିକାରୀ ଏ ନେଇ ତୁରନ୍ତ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ହାଇଦ୍ରାବାଦରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାଜନଗର,୧୩।୩ (ସଂଚାର ବ୍ୟୁରୋ)ଃ ରାଜନଗର ବ୍ଲକ ବ୍ରାହ୍ମଣସାହି ପଚାଂୟତ ଗଜରାଜପୁର ଗ୍ରାମର ନରହରି ଦାସଙ୍କ ପୁଅ ନୃସିଂହ ଦାସ(୪୬) ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ରଡ ବାଇଡିଂ କାମ କରୁଥିଲେ । ଗତ ମଙ୍ଗଳବାର ଦିନ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ ସେ ବଚୁପଲୀ ଥାନା ଅନ୍ତର୍ଗତ ଗୋପନପାଲୀରେ ରୁହନ୍ତି। ମଙ୍ଗଳବାର ଦିନ ରାତିରେ ଶୋଇଥିଲେ । ସକାଳେ ଅନ୍ୟ ଶ୍ରମିକମାନେ କାମକୁ ଚାଲି ଯାଇଥିଲେ । ମଧ୍ୟାହ୍ନରେ ଅନ୍ୟ ଶ୍ରମିକମାନେ ବସାକୁ ଫେରି ନୃସିଂହ ଶୋଇଥିବା ଦେଖି ତାଙ୍କୁ ଡ଼ାକିଥିଲେ ମାତ୍ର ନୃସିଂହ ଉଠିନଥିଲେ । ପ୍ରବାସୀ ଶ୍ରମିକମାନେ ସ୍ଥାନୀୟ ଥାନାକୁ ଜଣାଇବା ସହିତ ନୃସିଂହକୁ କାମକୁ ଆଣିଥିବା ମଣିଷ ସର୍ଦ୍ଦାର ପ୍ରତାପ ମଲିକଙ୍କୁ ମଧ୍ୟ ଜଣାଇଥିଲେ । ପୋଲିସ ଶବ ଜବତ କରି ବ୍ୟବଛେଦ କରିଛି। ମୃତ୍ୟୁର କାରଣ ଜଣାପଡିନାହିଁ। ଖବରପାଇ ମୃତ ନୃସିଂଙ୍କ ପତ୍ନୀ ମିନତୀ ଦାସ ସ୍ୱାମୀଙ୍କ ଶବକୁ ଆଣିବାକୁ ହାଇଦ୍ରାବାଦ ଯାଇଥିବା ଜଣାପଡିଛି । ମୃତ ନୃସିଂହଙ୍କର ବାର ଓ ଆଠ ବର୍ଷର ଦୁଇ ପୁଅ ଅଛନ୍ତି । ନୃସିଂହ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କୁ ହରାଇ ପରିବାର ସହ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଥାଉକି, ରାଜନଗର ଅଂଚଳର ଲୋକମାନେ କାମଧନ୍ଦା ନପାଇ ହଜାର ହଜାର ସଂଖ୍ୟାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାଳରେ ମୃତ୍ୟୁବରଣ କରିବା ଘଟଣା ଦାଦନ ଯନ୍ତ୍ରଣାକୁ ପୁଣି ଥରେ ପଦାକୁ ଆଣିଛି ।

## ଜିଲ୍ଲା ସ୍ତରୀୟ ଜମି ମୂଲ୍ୟାଙ୍କନ କମିଟି ବୈଠକ

କେନ୍ଦ୍ରାପଡା,୧୩।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଜମି ମୂଲ୍ୟାଙ୍କନ କମିଟି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ), ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, ଜିଲ୍ଲା ସବ୍ ରେଜିଷ୍ଟ୍ରାର, ଜିଲ୍ଲାର ସମସ୍ତ ତହସିଲଦାର, ଆଡସିନାଲ ତହସିଲଦାର, ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜମି ମୂଲ୍ୟାଙ୍କନ ପାଇଁ କୋଣସି ଆପତି ଅଭିଯୋଗ ଥିଲେ ତାହା ୧୪ ଦିନ ଭିତରେ ଜବାବ ଦେବାକୁ ଅନୁରୋଧ କରାଯାଇ ଥିଲା। ଏଥିରେ ମୋଟ୍ ଜିଲ୍ଲାର ବିଭିନ୍ନ ଅଂଚଳରୁ ୨୦ ଗୋଟି ଅଭିଯୋଗ ଆସିଥିଲା । ପ୍ରତ୍ୟେକ ଅଭିଯୋଗ ଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି କମିଟିର ସୁପାରିଶ କ୍ରମେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

## ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଗ୍ୟାସ ଡିପୋ ଓ ତେଲ ଟାଙ୍କି ଉପରେ ଚଢାଉ



ଡେରାବିଶ,୧୩।୩ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଯୋଗାଣ ନୀରିକ୍ଷକ ସ୍ୱରୁପ କୁମାର ଦାସ ଆଜି ବ୍ଲକ ଅଧିନସ୍ଥ ଛତା ସ୍ଥିତ ବନମାଳୀ ଗ୍ୟାସ ଏଜେନ୍ସି ଓ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁଇଟି ପେଟ୍ରୋଲ ପମ୍ପରେ ଚଢାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ତେଲ ଟାଙ୍କି ଗୁଡିକରେ ଗଚ୍ଛିତ ଥିବା ପେଟ୍ରୋଲ ଓ ଡିଜେଲର ପରିମାଣ ଯାଞ୍ଚ କରିବା ସହ ପ୍ଲାଷ୍ଟିକ ବୋତଲ ଓ ଜାରରେ ତେଲ ବନ୍ଦ ନେଇ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ସୁଚନାଯୋଗ୍ୟ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ବିଭିଷିକା ପାଇଁ ତୈଳ ଓ ଗ୍ୟାସ ସଙ୍କଟ ଦେଖାଦେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସାଧାରଣରେ ଆତଙ୍କ ଦେଖାଦେଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ବ୍ୟକ୍ତି ଭୟଭିତ ନହେବାକୁ ସୂଚନା ଦିଆଯାଇଥିବା ବେଳେ ପ୍ରତ୍ୟେକ ବ୍ଲକ ଯୋଗାଣ ନିରିକ୍ଷକ ବିଭିନ୍ନ ଗ୍ୟାସ ଡିପୋ ଓ ତେଲ ଟଙ୍କି ଯାଞ୍ଚ କରିବା ସହ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ ରହିବା ସହ ଭୟଭିତ ନହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଲିଫ୍ଟ ଦେଇ ଲୁଟିନେଲେ ଭିନ୍ନକ୍ଷମ ମହିଳାଙ୍କ ଭତ୍ତା ଟଙ୍କା

ରାଜନଗର,୧୩।୩ (ସଂଚାର ବ୍ୟୁରୋ)ଃ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ବାଇକରେ ଲିଫ୍ଟ ଦେଇ ତାଙ୍କ ଠାରୁ ଭତ୍ତା ଟଙ୍କା ଲୁଟି ନେବା ସହ ରାସ୍ତା କଡ଼ରେ ଠେଲି ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସସ୍ମିତା ରାଉତ (୩୭) ଜଣେ ଭିନ୍ନକ୍ଷମ ମହିଳା ରାଜନଗର ବ୍ଲକ କୋଇଲିପୁର ଗ୍ରାମରେ ତାଙ୍କ ବାପଘର । କେନ୍ଦ୍ରାପଡ଼ା ବ୍ଲକ ବଡ଼ଗାଁରେ ସେ ବିବାହ କରିଛନ୍ତି। ସୁଭଦ୍ରା ଟଙ୍କା ଉଠାଇବା ପାଇଁ ନିଜ ବାପଘର କୋଇଲିପୁର ଆସିଥିଲେ। ବାପଘରୁ ରାଜନଗର ଷ୍ଟେଟ ବ୍ୟାଙ୍କକୁ ଆସି ସୁଭଦ୍ରା ଟଙ୍କା ଆସିଛି କି ନାହିଁ ବୁଝିଥିଲେ। ସୁଭଦ୍ରା ଟଙ୍କା ଆସିନଥିବାରୁ ଭତ୍ତା ଟଙ୍କା ୧୧୦୦ ଉଠାଇ ଯାଉଥିବା ସମୟରେ କୁନ୍ଦୁପୁର ନିକଟରେ ଜଣେ ଯୁବକ ତାଙ୍କୁ ବାଇକରେ ଲିଫ୍ଟ ଦେଇଥିଲେ। କିଛି ବାଟ ଯିବାପରେ ସଂପୃକ୍ତ ଯୁବକ ତାଙ୍କ ଠାରୁ ସବୁକଥା ପଚାରି ବୁଝିଥିଲେ। ଏହାପରେ ତାଙ୍କ ଠାରୁ ୧୧୦୦ଟଙ୍କା ଛଡ଼ାଇନେବା ସହ ତାଙ୍କୁ ରାସ୍ତା କଡ଼କୁ ଠେଲି ଦେଇ ଚାଲିଯାଇଥିଲେ।

## ତିନି ଚୋର ଗିରଫ, ସୁନା ଅଳଙ୍କାର ଜବତ



ମାହାଙ୍ଗା,୧୩।୩ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ଥାନା ଅଧିନ କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ମଧୁପୁର ପଞ୍ଚାୟତ ବେନୁପୁରା ଗ୍ରାମର ରତିକାନ୍ତ ଜେନାଙ୍କ ଗତ ୨୩ ତାରିଖ ବିଳମ୍ବିତ ରାତିରେ ତାଙ୍କ ଘରର କବାଟ ତାଲା ଭାଙ୍ଗି ଦୁର୍ବୃତ ମାନେ ସୁନା ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟ କରିଥିବା ନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତି କରି ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଏହି ଚୋରି ଘଟଣାର ଅନୁସନ୍ଧାନ କରାଯିବା ସହ ଚୋରି ଘଟଣାରେ ଜଡିତ ପଟ୍ଟାମୁଣ୍ଡାଇ ମାଟିଆପାଳ ଗ୍ରାମର ବାବୁନି ଦାସଙ୍କ ପୁଅ ଅର୍ଜୁନ ଦାସ (୨୧), ଆଳି ଥାନା ସିଙ୍ଗଡି ଗ୍ରାମର ସନାତନ ଦାସଙ୍କ ପୁଅ ସାଜନ ଦାସ (୨୩)କୁ ଗିରଫ କରିବା ସହିତ ୨୦ ହଜାର ଟଙ୍କା ସହ ୧୯ ଗ୍ରାମ ଓଜନର ରୂପା ଅଳଙ୍କାର ସହ ୨ଟି ସୁନା ଚେନ, ୨ଟି ସୁନା ମୁଦି ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଚୋରି ଜିନିଷ କିଣିଥିବା ବଡଚଣା ଅଞ୍ଚଳର ସୁନା ବ୍ୟବସାୟୀ ମହେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ଏକ ସ୍ଥାନରେ ଡକାୟତ କରିବା ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନିର୍ଦ୍ଦେଶ କ୍ରମେ ମାହାଙ୍ଗା ଆଇଆଇସି ଶ୍ରୀ ଦାସ ଓ ତାଙ୍କ ଟିମ ଚଢାଉ କରି ଦୁର୍ବୃତଙ୍କୁ କାବୁ କରିଥିବା ନେଇ ଥାନା ସୂତ୍ରରୁ ଜଣାଯାଇଛି। ଏହି ଦୁର୍ବୃତଙ୍କ ନାମରେ ଆଳି, ନିକିରାଇ, ପଟ୍ଟାମୁଣ୍ଡାଇ, ନେମାଳ, ସାଲେପୁର ଆଦି ଥାନାରେ ୧୯ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବା ଏସଡିପିଓ ଶ୍ରୀ ପତି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ଥାନା କେସ ନଂ ୬୭/୨୬ରେ କୋର୍ଟ ଚାଲାଣ କରାଯାଇଛି।

## ବେଲପାଳରେ ସରପଞ୍ଚ ଦାୟିତ୍ୱ ସମ୍ଭାଳିଲେ ନାଏବ ସରପଞ୍ଚ



ରାଜନଗର,୧୩।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ପଂଚାୟତର ରାଜନୀତି ଘଡିକେ ଘୋଡା ଛୁଟୁଛି । ସରପଂଚ ତିଳୋତମା ବରାଳ ଆସ୍ଥା ଭୋଟରେ ପଦ ହରାଇବା, ନାଏବ ସରପଞ୍ଚ ସରପଞ୍ଚ ଦାୟିତ୍ୱ ନେବା ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ବେଲପାଳ ପଂଚାୟତର ନାଏବ ସରପଞ୍ଚଙ୍କ ସହିତ ୭ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ପଦରୁ ବହିଷ୍କାର କରିବା ପରେ ବେଲପାଳ ପଞ୍ଚାୟତରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିଲା । ଫେବୃୟାରି ୨୦୨୫ରେ ବେଲପାଳ ପଞ୍ଚାୟତରେ ୪ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ମାଳତି ବିଶ୍ୱାଳଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ମାନ୍ୟବର ଉଚ୍ଚ ନ୍ୟାୟଳୟ, ଓଡିଶା ନାଏବ ସରପଞ୍ଚ ସମେତ ୫ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ସଭ୍ୟ ପଦ ବଜାୟ ରଖିଥିଲେ। ଆଜି ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଏବ ସରପଞ୍ଚ ପୁନର୍ବାର ଦୀର୍ଘ ୧ ବର୍ଷ ସରପଞ୍ଚ ଭାବେ ଦାୟିତ୍ୱ ନେବା ପରେ ବେଲପାଳରେ ରାଜନୈତିକ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ୨୦୨୪ ଡିସେମ୍ବର ୧୧ ତାରିଖ ଦିନ ସରପଞ୍ଚ ତିଳୋତ୍ତମା ବରାଳ ଅନାସ୍ଥା ଭୋଟରେ ପଦ ହରାଇଥିଲେ।

## ବିପଦସଂକୁଳ ଅବସ୍ଥାରେ ସହକାରୀ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ



ଯାଜପୁର ରୋଡ଼,୧୩।୩(ସଂଚାର ବ୍ୟୁରୋ)ଃବ୍ୟାସନଗର ପୌରାଂଚଳ ଯାଜପୁର ରୋଡ଼ ଥାନା ନିକଟସ୍ଥସହକାରୀ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଗୃହ ବିପଦ ସଂଙ୍କୁଳ ଅବସ୍ଥାରେ ଦିର୍ଘଦିନ ଧରି ପଡ଼ିରହିଛି । ଜନସାଧାରଣଙ୍କ ଲାଗି ମାପ ସେବା ପ୍ରଦାନ କରୁଥିବା ପ୍ରତିଦିନ କାର୍ଯ୍ୟରତ ଏଠାକାର କର୍ମଚାରୀଙ୍କ ଜୀବନ ସୁରକ୍ଷା ପାଇଁ ଏହି ବିପଦ ସଂଙ୍କୁଳ ଗୃହକୁ ତୁରନ୍ତ ଭାଙ୍ଗି ସେହି ସ୍ଥାନରେ ନୂତନ ଗୃହ ନିର୍ମାଣ କରିବାକୁ ଅଂଚଳର ଜନତାମାନେ ଦାବି କରିଛନ୍ତି । ଏହି କାର୍ଯ୍ୟାଳୟର ଗୃହ ଛାତତଳୁ ସିମେଟ କଂକ୍ରିଟ୍ ଥୋଲା ଥୋଲା ହୋଇ ଖସିବା ସହିତ କାନ୍ଥ ଦୁର୍ବଳ ଅବସ୍ଥାରେ ରହିଥିବାରୁ କାହାର ଯଦି କ୍ଷତି ହୁଏ ତାହାଲେ ଦାୟୀ କିଏ ହେବ ବୋଲି ଜନତାମାନେ ପ୍ରଶ୍ନ କରିଛନ୍ତି । ତେଣୁ ଯେ କୌଣସି ପ୍ରକାର ସରକାରୀ ସହାୟତା ଆଣି ବିପଦ ସଂଙ୍କୁଳ ଗୃହକୁ ପୁନଃରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହେଉଛି।

## ୧୧୩ କୋଟି ଖର୍ଚ୍ଚ ପରେ ବି ଖୋଲିଲାନି ବିଜ୍ଞାନ ଏକାଡେମି

● ବିକାଶ ମଡେଲ୍ ଉପରେ ଉଠିଲା ବଡ଼ ପ୍ରଶ୍ନ ● ଅଧୁରା ପ୍ରକଳ୍ପକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ



ଯାଜପୁର ଟାଉନ୍, ୧୩।୩ (ସଂଚାର ବ୍ୟୁରୋ)ଃ ଯାଜପୁରରେ ବିକାଶ ନାମରେ ଖଣିଜ ପାଣ୍ଠି ବ୍ୟୟ ନେଇ ଯାଜପୁର ଜିଲ୍ଲାରେ ପୁଣିଥରେ ଗୁରୁତର ପ୍ରଶ୍ନ ଉଠିଛି। ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି (ଡିଏମ୍ଏଫ)ରୁ ୧୧୩ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ଓ କାରିଗରୀ କେନ୍ଦ୍ର ଆଜି ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଷଠିପୁର ଛକ ନିକଟରେ ନିର୍ମିତ ଏହି ଭବ୍ୟ ପ୍ରକଳ୍ପ ବର୍ତ୍ତମାନ ଅବହେଳାରେ ପଡ଼ି ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ଆଧୁନିକ ବୈଜ୍ଞାନିକ ଉପକରଣ ଓ ବିଦେଶୀ କାରିଗରଙ୍କ ତିଆରି ବିଭିନ୍ନ କଳାକୃତି ଦୀର୍ଘଦିନ ଧରି ବ୍ୟବହାର ନ ହେବାରୁ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଏତେ ବଡ଼ ପ୍ରକଳ୍ପ ହୋଇଥିଲେ ମଧ୍ୟ ଏହାର ସଠିକ୍ ସ୍ଥିତି, ପରିଚାଳନା ବ୍ୟବସ୍ଥା କିମ୍ବା ଭବିଷ୍ୟତ ଯୋଜନା ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ମିଳୁନଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (ସିଏମ୍ଏସ୍ଏ), ଡିଏମ୍ଏଫ ଓ ଓମ୍ବାଡ୍ସି ମାଧ୍ୟମରେ ପ୍ରାୟ ୬୫୬୬ କୋଟି ଟଙ୍କାର ଅନୁଦାନ ଆସିଥିବା କୁହାଯାଉଛି। ଏହାସହ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକର ସିଏସ୍ଆର ଓ ଏସ୍ଆର୍ସି ମାଧ୍ୟମରେ ମଧ୍ୟ ଅନେକ ବିକାଶମୂଳକ ପ୍ରକଳ୍ପ ଗ୍ରହଣ କରାଯାଇଥିଲା।କିନ୍ତୁ ବାସ୍ତବ ଚିତ୍ର ହେଉଛି, ଜିଲ୍ଲାରେ ନିର୍ମିତ ଅନେକ ପ୍ରକଳ୍ପ ଏବେ ମଧ୍ୟ ଅଧୁରା କିମ୍ବା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଷଠିପୁରରୁ ଯାଜପୁର ସହର ପର୍ଯ୍ୟନ୍ତ ଏପରି ଅନେକ ପ୍ରକଳ୍ପ ରହିଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଏହାକୁ ନେଇ ସାଧାରଣ ଲୋକମାନେ ପ୍ରଶ୍ନ କରୁଛନ୍ତି — "୧୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ଏକାଡେମି କେବେ ଲୋକଙ୍କ ପାଇଁ ଖୋଲିବ ?"ବଡ଼ ଅର୍ଥବ୍ୟୟ ସତ୍ତ୍ୱେ ପ୍ରକଳ୍ପଟି ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ନହୋଇ ରହିଥିବା ଘଟଣାକୁ ନେଇ ବିକାଶ ଯୋଜନାର ସ୍ୱଚ୍ଛତା ଓ ପ୍ରଶାସନିକ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି।

## ସରକାରୀ ସହାୟତା ଅପେକ୍ଷାରେ ୧୧ ପରିବାର



କୋରେଇ,୧୩।୩(ସଂଚାର ବ୍ୟୁରୋ)ଃ କୋରେଇ ବ୍ଲକ୍ ଅନ୍ତର୍ଗତ ଅମୃତିଆ ପଂଚାୟତ ଦୈଦାସ ପାଟଣା କମାରସାହିର ବାସୀନ୍ଦା ମାନଙ୍କ ଲାଗି କୋଠା ଘରେ ବସବାସ କରିବା ସାତସପନ ପାଲଟିଛି। ଏହି ସାହିରେ ବସବାସ କରୁଥିବା ପରିବାର ଗୁଡିକ ବର୍ଷ ବର୍ଷ ହେଲା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବିଭିନ୍ନ ସହାୟତା ପାଇବାରୁ ବଂଚିତ ହୋଇ ରହିଛନ୍ତି । ଆଜକୁ ପାଖାପାଖି ୩୦ବର୍ଷ ହେଲା ୧୧ରୁ ଉର୍ଦ୍ଧ୍ୱ କମାର ବୃତ୍ତି କରୁଥିବା ପରିବାର ଏଠାରେ ରହିଆସୁଛନ୍ତି ।

ଏହି ସାହିର ସୁରିଆ ବିନ୍ଧାଣୀ, ପାକୁଲୁ ବିନ୍ଧାଣୀ, ସୁତା ବିନ୍ଧାଣୀ, ରବି ବିନ୍ଧାଣୀ, ବୁତୁନୁ ବିନ୍ଧାଣୀ, ସନାତନ ବିନ୍ଧାଣୀ, ରାଜେନ୍ଦ୍ର ବିନ୍ଧାଣୀ, ପ୍ରତାପ ବିନ୍ଧାଣୀ, ରାବଣା ବିନ୍ଧାଣୀ, କାର୍ତିକ ବିନ୍ଧାଣୀ, ଜଗା ବିନ୍ଧାଣୀ, ନାଣ୍ଡୁ ବିନ୍ଧାଣୀ ଓ ବାଦଲ ବିନ୍ଧାଣୀ ମାନଙ୍କ ପରିବାର ଏଠି ସେଠି କାମକରିବା ସହ ଏମାନେ ସମସ୍ତେ ଲୁହା କାମ କରି ପେଟ ପୋଷନ୍ତି । କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ଲୋକ ଆଧାର କାର୍ଡ, ଭୋଟର କାର୍ଡ ସମେତ ସରକାରଙ୍କ ମାତ୍ରକିଛି ଯୋଜନା ପାଇଥିବାବେଳେ କିଛି ଏହି ସବୁ ଯୋଜନାରୁ ବଂଚିତ ହୋଇ ଅବହେଳାର ଶିକାର ହେଉଛନ୍ତି। ଏହି ଲୋକମାନେ ଅନାବାଦୀ ଜାଗାରେ ବର୍ଷ ବର୍ଷଧରି ରହି ଆସୁଥିଲେ ମଧ୍ୟ ସରକାରଙ୍କ ବିଜୁ ପକ୍କାଘର, ଇନ୍ଦିରା ଆବାସ, ରେସନ କାର୍ଡ, ମୋ କୁଡିଆ, ସ୍ୱଚ୍ଛ ପାଇଖାନା ଓ ଜାଗର ପଟ୍ଟା ଏହି ପରିବାରକୁ ମିଳିପାରୁନାହିଁ। ଏମାନଙ୍କ ପରିବାର ପ୍ରତି ଜିଲ୍ଲା ପ୍ରଶାସନ, କୋରେଇ ବ୍ଲକ୍ କର୍ତୃପକ୍ଷ, ବିଧାୟକ ଓ ସ୍ଥାନୀୟ ନେତା ଦୃଷ୍ଟି ଦେଲେ ଏହି ପରିବାର ଗୁଡିକର ସମସ୍ୟା ଦୁର ହୋଇପାରନ୍ତା ବୋଲି ଏମାନେ କହିଛନ୍ତି।

### ଏନ୍‌ପିଏସ୍‌ଟିର ଜାତୀୟ ସମ୍ମିଳନୀରେ ରାଜ୍ୟପାଳ

# ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିଥାଏ ଶିକ୍ଷା




ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ନ୍ୟାସନାଲ୍ ପ୍ରୋଫେସନାଲ୍ ଷ୍ଟାଣ୍ଡାର୍ଡସ୍ ଫର୍ ଟିଚର୍ସ (ଏନପିଏସଟି) ଓ ନ୍ୟାସନାଲ୍ ମିଶନ୍ ଫର୍ ମେଣ୍ଟରିଂ (ଏନଏମଏମ)ର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତାଧିକାରୀମାନଙ୍କ କ୍ଷମତା ବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ର ଉଦଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ଏହି ସମ୍ମିଳନୀରେ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗ ରାଜ୍ୟରୁ ଶିକ୍ଷାବିତ, ଶିକ୍ଷକ, ପ୍ରଶାସକ, ନୀତିନିର୍ଦ୍ଧାରକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେବା ସହ ବିଦ୍ୟାଳୟ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏସସିଇଆରଟି)ର ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ରାଜ୍ୟ ନୋଡାଲ୍ ଅଧିକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସିବିଏସଇ ଓ ରାଜ୍ୟ ବୋର୍ଡ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକ ଉପସ୍ଥିତି ଭାରତର ଶିକ୍ଷା ପରିବେଶର ବିବିଧତା ଓ ସମନ୍ୱୟକୁ ପ୍ରକାଶ କରିଛି ବୋଲି ରାଜ୍ୟପାଳ କହିଛନ୍ତି।

ରାଜ୍ୟପାଳ ଆହୁରି କହିଛନ୍ତି ଯେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରିଥାନ୍ତି। ଭାରତର ପ୍ରାଚୀନ ଗୁରୁ-ଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ତ୍ୱକୁ ପ୍ରତିପାଦନ କରେ । ବର୍ତ୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବାରୁ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସମୟୋଚିତ ପରିବର୍ତ୍ତନ ଜରୁରୀ। ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତା, ଡିଜିଟାଲ୍ ସଂଯୋଗ ଓ ବିଶ୍ୱ ସଂଯୋଜନ ନୂତନ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ, ବରଂ ନବସୃଜନ, ଉଦ୍ୟମିତା ଓ ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ପ୍ରସ୍ତୁତ କରିବା ଦରକାର ବୋଲି ରାଜ୍ୟପାଳ ମତ ଦେଇଛନ୍ତି।

# ରେଳ ଭିତ୍ତିଭୂମି ବିକାଶକୁ ଡବଲ ଇଞ୍ଜିନର ଗୁରୁତ୍ୱ

➤ ଦୁଇ ବର୍ଷରେ ୯୧ ହଜାର କୋଟିର ନିବେଶ:ଅଶ୍ୱିନୀ

➤ ରାଜ୍ୟରେ ରେଳ ବିକାଶର ଚିତ୍ର ଉତ୍ସାହଜନକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ରେଳବାଇରେ ଗତ ୧୨ ବର୍ଷରେ ଓଡ଼ିଶାରେ ପ୍ରାୟ ୨ ହଜାର କିମି ରେଳପଥ ନିର୍ମାଣ କରାଯାଇଛି। ଏଥିସହ ଦୁଇ ବର୍ଷରେ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ପାଖାପାଖି ୯୧ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆଜି ସଂସଦରେ ରାଜ୍ୟର ରେଳପଥ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ଉତ୍ତର ଓଡ଼ିଶାରେ ବାଦାମପାହାଡ଼ରୁ କେନ୍ଦୁଝର ରେଳପଥ ସହ ବାଙ୍ଗିରିପୋଷିରୁ ଗୋରୁମହିଷାଣୀ, ବଙ୍ଗମୁଣ୍ଡାରୁ ରାଞ୍ଚି ରେଳପଥର ଦୋହରୀକରଣ ଓ ସରଡେଗାରୁ ଛତିଶଗଡ଼ର ଭାଲୁଗୁଡା ପରି ବହୁ ବର୍ଷରୁ ଦାବି ହୋଇଆସୁଥିବା ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାର ଗତ ଦୁଇ ବର୍ଷ ମଧ୍ୟରେ ମଞ୍ଜୁରୀ ଦେଇଛନ୍ତି। ସେହିପରି ଉପକୂଳ ଓଡ଼ିଶାରେ ଖଡଗପୁରରୁ ବିଜୟନଗରମର ତୃତୀୟ ଲାଇନ ସମ୍ପ୍ରସାରଣ କାମ ଚାଲିଛି। ଏହି ରେଳପଥର ଚତୁର୍ଥ ଲାଇନ ପାଇଁ ଡିପିଆର ପ୍ରସ୍ତୁତ ହେଉଛି। ପୁରୀରୁ କୋଣାର୍କ ନୂଆ ରେଳ ଲାଇନର ମଞ୍ଜୁରୀ ସହ ସମ୍ବଲପୁରରୁ ଝରପଡ଼ା ତୃତୀୟ ଓ ଚତୁର୍ଥ ଲାଇନ ସମ୍ପ୍ରସାରଣ କାମ ଆରମ୍ଭ ହୋଇଛି। ସେହିଭଳି ଜୁନାଗଡ଼ରୁ ନବରଙ୍ଗପୁର, ନବରଙ୍ଗପୁରରୁ ଜୟପୁର, ଜୟପୁରରୁ ମାଲକାନଗିରି ଓ ମାଲକାନଗିରିରୁ ଭଦ୍ରାଚଳମ ନୂଆ ରେଳ କରିଡର କାମ ଆରମ୍ଭ ହୋଇଛି। ଏଥିସହ ଥେରୁବାଲିରୁ ଗୁଣୁପୁର, ବରଗଡରୁ ନୂଆପଡ଼ା, କୋରାପୁଟରୁ କୋଟାଭସଲା ଦୋହରୀକରଣ ଏବଂ ବିଜୟନଗରମରୁ ଟିଟଲାଗଡ଼ ରେଳପଥ ପଶ୍ଚିମ ଓଡ଼ିଶାକୁ ଦକ୍ଷିଣ ଓଡ଼ିଶା ଦେଇ ଆନ୍ଧ୍ର ପ୍ରଦେଶକୁ ଯୋଡ଼ିବାରେ ସହାୟକ ହେବ। ୫୦ ବର୍ଷ ଧରି ଆଗେଇ ପାରୁ ନ ଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ କିଛି ମାସ ଭିତରେ ଶେଷ ହେବ। ଖୋର୍ଦ୍ଧା ପଟୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିମି ରେଳପଥ କାର୍ଯ୍ୟକ୍ଷମ ହୋଇଛି। ସେହିପରି ବଲାଙ୍ଗୀର ପଟୁ ପୁରୁଣାକଟକ ପର୍ଯ୍ୟନ୍ତ ୧୨୦ କିମି କାମ ଶେଷ ହୋଇଛି। ବଳକା ୭୫ କିମିରେ ୭ଟି ଟନେଲର ଆବଶ୍ୟକତା ରହିଛି। ସେମଧ୍ୟରୁ ୬ଟି ଟନେଲ୍ କାମ ସରିଥିବା ବେଳେ ଆଉ ଗୋଟିଏ ଟନେଲ କାମ ଖୁବଶୀଘ୍ର ଶେଷ ହେବ ବୋଲି ସେ କହିଛନ୍ତି। ସଂସଦରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଏହି ସୂଚନା ନେଇ ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆଜି ଓଡିଶାର ରେଳ ଭିତ୍ତିଭୂମି ନୂଆ ଶିଖର ଛୁଇଁଛି। ଉତ୍ତର ଓଡ଼ିଶାରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ନୂତନ ରେଳ ଲାଇନର ମଞ୍ଜୁରୀ ହେଉ କିମ୍ବା ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପର ଦ୍ରୁତ ଅଗ୍ରଗତି, ରାଜ୍ୟର ସାମଗ୍ରିକ ବିକାଶରେ ଏକ ମାଇଲଖୁଣ୍ଟ ସଦୃଶ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଇଫତାର ଓ ଇଦ୍ ପାଳିବନି ବିଜେଡି

**ଯୁଦ୍ଧରେ ଧନଜୀବନ ହାନିକୁ ନେଇ ନବୀନଙ୍କ ଦୁଃଖ ପ୍ରକାଶ**



ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ଭୟାବହ ଯୁଦ୍ଧ ଯୋଗୁଁ ହଜାର ହଜାର ନିରୀହ ଲୋକଙ୍କ ପ୍ରାଣହାନୀ ହେବା ସହିତ ଲକ୍ଷ ଲକ୍ଷ ସାଧାରଣ ଜନତା ଆହତ ହୋଇଛନ୍ତି ଓ ଲକ୍ଷ ଲକ୍ଷ ଲୋକ ବାସହରା ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ଯୁଦ୍ଧର ଅନ୍ତ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ବିଜୁ ଜନତା ଦଳ 'ଇଫତାର ଓ ଇଦ୍ ମିଲନ' ପାଳନ କରିବନି ବୋଲି ନିଷ୍ପତ୍ତି ନେଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ପ୍ରତିବର୍ଷ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁସଲମାନ ଭାଇଭଉଣୀ ଏବଂ ବିଭିନ୍ନ ଧର୍ମର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ମହାସମାରୋହରେ 'ଇଫତାର ଓ ଇଦ୍ ମିଲନ' ପାଳନ କରାଯାଇଥାଏ। ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଓଡ଼ିଶାର ଅନେକ ଭାଇଭଉଣୀ ଦୁଃଖଦ ସ୍ଥିତିରେ ଅଛନ୍ତି। ଏଭଳି ସ୍ଥିତିରେ ଚଳିତ ବର୍ଷ ବିଜୁ ଜନତା ଦଳ ତରଫରୁ 'ଇଫତାର ଓ ଇଦ୍ ମିଲନ' ପାଳନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

## ବିଧାନସଭା ଖବର

### ୨ବର୍ଷରେ ନିଶାମୁକ୍ତ ହୋଇଛନ୍ତି ୧୯ ହଜାରରୁ ଅଧିକ

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଗତ ଦୁଇ ବର୍ଷରେ ନିଶାମୁକ୍ତ ହୋଇଛନ୍ତି ୧୯ ହଜାରରୁ ଅଧିକ ଲୋକ। ରାଜ୍ୟର ବିଭିନ୍ନ ନିଶା ନିବାରଣ କେନ୍ଦ୍ର ଦ୍ୱାରା ଦୁଇ ବର୍ଷରେ ୧୯ ହଜାର ୩୯୫ ବ୍ୟକ୍ତିଙ୍କୁ ନିଶାରୁ ନିବୃତ୍ତ କରିଛନ୍ତି ରାଜ୍ୟ ସରକାର। ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୬୦୯୩ ବ୍ୟକ୍ତିଙ୍କୁ ନିଶାମୁକ୍ତ କରାଯାଇଛି। ନିଶାଶକ୍ତ ବ୍ୟକ୍ତିଙ୍କୁ ନିଶା କବଳରୁ ମୁକ୍ତ କରିବାକୁ ରାଜ୍ୟରେ ମୋଟ ୫୫ଟି ନିଶା ନିବାରଣ କେନ୍ଦ୍ର କାର୍ଯ୍ୟ କରୁଛି। ଆଜି ବିଧାନସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

### ଜରାଜୀର୍ଣ୍ଣ ଅବସ୍ଥାରେ ୧୭୬୩ ସ୍କୁଲ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ୧୭୬୩ ସ୍କୁଲ। ସମ୍ବଲପୁରରେ ୧୭୫ଟି ଜରାଜୀର୍ଣ୍ଣ ସ୍କୁଲ ଚିହ୍ନଟ କରାଯାଇଥିବା ବେଳେ ମୟୂରଭଞ୍ଜରେ ୧୨୨ଟି ସ୍କୁଲ, ସୁବର୍ଣ୍ଣପୁର ଜିଲ୍ଲାରେ ୧୦୭ଟି ସ୍କୁଲ, କଳାହାଣ୍ଡି ଜିଲ୍ଲାରେ ୧୦୧ଟି ସ୍କୁଲ, ଗଞ୍ଜାମ ଜିଲ୍ଲାରେ ୧୦୦ଟି ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ସେହିଭଳି କଟକ ଜିଲ୍ଲାରେ ୧୦୪ଟି ସ୍କୁଲ, ବାଲେଶ୍ୱରରେ ୯୫, କେନ୍ଦ୍ରାପଡ଼ାରେ ୯୦, କେନ୍ଦୁଝର ଜିଲ୍ଲାରେ ୯୪ଟି ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ବୋଲି ଆଜି ଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।

### ଭତ୍ତା ଅପେକ୍ଷାରେ ୬.୩୬ ଲକ୍ଷ ହିତାଧିକାରୀ

ରାଜ୍ୟରେ ଏବେ ଭତ୍ତା ଆବେଦନ କରି ଭତ୍ତାକୁ ଅନେଇ ବସିଛନ୍ତି ହିତାଧିକାରୀ। ଏବେ ସୁଦ୍ଧା ୬ ଲକ୍ଷ ୩୬ ହଜାର ୮୫୮ ଜଣ ହିତାଧିକାରୀ ମଧୁବାବୁ ପେନସନ ଭତ୍ତାକୁ ଅପେକ୍ଷା କରିଛନ୍ତି। ସେହିପରି ୩୬୯୨ ଜଣ ୮୦ରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି ଏବଂ ୫୯୮୧ ଜଣ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରି ଅପେକ୍ଷା କରିଛନ୍ତି। ଗଂଜାମ ଜିଲ୍ଲାରେ ସର୍ବାଧିକ ଭତ୍ତା ଅପେକ୍ଷାରେ ଅଛନ୍ତି ୬୫ ହଜାର ୫୫ ଜଣ। ଜିଲ୍ଲାରେ ୫୦୬ ଜଣ ୮୦ରୁ ଉର୍ଦ୍ଧ ବୟସ୍କ ବ୍ୟକ୍ତି ଭତ୍ତା ଅପେକ୍ଷାରେ ଅଛନ୍ତି। କଟକ ଜିଲ୍ଲାରେ ସର୍ବାଧିକ ୫୬୫ଜଣ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ଆବେଦନ କରି ଅପେକ୍ଷାରେ ଅଛନ୍ତି। ବିଧାୟକ ମାନସ ଦତ୍ତଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

### କୋରାପୁଟରେ ଧର୍ମ ପରିବର୍ତ୍ତନ

ଗତ ୧୦ ବର୍ଷରେ କେବଳ କୋରାପୁଟ ଜିଲ୍ଲାରେ ୩୪ ଜଣ ଅନୁସୂଚିତ ଜାତି ସମ୍ପ୍ରଦାୟର ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି। ୨୦୨୬ ରେ ୩ ଜଣ ବ୍ୟକ୍ତି ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିଆନ ହୋଇଥିବା ବେଳେ ୨୦୨୫ରେ ୬ ଜଣ, ୨୦୨୪ରେ ୧୧ ଜଣ, ୨୦୨୩, ୨୦୨୨ ଓ ୨୦୨୦ରେ ଜଣେ ଲେଖାଏଁ ବ୍ୟକ୍ତି ଧର୍ମ ପରିବର୍ତ୍ତନ କରିଛନ୍ତି। ସେହିପରି ୨୦୧୯ରେ ୫ ଜଣ, ୨୦୧୮ରେ ୨ ଜଣ, ୨୦୧୭ରେ ୩ ଜଣ ଓ ୨୦୧୬ରେ ଜଣେ ବ୍ୟକ୍ତି ଧର୍ମ ପରିବର୍ତ୍ତନ କରିଛନ୍ତି। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

### ୨ ପ୍ରତିଶତ ଶିଶୁଙ୍କୁ ଡିଜିଟାଲ ନିଶା

୨୦୨୫-୨୬ ଅର୍ଥନୈତିକ ସର୍ଭେରୁ ଜଣାପଡିଛି ଯେ ଓଡ଼ିଶାର ଦୁଇ ତୃତୀୟାଂଶ ଶିଶୁ ଏବେ ଡିଜିଟାଲ ନିଶାର ଶିକାର ହେଉଛନ୍ତି। ଏ ନେଇ ଗୃହରେ ଉଦବେଗ ପ୍ରକାଶ କରିବା ସହ କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶ ପରି ଶିଶୁଙ୍କ ପାଇଁ ଡିଜିଟାଲ ବ୍ୟାନ ପାଇଁ ଦାବି ଉଠାଇଲେ ବିଜେଡି ବିଧାୟିକା ସୁଭାଷିନୀ ଜେନା। ସେପଟେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ସ୍ୱୀକାର କରିବା ସହ ଆଗାମୀ ଦିନରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଗୃହରେ ଉତ୍ତର ରଖିଛନ୍ତି।

### ବରଗଡ଼ କର୍କଟ ହସ୍ପିଟାଲକୁ ନେଇ ସଂସଦରେ ଅସମ୍ପୂର୍ଣ୍ଣ ତଥ୍ୟ

# ଉଦ୍‌ବେଗ ପ୍ରକାଶ କଲେ ଫାଇଟର୍ସ ଗ୍ରୁପ୍




ବରଗଡ଼,୧୩।୩(ସଂଚାର ବ୍ୟୁରୋ)ଃ ଲୋକସଭାରେ ଆଜି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଉଠାଇଥିବା ଅଣତାରାଙ୍କିତ ପ୍ରଶ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଉତ୍ତରକୁ ନେଇ ବରଗଡ଼ ଜିଲ୍ଲାରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ବରଗଡ଼ ଜିଲ୍ଲା ହସ୍ପିଟାଲରେ ନିର୍ମିତ କର୍କଟ ହସ୍ପିଟାଲର ସୁବିଧା ବିଷୟରେ ଦିଆଯାଇଥିବା ତଥ୍ୟକୁ ନେଇ ଫାଇଟର୍ସ ଗ୍ରୁପ୍ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି।

ଲୋକସଭାରେ ପ୍ରଶ୍ନ ନମ୍ବର ୩୫୯୧ରେ ସାଂସଦ ପ୍ରଦୀପ ପୁରୋହିତ ଓଡ଼ିଶାରେ ବୃଦ୍ଧି ପାଉଥିବା କର୍କଟ ରୋଗ ମାମଲା, ବିଶେଷକରି ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର ଓ ବଲାଙ୍ଗୀର ଭଳି ଜିଲ୍ଲାର ରୋଗୀମାନଙ୍କ ଚିକିତ୍ସା ସମସ୍ୟା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ସେଥିପାଇଁ ପ୍ରାୟ ୧୩୮ କୋଟି ଟଙ୍କା ବ୍ୟୟରେ ବରଗଡ଼ରେ ନିର୍ମିତ କର୍କଟ ହସ୍ପିଟାଲ କେତେ ଦୂର କାର୍ଯ୍ୟକ୍ଷମ ହୋଇଛି, ସେଠାରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ପୂରଣ ହୋଇଛି କି ନାହିଁ ଏବଂ ପେଟ ସିଟି, ରେଡିଏସନ ଥେରାପି ଓ ଆଇସିୟୁ ଭଳି ଉନ୍ନତ ସୁବିଧା ଆରମ୍ଭ କରିବାକୁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି ନାହିଁ ବୋଲି ମଧ୍ୟ ପଚାରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ରାଜ୍ୟମନ୍ତ୍ରୀ ପ୍ରତାପରାଓ ଜାଦବ କହିଥିଲେ ଯେ ଓଡ଼ିଶା ସରକାରଙ୍କ ସୂଚନା ଅନୁଯାୟୀ ବରଗଡ଼ ଜିଲ୍ଲା ହସ୍ପିଟାଲରେ କର୍କଟ ହସ୍ପିଟାଲର ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ଏହାକୁ ଜିଲ୍ଲା ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି। ସେଠାରେ କର୍କଟ ସ୍କ୍ରିନିଂ, ପରାମର୍ଶ ଓ ଫଲୋ-ଅପ ପାଇଁ ଓପିଡି ସେବା ଚାଲୁ ରହିଛି। ସିଟି ସ୍କାନ, ୟୁଏସଜି ଓ ଏକ୍ସ-ରେ ସହିତ ଇମେଜିଂ ସୁବିଧା ଏବଂ ବାୟୋପ୍ସି, ହିଷ୍ଟୋପାଥୋଲୋଜି ଓ ମଲିକ୍ୟୁଲାର ଡାୟାଗ୍ନୋସିସ୍ ଭଳି ପରୀକ୍ଷା ସୁବିଧା ଉପଲବ୍ଧ। ସେଥିପାଇଁ ୨୦ ଶଯ୍ୟା ବିଶିଷ୍ଟ ଏକ ଇନପେସେଣ୍ଟ ବିଭାଗ ଓ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସଙ୍କ ଦ୍ୱାରା କେମୋଥେରାପି ସେବା ମଧ୍ୟ ଚାଲୁ ରହିଛି। କର୍କଟ ସ୍କ୍ରିନିଂ ଓ ଚିକିତ୍ସା ପାଇଁ ଇଏନଟି ବିଶେଷଜ୍ଞ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ସର୍ଜନ ଓ ଆନାସ୍ଥେସିଓଲୋଜିଷ୍ଟଙ୍କୁ ନିଯୁକ୍ତ କରାଯାଇଛି। ଏହି ଉତ୍ତରକୁ ନେଇ ଫାଇଟର୍ସ ଗ୍ରୁପ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀ କହିଛନ୍ତି ଯେ ଯଦି ଶୀଘ୍ର ଏହି ହସ୍ପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇନଥାଏ, ତେବେ ଏହି ବଡ଼ ଅଟ୍ଟାଳିକା କିଛି ଦିନ ପରେ ଭୂତକୋଠିର ରୂପ ନେବ।

### (ରନ୍ଧନ ଗ୍ୟାସର ଉପଲବ୍ଧତା ନେଇ ସମୀକ୍ଷା)

## ଆପାତକାଳୀନ ପରିସ୍ଥିତିରେ ଅଗ୍ରାଧିକାର ଭିତ୍ତିରେ ମିଳିବ



**ଗ୍ରାମାଞ୍ଚଳରେ ବିତରଣ ଅବଧି ୪୫ ଦିନକୁ ବୃଦ୍ଧି**

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ଦେଶରେ ରନ୍ଧନ ଗ୍ୟାସ୍ (ଏଲପିଜି)ର ଉପଲବ୍ଧତା ଓ ସୁରୁଖୁରୁରେ ବିତରଣ ନିମନ୍ତେ ଆଜି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସଚିବ, ଉପଭୋକ୍ତା ବ୍ୟାପାର ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ସବୁ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବମାନଙ୍କ ସହ ଆଭାସୀ ମାଧ୍ୟମରେ ସମୀକ୍ଷା କରିଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଉପସ୍ଥିତ ଥିଲେ। କଳାବଜାରୀ ରୋକିବାକୁ ଓଟିପି ମାଧ୍ୟମରେ ବୁକିଂ ଓ ଡେଲିଭରି ଉପରେ ଗୁରୁତ୍ୱ ଦିଆଯିବା ସକାଶେ କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆପାତକାଳୀନ ପରିସ୍ଥିତିରେ ବ୍ୟାବସାୟିକ ଗ୍ୟାସ ପୂର୍ବରୁ ଯେତିକି ବ୍ୟବହାର କରୁଥିଲେ ତା'ର ୨୦ ପ୍ରତିଶତ ବର୍ତ୍ତମାନ ପ୍ରଦାନ କରାଯିବ। ଅତ୍ୟଧିକ ବୁକିଂ ଯୋଗୁଁ ସର୍ଭର ଗତି ରେ ବାଧା ନ ହେବା ନିମନ୍ତେ ସର୍ଭର ସ୍ପିଡ୍ ବଢ଼ାଇବା କାର୍ଯ୍ୟ ଚାଲୁଛି। ଗ୍ରାମାଞ୍ଚଳରେ ଡେଲିଭରି ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି।

## ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ ପାଇଁ ଏଆଇ ପ୍ରଶିକ୍ଷଣ



ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କ ପାଇଁ 'ପ୍ରମ୍ପ୍ଟ ଇଞ୍ଜିନିୟରିଂ, ଡାଟା ଆନାଲିଟିକ୍ସ ଓ ଏଆଇ (ଏଆଇ) ମାଧ୍ୟମରେ ପିପିଟି (ପିପିଟି) ପ୍ରସ୍ତୁତି, ବିଭିନ୍ନ ଏଆଇ ମଡେଲ ବ୍ୟବହାର କରି ଗଭୀର ଅନୁସନ୍ଧାନ' ଶୀର୍ଷକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଏଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ପ୍ରାୟ ୧୦୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

ଏହି ପ୍ରଶିକ୍ଷଣରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ, ନିଷ୍ପତ୍ତି ଗ୍ରହଣ ପାଇଁ ଡାଟା ଆନାଲିଟିକ୍ସ ଏବଂ ଏଆଇ ଟୁଲ୍ସ ବ୍ୟବହାର କରି ପ୍ରେଜେଣ୍ଟେସନ୍ ପ୍ରସ୍ତୁତି ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଅଧିବେଶନରେ ବିଭିନ୍ନ ଏଆଇ ପ୍ଲାଟଫର୍ମ ବ୍ୟବହାରର ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରାଯାଇଥିଲା ଏବଂ କିପରି ଏହି ଜ୍ଞାନକୌଶଳ ଅଧିକାରୀମାନଙ୍କୁ ରିପୋର୍ଟ ପ୍ରସ୍ତୁତି, ତଥ୍ୟ ବିଶ୍ଳେଷଣ, ଅନୁସନ୍ଧାନ ଓ ଉପସ୍ଥାପନାକୁ ଅଧିକ ଦ୍ରୁତ ଓ ସଂଗଠିତ ଭାବେ କରିବାରେ ସାହାଯ୍ୟ କରିପାରିବ, ତାହା ପ୍ରଦର୍ଶିତ ହୋଇଥିଲା।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଡିଜିଟାଲ୍ ଦକ୍ଷତା ବୃଦ୍ଧି କରିବା, ଯାହା ଫଳରେ ସେମାନେ ସେମାନଙ୍କର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ଏଆଇ-ଭିତ୍ତିକ ସାଧନଗୁଡ଼ିକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିପାରିବେ। ଏହାଦ୍ୱାରା ସରକାରୀ ସେବାଗୁଡ଼ିକ ଲୋକଙ୍କ ପାଖରେ ଅଧିକ ସଠିକ୍ ଓ ଶୀଘ୍ର ପହଞ୍ଚିପାରିବ। ପ୍ରଶାସନିକ ପ୍ରକ୍ରିୟାକୁ ସହଜ କରିବା ଓ ଲୋକଙ୍କ ପାଖରେ ସେବାକୁ ଅଧିକ ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ପୁରାତନ କଳାକୃତିରେ ଝଲସିବ ହସ୍ତଶିଳ୍ପ ହବ୍



**ଗୋଟିଏ ସ୍ଥାନରେ ମିଳିବ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ**

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସିଦ୍ଧି ସାରା ବିଶ୍ୱରେ ରହିଛି। ଓଡ଼ିଶାର ଏହି ପ୍ରସିଦ୍ଧିକୁ ବିଶ୍ୱବ୍ୟାପୀ କରାଇବା ତଥା ରାଜ୍ୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି, ତାହାକୁ ଆଗେଇ ନେବା ଲାଗି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍‌ର ନିର୍ମାଣ ଡିଜାଇନ, ସାଜସଜ୍ଜା, ପାର୍କିଂସ୍ଥଳ, ଫୁଡକୋର୍ଟ ସହ ସମ୍ପୂର୍ଣ୍ଣ କୋଠାକୁ ଯେପରି ପୁରାତନ କଳାକୃତିରେ ଆକର୍ଷଣୀୟ କରିହେବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ଏହି କୋଠାରେ ବୟନିକା, ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ସହ ସରକାରୀ କାର୍ଯ୍ୟାଳୟ ରହିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ମୁଖ୍ୟଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦଙ୍କ ସମେତ ଅଧୀକ୍ଷଣ ଯନ୍ତ୍ରୀ ସଚିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେବି କଲେଜରୁ କଟିଗଲାଣି ସ୍ୱୟଂଶାସିତ ମାନ୍ୟତା

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ରାଜ୍ୟର ପ୍ରତିଷ୍ଠିତ ବିଜେବି କଲେଜ ପରି ବହୁ ପ୍ରତିଷ୍ଠିତ କଲେଜର ସ୍ୱାୟଂଶାସିତ ମାନ୍ୟତା କଟିଗଲାଣି। ସ୍ୱାୟଂଶାସିତ ମାନ୍ୟତା ପୁଣି ଆଣିବା କାର୍ଯ୍ୟର ଚାପ ପଡୁଛି ଅଧ୍ୟାପକଙ୍କ ଉପରେ। ଏନେଇ ଆଜି ଗୃହରେ ଉଦବେଗ ପ୍ରକାଶ କରିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଏଥିସହ ପ୍ରତିଷ୍ଠିତ କଲେଜର ସ୍ୱୟଂଶାସିତ ମାନ୍ୟତା କିଭଳି ଫେରିବ ସେନେଇ ସେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ସ୍ୱାୟଂଶାସିତ ମାନ୍ୟତା ୟୁଜିସି ଦେଇଥାଏ। ସ୍ୱୟଂଶାସିତ ମାନ୍ୟତା ଫେରାଇ ଆଣିବା ଦିଗରେ ସରକାର ଉଦ୍ୟମ କରୁଛନ୍ତି।

## କବିତା ସଙ୍କଳନ 'ଚିଠି' ଉନ୍ମୋଚିତ




ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ପଦ୍ମାଲୋକ ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ କବୟିତ୍ରୀ ବେବୀଲତା ଶତପଥୀଙ୍କ ପ୍ରଥମ କବିତା ସଙ୍କଳନ 'ଚିଠି' ଗତକାଲି ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ସମାରୋହରେ ପଦ୍ମାଲୋକ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଦାଶରଥୀ ଶତପଥୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବିଶିଷ୍ଟ ସମ୍ପାଦକ ଓ ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ, ବିଶିଷ୍ଟ କବି ଓ ଚିକିତ୍ସକ ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ, ବିଶିଷ୍ଟ ନାଟ୍ୟକାର ଓ ସଂଳାପ ଲେଖକ ବିଜୟ ମଲ୍ଲ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକ ମଞ୍ଚାସୀନ ଥିଲେ। ଅତିଥିମାନେ 'ଚିଠି'ର କବିତାଗୁଡ଼ିକରେ ଥିବା ମାନବୀୟ ସମ୍ବେଦନା ଓ ସାମ୍ପ୍ରତିକ ସମାଜର ପ୍ରତିଛବିକୁ ପ୍ରଶଂସା କରିଥିଲେ। ଶୁଭେନ୍ଦୁ କୁମାର ଭୂୟାଁ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରିଶେଷରେ ବହୁ ସଂଖ୍ୟକ ସାହିତ୍ୟପ୍ରେମୀଙ୍କ ଗହଣରେ ଏହି ଉନ୍ମୋଚନ ସମାରୋହ ସମାପନ ହୋଇଥିଲା। ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଆମେରିକା, ୟୁରୋପ ଓ ଇସ୍ରାଏଲ ସହ ଚୁକ୍ତି ରଦ୍ଦ ଦାବି



ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଜଳାଞ୍ଜଳି ଦେଇ ମୋଦି ସରକାର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି କରିଛନ୍ତି, ଯେଉଁ ଚୁକ୍ତି ଭିତ୍ତିରେ ଭାରତରେ ଉତ୍ପାଦିତ ସାମଗ୍ରୀ ଆମେରିକାକୁ ରପ୍ତାନିରେ ପ୍ରଥମେ ୫୦ ପ୍ରତିଶତ ଓ ପରେ ଅନୁକମ୍ପା ଦେଖାଇ ୧୮ ପ୍ରତିଶତ ତାରିଫ ବୋଝ ଲଦିଲା ବେଳେ ଆମେରିକାର ସାମଗ୍ରୀ ଭାରତରେ ବିନା ତାରିଫ, କଷ୍ଟମ୍ସରେ ଆମ ବଜାର ଦଖଲ କରିବ। ଏହାଦ୍ୱାରା ଦେଶର କୃଷି, କୁଟୀର ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିପର୍ଯ୍ୟସ୍ତ ହେବା ସହ କୃଷକ ଓ ଶ୍ରମିକମାନେ ଜୀବନଜୀବିକା ହରାଇବେ। ସେହିଭଳି ୟୁରୋପୀୟ ୟୁନିୟନ ସହ ଯେଉଁ ମୁକ୍ତ ବାଣିଜ୍ୟ ଚୁକ୍ତି ହୋଇଛି, ସେଥିରେ ଆମ ଦେଶରେ ୟୁରୋପୀୟ ସାମଗ୍ରୀ ବିନା କଷ୍ଟମ୍ସରେ ଆଣି ବିକ୍ରି କଲେ ଆମ କୃଷି ଓ ଶିଳ୍ପ ବାଧାପ୍ରାପ୍ତ ହେବ। ଇସ୍ରାଏଲ ସଂସଦ ନାସେଟ୍‌ରେ ପ୍ରଧାନମନ୍ତ୍ରୀ ଇସ୍ରାଏଲକୁ ଫାଦର ଲ୍ୟାଣ୍ଡ ବୋଲି ସମ୍ବୋଧନ କରିଛନ୍ତି। ଭାରତ ସଦାସର୍ବଦା ଶାନ୍ତି ପାଇଁ ଉଦ୍ୟମ କରିଥିବା ବେଳେ ମୋଦି ଏଭଳି ସାମ୍ରାଜ୍ୟବାଦୀ ଆକ୍ରମଣକୁ ସବୁଜ ସଙ୍କେତ ଦେଇଥିବା ସନ୍ଦେହ ପ୍ରକାଶ କରିଛି ଅଖିଳ ଭାରତ କୃଷକ ସଭା ଓ ସଂଯୁକ୍ତ କିସାନ ମୋର୍ଚ୍ଚା।

ଭାରତର ବନ୍ଧୁ ରୁଷିଆ, ଭିଏତ୍‌ନାମ, କ୍ୟୁବା, ଇରାନ ବିରୋଧରେ ସାମ୍ରାଜ୍ୟବାଦୀ ଆକ୍ରମଣ ବେଳେ ଭାରତର ପ୍ରଧାନମନ୍ତ୍ରୀ ଆମ ଦେଶର ଜନସାଧାରଣଙ୍କ ସ୍ୱାର୍ଥ ବିରୋଧରେ ଦେଶର ସ୍ୱାଧୀନ ବୈଦେଶିକ ନୀତି ବିରୋଧରେ ଯିବା ପଛରେ ଆମେରିକାର ଯୌନ ବ୍ୟଭିଚାରୀ ଜେଫ୍ରି ଏପଷ୍ଟିନ। ଜେଲ୍‌ରେ ଏପଷ୍ଟିନର ସନ୍ଦେହଜନକ ମୃତ୍ୟୁବରଣ ପରେ ଆମେରିକା ନ୍ୟାୟ ବିଭାଗ ନିର୍ଦ୍ଦେଶରେ ଜେଫ୍ରି ଏପଷ୍ଟିନର ଲକ୍ଷ ଲକ୍ଷ ଗୁପ୍ତ ଫାଇଲ ଉନ୍ମୋଚିତ ହୋଇଛି। ସେଥିରେ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଭାରତର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ପ୍ରକାଶିତ ହୋଇଛି। ସେହି ଗୁମର ଫାଇଲ ସର୍ବସାଧାରଣରେ ପ୍ରକାଶ ନ ପାଇବା ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱାର୍ଥରେ ଭାରତର କୃଷି, ଶିଳ୍ପ, ବାଣିଜ୍ୟ ଓ ଅର୍ଥନୀତିକୁ ଉପନିବେଶବାଦୀ ବ୍ୟବସ୍ଥା ଭିତରକୁ ନେଇ ଦେଶର ସ୍ୱାଧୀନତା ସାର୍ବଭୌମତ୍ୱ ଓ ଏହାର କୃଷକ, ଶ୍ରମିକ, ମହିଳାଙ୍କ ଜୀବନ ଓ ଜୀବିକାକୁ ବିପନ୍ନ କରିଛନ୍ତି। ଏହା ବିରୋଧରେ ଅଖିଳ ଭାରତ କୃଷକ ସଭା ଓ ସଂଯୁକ୍ତ କିସାନ ମୋର୍ଚ୍ଚା ବ୍ୟାପକ ଆନ୍ଦୋଳନରେ ସାମିଲ ହେବେ। ଏଲପିଜିର ମୂଲ୍ୟ ବୃଦ୍ଧି ଓ ବାଣିଜ୍ୟ ଚୁକ୍ତି ବିରୋଧରେ କୃଷକ- ଶ୍ରମିକ-ମହିଳା ଆନ୍ଦୋଳନ ପାଇଁ ଅଖିଳ ଭାରତ କୃଷକ ସଭା ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।



## ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ)ଃ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ ଦରବୃଦ୍ଧି ଓ ଏହାର ସାଙ୍ଘାତିକ ଅଭାବ ପ୍ରତିବାଦରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ଏଡିଏମ, ଭୁବନେଶ୍ୱରଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି କହିଲେ ଯେ ଆଜି ରନ୍ଧନ ଗ୍ୟାସର ଦରବୃଦ୍ଧି ଓ ଅଭାବକୁ ନେଇ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କର 'ଅଚ୍ଛେ ଦିନ୍'ର ବାସ୍ତବ ଚିତ୍ର। ୟୁପିଏ ସରକାର ସମୟରେ ୨୦୧୪ ସୁଦ୍ଧା ସିଲିଣ୍ଡର ପିଛା ୪୫୦ ଟଙ୍କା ଥିଲା। ଏବେ ସିଲିଣ୍ଡରର ମୂଲ୍ୟ ୧୦୦୦ ଟଙ୍କା ହେଲାଣି। ରନ୍ଧନ ଗ୍ୟାସର କଳାବଜାରୀ ଆରମ୍ଭ ହୋଇଗଲାଣି। ସିଲିଣ୍ଡର ପିଛା ୨୦୦୦/୨୫୦୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି। ହାଣ୍ଡିଶାଳରେ ସରକାର ମହଙ୍ଗା ମାଡ଼ ଦେଉଛନ୍ତି। ସ୍କୁଲ, କଲେଜ, ହସ୍ପିଟାଲ ଆଦିରେ ନାହିଁ ନ ଥିବା ଅବସ୍ଥା ଦେଖିବାକୁ ମିଳୁଛି ।

## ଶ୍ରୀରାମ ସେନାର ଶ୍ରୀରାମ ନବମୀ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୩।୩ (ସଂଚାର ବ୍ୟୁରୋ)ଃ ଚଳିତବର୍ଷ ଚନ୍ଦ୍ରଶେଖରପୁରରେ ମହାଆଡ଼ମ୍ବରରେ ପାଳନ ହେବ ଶ୍ରୀରାମ ନବମୀ ଉତ୍ସବ। ଏଥିପାଇଁ ଶ୍ରୀରାମ ସେନା ପକ୍ଷରୁ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆସନ୍ତା ୨୫ ଓ ୨୬ରେ ଶୈଳଶ୍ରୀ ବିହାର ଫେଜ୍-୨ ତଳପଡ଼ିଆରେ ମହୋତ୍ସବ ଅନୁଷ୍ଠିତ ହେବ। ୨୫ରେ କଳସ ଯାତ୍ରାରେ ପ୍ରାୟ ୨୦୦ ମହିଳା ପଟିଆ ନୀଳକଣ୍ଠେଶ୍ୱର ମନ୍ଦିର ପୁଷ୍କରିଣୀରୁ ପାଣି ଆଣିବେ। ତଳପଡ଼ିଆରେ କଳସ ସ୍ଥାପନା କରାଯାଇ ଯଥାବିଧି ପୂଜା ଆରମ୍ଭ ହେବ। ସନ୍ଧ୍ୟାରେ ପ୍ରବଚନ, ପାଇକ ଆଖଡ଼ା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ସେହିପରି ୨୬ରେ ଶ୍ରୀରାମଙ୍କ ପୂଜା, ଯଜ୍ଞ



ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଆଦି ଅନୁଷ୍ଠିତ ହେବ। ଶ୍ରୀରାମ ସେନା ପକ୍ଷରୁ ଲୁମ୍ବିନୀ ବିହାରଠାରୁ ଏକ ବାଇକ୍ ର୍‍ୟାଲି ଓ ପଦଯାତ୍ରା ବାହାରି ନୀଳାଦ୍ରି ବିହାର, ଶୈଳଶ୍ରୀ ବିହାର ଦେଇ ତଳପଡ଼ିଆରେ ପହଞ୍ଚିବ। ଏଥିରେ ହଜାର ହଜାର ଯୁବକ ସାମିଲ ହେବେ। ବିଶେଷ ଆକର୍ଷଣ ଆତସବାଜିରେ ସମଗ୍ର ପଡ଼ିଆ ଝଲସିଉଠିବ। ସନ୍ଧ୍ୟାରେ ଭଜନ ସମାରୋହ, ପ୍ରସାଦ ସେବନ ଓ ରାମଲୀଳା ହେବ। ସୁରକ୍ଷା ଦୃଷ୍ଟିରୁ ସିସିଟିଭି ଲାଗିବ ଓ ପରିଚାଳନାରେ ୨୦୦ ସ୍ୱେଚ୍ଛାସେବସେହଯୋଗ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ

ଯୁଦ୍ଧ ମାନବ ସଭ୍ୟତାର ସବୁଠାରୁ ବିନାଶକାରୀ ଘଟଣା। ଏହା କେବଳ ଜୀବନ ହରାଏ ନାହିଁ, ସମଗ୍ର ଅର୍ଥନୀତିକୁ ଧ୍ୱଂସ କରି ଦିଏ। ଆଜିର ବିଶ୍ୱରେ ରୁଷିଆ-ୟୁକ୍ରେନ୍ ସଂଘର୍ଷ, ଇସ୍ରାଏଲ-ପାଲେଷ୍ଟାଇନ୍ ଉତ୍ତେଜନା ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଯୁଦ୍ଧ ଏହାର ଜୀବନ୍ତ ଉଦାହରଣ। ଯୁଦ୍ଧ



ଅର୍ଥନୀତିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟ ପ୍ରଭାବ ପକାଏ। ଏହା ଦେଶର ଜିଡିପି ହ୍ରାସ କରେ, ମୂଲ୍ୟବୃଦ୍ଧି ବଢ଼ାଏ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟର ଗହ୍ୱରକୁ ଠେଲି ଦିଏ। ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ଏହାର ଛାୟା ପଡ଼ୁଛି।

ପ୍ରଥମତଃ, ଯୁଦ୍ଧ ସମ୍ପତ୍ତିର ବିନାଶ କରେ। ଯୁଦ୍ଧ କ୍ଷେତ୍ରରେ ରାସ୍ତା, ପୋଲ, କାରଖାନା, ବିଦ୍ୟୁତ କେନ୍ଦ୍ର ଓ କୃଷିଜମି ନଷ୍ଟ ହୁଏ। ଉଦାହରଣସ୍ୱରୂପ, ୟୁକ୍ରେନ୍ ଯୁଦ୍ଧରେ ହଜାର ହଜାର ହେକ୍ଟର କୃଷିଜମି ଧ୍ୱଂସ ହୋଇଛି। ଏହା ଉତ୍ପାଦନ କ୍ଷମତାକୁ କମାଇ ଦିଏ। ଫଳରେ ଦେଶର ଜିଡିପି ବାର୍ଷିକ ୫ ରୁ ୧୦ ପ୍ରତିଶତ ହ୍ରାସ ପାଏ। ସୈନ୍ୟ ଖର୍ଚ୍ଚ ବଢ଼ିବା ସହ ସରକାରୀ ବଜେଟ ଅସନ୍ତୁଳିତ ହୁଏ। ଭାରତ କ୍ଷେତ୍ରରେ ମଧ୍ୟ ଯଦି କୌଣସି ସୀମାନ୍ତ ସଂଘର୍ଷ ବଢ଼େ, ରକ୍ଷା ବଜେଟ୍ ବୃଦ୍ଧି କରିବାକୁ ଯାଇ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରୁ ବ୍ୟୟବରାଦ କମାଇଥାନ୍ତି। ଯାହାଦ୍ୱାରା ଦୀର୍ଘକାଳୀନ ବିକାଶ ବାଧାପ୍ରାପ୍ତ ହୋଇଥାଏ। ଦ୍ୱିତୀୟତଃ, ଯୁଦ୍ଧ ମୂଲ୍ୟବୃଦ୍ଧି ଓ ମୁଦ୍ରାସ୍ଫୀତିର ପ୍ରମୁଖ କାରଣ। ଏହାଦ୍ୱାରା ତେଲ ଓ ଖାଦ୍ୟ ଯୋଗାଣ ଶୃଙ୍ଖଳା ଭାଙ୍ଗିଥାଏ। ରୁଷିଆ ଓ ୟୁକ୍ରେନ ବିଶ୍ୱର ପ୍ରମୁଖ ତେଲ ଓ ଗହମ ରପ୍ତାନିକାରୀ ଦେଶ। ଯୁଦ୍ଧ ଆରମ୍ଭ ହେବା ପରେ ତେଲ ମୂଲ୍ୟ ୧୦୦ ଡଲାର ଉପରେ ପହଞ୍ଚିଥିଲା। ଭାରତର ପେଟ୍ରୋଲ-ଡିଜେଲ୍ ମୂଲ୍ୟ ବଢ଼ିଥିଲା, ଯାହା ପରିବହନ ଖର୍ଚ୍ଚ ବୃଦ୍ଧି କରି ସମଗ୍ର ଅର୍ଥନୀତିକୁ ପ୍ରଭାବିତ କରିଥିଲା। ଖାଦ୍ୟ ସଙ୍କଟ ହେତୁ ଭାରତରେ ମୁଦ୍ରାସ୍ଫୀତି ୭ ପ୍ରତିଶତ ଛୁଇଁଥିଲା। କୃଷକଙ୍କ ଆୟ କମିଥିଲା ଏବଂ ଗରିବ ପରିବାର ପ୍ରଭାବିତ ହୋଇଥିଲା। ଏହା ସହ ବେକାରୀ ସମସ୍ୟା ବୃଦ୍ଧି ପାଏ କାରଣ କାରଖାନା ବନ୍ଦ ହୁଏ ଓ ବିଦେଶୀ ବିନିଯୋଗ କମିଯାଏ।

ତୃତୀୟତଃ, ଅର୍ଥନୈତିକ ନିଷେଧାଜ୍ଞା ଓ ବାଣିଜ୍ୟ ବାଧା ଯୁଦ୍ଧର ଆଉ ଏକ ପ୍ରମୁଖ ପ୍ରଭାବ। ଯୁଦ୍ଧରତ ଦେଶଗୁଡ଼ିକ ଉପରେ ପଶ୍ଚିମା ଦେଶମାନଙ୍କ ନିଷେଧାଜ୍ଞା ଲାଗୁ ହେବା ଫଳରେ ବିଶ୍ୱ ବାଣିଜ୍ୟ କ୍ଷତିଗ୍ରସ୍ତ ହୁଏ। ଭାରତ ରୁଷିଆରୁ ଶସ୍ତା ତେଲ କ୍ରୟ କରୁଥିଲେ ମଧ୍ୟ, ଅନ୍ୟାନ୍ୟ ଦେଶରେ ରପ୍ତାନି ହ୍ରାସ ପାଉଥିଲା। ଆଇଟି, ଫାର୍ମା ଓ ଟେକ୍ସଟାଇଲ କ୍ଷେତ୍ର ପ୍ରଭାବିତ ହୋଇଥିଲା। ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତି ୨ ଟ୍ରିଲିଅନ୍ ଡଲାର କ୍ଷତି ସହିଛି। ଭାରତର ଜିଡିପି ବୃଦ୍ଧି ହାର ୨ ପ୍ରତିଶତ କମିଥିଲା।

ଚତୁର୍ଥତଃ, ଯୁଦ୍ଧ ମାନବ ସମ୍ପଦର କ୍ଷୟ ସାଙ୍ଗକୁ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦିଏ। ଯୁବକମାନେ ଯୁଦ୍ଧରେ ପ୍ରାଣ ହରାନ୍ତି ବା ଅକ୍ଷମ ହୁଅନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବ୍ୟାହତ ହୁଏ। ପରେ ପୁନଃନିର୍ମାଣ ପାଇଁ ବିପୁଳ ଟଙ୍କା ଲାଗେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଓ ଜାପାନ ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ଲାଗିଥିଲା। ଆଜି ମଧ୍ୟ ସିରିଆ ଓ ଆଫଗାନିସ୍ତାନର ଅର୍ଥନୀତି ଯୁଦ୍ଧର କ୍ଷତ ସହି ଚାଲିଛି।

ମୋଟାମୋଟି ଭାବେ କହିବାକୁ ଗଲେ, ଯୁଦ୍ଧ କୌଣସି ବିଜୟ ସୃଷ୍ଟି କରେ ନାହିଁ। ଏହା କେବଳ ଦାରିଦ୍ର୍ୟ, ବେକାରୀ ଓ ଅସ୍ଥିରତା ଆଣେ। ଭାରତ ପରି ବିକାଶଶୀଳ ଦେଶ ପାଇଁ ଶାନ୍ତି ହିଁ ଏକମାତ୍ର ବିକଳ୍ପ। କୂଟନୀତି, ଆଲୋଚନା ଓ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ଯୁଦ୍ଧ ରୋକିବା ଆବଶ୍ୟକ। ସରକାର ଓ ନାଗରିକ ଉଭୟଙ୍କୁ ଏହି ଦିଗରେ ପ୍ରୟାସ କରିବାକୁ ହେବ। ଯୁଦ୍ଧ ନୁହେଁ, ଶାନ୍ତି ହିଁ ଅର୍ଥନୈତିକ ସମୃଦ୍ଧିର ଚାବିକାଠି। ଯଦି ଆମେ ଆଜି ଯୁଦ୍ଧ ବିରୋଧରେ ସ୍ୱର ଉଠାଉ, ତେବେ ଆଗାମୀ ପିଢ଼ି ଏକ ସମୃଦ୍ଧ ଓ ସ୍ଥିର ଅର୍ଥନୀତି ପାଇପାରିବ।

# ଭାରତରେ ୟୁଜିସି ନୀତି ଏବଂ ସାଧାରଣ ବର୍ଗ ଉପରେ ଏହାର ପ୍ରଭାବ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଭାରତ ଏକ ବିବିଧ ଜାତି, ଧର୍ମ ଏବଂ ସମ୍ପ୍ରଦାୟ ଗଠନ ସହିତ ଏକ ଦେଶ। ସରକାର ଦୀର୍ଘକାଳୀନ ସାମାଜିକ ଅସମାନତାକୁ ଦୂର କରିବା ପାଇଁ ଅନେକ ନୀତି ଏବଂ ଆଇନ ପ୍ରଣୟନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଏହି ପ୍ରଭାବଶାଳୀତା ସୁନିଶ୍ଚିତ କରିବାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ୟୁଜିସିଭାରତରେ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପାଇଁ ନିୟମ ଏବଂ ମାନଦଣ୍ଡ ସ୍ଥିର କରେ। ତଥାପି, ଏହି ନୀତିଗୁଡ଼ିକ ମଧ୍ୟରେ, ସଂରକ୍ଷଣ ନୀତି ଯଥେଷ୍ଟ ବିତର୍କ ଏବଂ ବିବାଦର ବିଷୟ। କେତେକ ବିଶ୍ୱାସ କରନ୍ତି ଯେ ଏହା ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗର ଉନ୍ନତିରେ ଯୋଗଦାନ କରେ, ଯେତେବେଳେ ଅନ୍ୟମାନେ ଯୁକ୍ତି ଦିଅନ୍ତି ଯେ ଏହା ସାଧାରଣ ବର୍ଗର ଛାତ୍ରମାନଙ୍କ ପ୍ରତି ଅନ୍ୟାୟ। ଭାରତ ସରକାରଙ୍କ ନୀତି ଅନୁଯାୟୀ ସଂରକ୍ଷଣ ନୀତି କାର୍ଯ୍ୟକାରୀ କରିବାକୁ ୟୁଜିସିବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଏ। ଏହି ନୀତି ଅନୁଯାୟୀ, ଶିକ୍ଷା ଏବଂ ନିଯୁକ୍ତିରେ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଆସନ ନିମ୍ନଲିଖିତ ବର୍ଗଗୁଡ଼ିକୁ ଆବଣ୍ଟିତ କରାଯାଇଛି: ଅନୁସୂଚିତ ଜାତି (ଏସସି)-୧୫%, ଅନୁସୂଚିତ ଜନଜାତି(ଏସଟି)-୭.୫%, ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)-୨୭%, ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ)-୧୦%। ବାକି ଆସନ ସାଧାରଣ ବର୍ଗ ପାଇଁ ସଂରକ୍ଷିତ। ଏହି ନୀତିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମାଜର ଉପେକ୍ଷିତ ବର୍ଗକୁ ସମାନ ଶିକ୍ଷାଗତ ସୁଯୋଗ ପ୍ରଦାନ କରିବା। ତଥାପି, ଏହାର ପ୍ରଭାବ ବିଷୟରେ ଯଥେଷ୍ଟ ବିତର୍କ ହେଉଛି, ଏବଂ ଦେଶବ୍ୟାପୀ ବିରୋଧ ବଢ଼ୁଛି। ଆସନ୍ତୁ ଅନୁସନ୍ଧାନ କରିବା ଏହି ୟୁଜିସିନୀତି ସାଧାରଣ ବର୍ଗ ଉପରେ କ'ଣ ପ୍ରଭାବ ପକାଇବ। ଅନେକ ବିଶ୍ୱାସ କରନ୍ତି, ଏବଂ ଏହା ସତ୍ୟ ଯେ ସଂରକ୍ଷଣ ନୀତି ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଆସନ ସଂଖ୍ୟା ହ୍ରାସ କରେ। ପୂର୍ବରୁ ସମସ୍ତ ଆସନ ଯୋଗ୍ୟତା ଆଧାରରେ ପୂରଣ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଏକ ଅଂଶ ସଂରକ୍ଷିତ ଅଛି। ଫଳସ୍ୱରୂପ, ଅଧିକ ନମ୍ବର ରଖିଥିବା ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ କେତେକ ସମୟରେ ପ୍ରବେଶ ପାଇବାର ସୁଯୋଗ ହରାଇ ଥାଆନ୍ତି। ତଥାପି, ସରକାର କହିଛନ୍ତି ଯେ ଏହା ସାମାଜିକ ନ୍ୟାୟ ପାଇଁ ଆବଶ୍ୟକ। ଏହି କାରଣରୁ ଏହା ଦେଶବ୍ୟାପୀ ବିରୋଧର ସମ୍ମୁଖୀନ ହେଉଛି। ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସାହାଯ୍ୟ କରିବା ପାଇଁ, ସରକାର ଇଡବ୍ଲ୍ୟୁଏସ (ଆର୍ଥିକ ଭାବରେ ଦୁର୍ବଳ ବର୍ଗ) ସଂରକ୍ଷଣ ପ୍ରଚଳନ କରିଥିଲେ। ଏହା ୨୦୧୯ ରେ ଭାରତର ସମ୍ବିଧାନର ୧୦୩ତମ ସଂଶୋଧନ ମାଧ୍ୟମରେ ପ୍ରଚଳନ କରାଯାଇଥିଲା। ଏହି ନୀତି ଅନୁଯାୟୀ, ସାଧାରଣ ବର୍ଗର ଆର୍ଥିକ ଭାବରେ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀମାନେ ୧୦% ଆସନ ପାଇପାରିବେ। ଏହା ମାଧ୍ୟମରେ, ସରକାର ସାଧାରଣ ବର୍ଗର ଦୁର୍ବଳ ବର୍ଗକୁ ସମର୍ଥନ କରିବାକୁ ଚେଷ୍ଟା କରିଛନ୍ତି। ତଥାପି, ସାଧାରଣ ବର୍ଗ ଏହି ନୀତିକୁ ଗ୍ରହଣ କରନ୍ତି ନାହିଁ ଏବଂ ଏହାକୁ ଅନୁମୋଦନ କରନ୍ତି ନାହିଁ।

ସଂରକ୍ଷଣ ନୀତି ପାଇଁ ଆମର ଆଇନଗତ ଏବଂ ସାମ୍ବିଧାନିକ ଆଧାର ଭାରତୀୟ ସମ୍ବିଧାନର କିଛି ଧାରା ଉପରେ ଆଧାରିତ, ଯେପରିକି ଧାରା ୧୫(୪)-ସାମାଜିକ ଏବଂ ଶିକ୍ଷାଗତ ଭାବରେ ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଧାରା ୧୬(୪)- ସରକାରୀ ଚାକିରିରେ ସଂରକ୍ଷଣ, ଏବଂ ଧାରା ୪୬-ସମାଜର ଦୁର୍ବଳ ବର୍ଗର ଶିକ୍ଷା ଏବଂ ଆର୍ଥିକ ଉନ୍ନତି। ଏହି ନିୟମଗୁଡ଼ିକୁ ଆଧାର କରି, ସରକାର ସଂରକ୍ଷଣ ନୀତି କାର୍ଯ୍ୟକାରୀ କରିଛନ୍ତି, ଯାହା ୟୁଜିସିମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଲାଗୁ କରାଯାଏ। ତଥାପି, ଏହି ନିୟମରେ ଭାରତର ସୁପ୍ରିମକୋର୍ଟ ମଧ୍ୟ ଭୂମିକା ଗ୍ରହଣ କରନ୍ତି। ଭାରତର ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଜାରି କରିଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଉଛି ଯେ, ଏକ ମାମଲାରେ, ମାନ୍ୟବର କୋର୍ଟ କହିଛନ୍ତି ଯେ କିଛି ପରିସ୍ଥିତି ବ୍ୟତୀତ ମୋଟ ସଂରକ୍ଷଣ ୫୦% ଅତିକ୍ରମ କରିବା ଉଚିତ୍ ନୁହେଁ। ଏହା ବ୍ୟତୀତ, ସୁପ୍ରିମକୋର୍ଟ ୨୦୨୨ରେ ଇଡବ୍ଲ୍ୟୁଏସ ସଂରକ୍ଷଣକୁ ସାମ୍ବିଧାନିକ ଘୋଷଣା କରିଥିଲେ। ତଥାପି, ୟୁଜିସିସମ୍ପର୍କରେ ଯଥେଷ୍ଟ ବିତର୍କ ଏବଂ ମତଭେଦ ରହିଛି। ୟୁଜିସିଏବଂ ଏହାର ସଂରକ୍ଷଣ ନୀତି ସମ୍ପର୍କରେ ସମାଜରେ ଦୁଇଟି ମତ ରହିଛି। ପ୍ରଥମଟି ହେଉଛି ଏହାର ପ୍ରସ୍ତାବ: ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠା କରେ। ଏହା ପଛୁଆ ଗୋଷ୍ଠୀକୁ ଶିକ୍ଷାଗତ ସୁଯୋଗ ପ୍ରଦାନ କରେ। ଏହା ସମାଜରେ ସମାନତାକୁ ପ୍ରୋତ୍ସାହିତ କରେ। ଦ୍ୱିତୀୟଟି ହେଉଛି ଏହାର ଅନୁମାନ: ଏହା ମେରିଟ୍ ସିଷ୍ଟମକୁ ଦୁର୍ବଳ କରେ ଏବଂ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ହ୍ରାସ କରେ। କେତେକ ବିଶ୍ୱାସ କରନ୍ତି ଯେ ସଂରକ୍ଷଣର ଅବଧି ସୀମିତ ହେବା ଉଚିତ।

ଏହି ବିବାଦର ସମାଧାନ ପାଇଁ, କିଛି ଶିକ୍ଷାବିତ୍ ଏବଂ ନୀତି ବିଶେଷଜ୍ଞ ଯୁକ୍ତି ଦିଅନ୍ତି ଯେ ଶିକ୍ଷାରେ ଆସନ ସଂଖ୍ୟା ବୃଦ୍ଧି କରାଯିବା ଉଚିତ। ଯଦି ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ଅଧିକ ଆସନ ଥାଏ, ତେବେ ସମସ୍ତ ବର୍ଗର ଛାତ୍ରଛାତ୍ରୀମାନେ ଅଧିକ ସୁଯୋଗ ପାଇବେ। ଆର୍ଥିକ ସହାୟତା ବୃଦ୍ଧି କରିବା ମଧ୍ୟ ଏକ ପଥ ହୋଇପାରେ। ୟୁଜିସିଏବଂ ଭାରତ ସରକାରଙ୍କ ସଂରକ୍ଷଣ ନୀତିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସାମାଜିକ ନ୍ୟାୟ ଏବଂ ସମାନ ସୁଯୋଗ ସୁନିଶ୍ଚିତ କରିବା। ତଥାପି, ସମାଜ ଭିତରେ ଭିନ୍ନ ଭିନ୍ନ ମତ ରହିଛି। ସାଧାରଣ ବର୍ଗ ଏବଂ ଅନ୍ୟାନ୍ୟ ବର୍ଗ ମଧ୍ୟରେ ସମାନତା ବଜାୟ ରଖିବା ପାଇଁ ସରକାରଙ୍କୁ ସମୟ ସମୟରେ ନୀତି ସମୀକ୍ଷା କରିବା ଆବଶ୍ୟକ। ଶେଷରେ, ଶିକ୍ଷା ହେଉଛି ସାମାଜିକ ପ୍ରଗତି ପାଇଁ ମୂଳଦୁଆ। ତେଣୁ, ଏପରି ନୀତି ବିକଶିତ ହେବା ଉଚିତ ଯାହା ସମସ୍ତ ବର୍ଗର ଲୋକଙ୍କୁ ନ୍ୟାୟପୂର୍ଣ୍ଣ ଏବଂ ସମାନ ସୁଯୋଗ ପ୍ରଦାନ କରେ।

ଔରଙ୍ଗାବାଦ ବାରୀ ଯାଜପୁର, ମୋବାଇଲ୍:୮୨୪୯୫୦୨୭୭୬

# ଚର୍ଚ୍ଚାରେ: ଭାରତରେ ପିଲାଙ୍କ ଲାଗି ସୋସିଆଲ ମିଡ଼ିଆ ବ୍ୟାନ



**ପ୍ରଫେସର ଡାକ୍ତର ସମ୍ରାଟ କର**

ଅଷ୍ଟ୍ରେଲିଆ ଭଳି ଭାରତରେ ମଧ୍ୟ ୧୬ ବର୍ଷର କମ ବୟସର ପିଲାଙ୍କ ଲାଗି ସୋସିଆଲ ମିଡ଼ିଆକୁ ବ୍ୟାନ କରାଯିବା ଆବଶ୍ୟକ। ମାଡ୍ରାସ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଏକ ପୁରୁଣା ଜନସ୍ୱାର୍ଥ ଆବେଦନର ଶୁଣାଣି ସମୟରେ ଜଷ୍ଟିସ ଜି ଜୟଚନ୍ଦ୍ରନ ଏବ ଜଷ୍ଟିସ କେ କେ ରାମକୃଷ୍ଣନ୍ଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେବା ସହ ଏଥିନେଇ ଗମ୍ଭୀରତାର ସହ ବିଚାର କରାଯିବାକୁ କହିଛନ୍ତି।

ପିଲାଙ୍କୁ ଇଣ୍ଟରନେଟରେ ଅଶ୍ଳୀଳ ଏବଂ ପର୍ନ କଣ୍ଟେଣ୍ଟ ସହଜରେ ମିଳିଯାଇଥାଏ। ଏହା ଉପରେ ରୋକ ଲାଗି କୌଣସି ଠୋସ ବ୍ୟବସ୍ଥା ନାହିଁ। ତେବେ ଏହା ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ, ଭାବନାତ୍ମକ ଏବଂ ବ୍ୟାବହାରିକ ବିକାଶକୁ ମଧ୍ୟ ପ୍ରଭାବିତ କରିଥାଏ। ଏଭଳି ସ୍ଥଳରେ ରାଷ୍ଟ୍ରୀୟ ବାଳ ଅଧିକାର ସଂରକ୍ଷଣ ଆୟୋଗ ଏବଂ ତାମିଲନାଡୁ ବାଳ ଅଧିକାର ଆୟୋଗ ନିଜ ଶକ୍ତିର ବ୍ୟବହାର କରି ଇଣ୍ଟରନେଟ ସର୍ଭିସ ପ୍ରୋଭାଇଡର୍ସଙ୍କୁ ପ୍ୟାରେଣ୍ଟାଲ କଣ୍ଟ୍ରୋଲ ସିଷ୍ଟମ ଲାଗୁ ଲାଗି ନିର୍ଦ୍ଦେଶ ଦେବା ଏବଂ ସ୍କୁଲ ସମାଜରେ ବ୍ୟାପକ ଭାବେ ଏଥିନେଇ ସଚେତନତା ଅଭିଯାନ ଚଳାଯିବାକୁ ଆବେଦନରେ ଦାବି କରାଯାଇଥିଲା। ଏହି ସମୟରେ ବିଜୟ କୁମାରଙ୍କ ଓକିଲ ଅଷ୍ଟ୍ରେଲିଆରେ ଆସିଥିବା ନୂଆ ଆଇନର ଉଦାହରଣ ମଧ୍ୟ ଦେଇଥିଲେ।

ଖଣ୍ଡପୀଠ ଭାରତ ସରକାର ମଧ୍ୟ ଅଷ୍ଟ୍ରେଲିଆ ଭଳି ପିଲାଙ୍କ ପାଇଁ ସୋସିଆଲ ମିଡ଼ିଆକୁ ବ୍ୟାନ କରିବାର ସମ୍ଭାବନା ଖୋଜିବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଏଥିସହ ଅଷ୍ଟ୍ରେଲିଆ ଭଳି ନୂଆ ଆଇନ ଆଣିବାକୁ କହିଥିଲେ। ଖଣ୍ଡପୀଠ ଆହୁରି କହିଥିଲେ ଯେ, ସୋସିଆଲ ମିଡ଼ିଆରେ ପ୍ରସାରିତ ହେଉଥିବା ଅଶ୍ଳୀଳ କଣ୍ଟେଣ୍ଟ ପିଲାଙ୍କ ଲାଗି କ୍ଷତିକାରକ। ପିଲାଙ୍କୁ ଏଭଳି କଣ୍ଟେଣ୍ଟରୁ ଦୂରେଇ ରଖିବା ମା' ବାପାଙ୍କ ସହ ସରକାରଙ୍କ ମଧ୍ୟ ଦାୟିତ୍ୱ। ପିଲାଙ୍କ ପାଇଁ ସୋସିଆଲ ମିଡ଼ିଆକୁ ବ୍ୟାନ କରିବା ନେଇ କେନ୍ଦ୍ର ଆଇନ ନ ଆଣିବା ଯାଏ ସାରା ଦେଶରେ ସମ୍ବନ୍ଧିତ ଅଧିକାରୀ ଏବଂ ବାଳ ଅଧିକାର ଆୟୋଗ ସଚେତନତା ଅଭିଯାନ ଚଳାନ୍ତୁ। ପିଲା ଏବଂ ସେମାନଙ୍କ ବାପା-ମା'ଙ୍କୁ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାରର ଉପାୟ ସରଳ ଭାଷାରେ ବୁଝାନ୍ତୁ। ସେହିପରି ଇଣ୍ଟରନେଟ ସର୍ଭିସ ପ୍ରୋଭାଇଡରଙ୍କ ଉପରେ କଡ଼ା ନିୟମ ଲାଗୁ ହେବା ଆବଶ୍ୟକ। ସେମାନଙ୍କୁ ଅନିବାର୍ଯ୍ୟ ଭାବେ ପ୍ୟାରେଣ୍ଟାଲ କଣ୍ଟ୍ରୋଲ ସେବା ଦେବାକୁ କୁହାଯିବା କଥା। ଏହାଦ୍ୱାରା ମାତା-ପିତା ନିଜ ପିଲାର ଅନଲାଇନ କାର୍ଯ୍ୟକଳାପକୁ ଫିଲଟର ଏବଂ ନିୟନ୍ତ୍ରଣ କରିପାରିବେ।

ସୂଚନାଥାଉକି, ଡିସେମ୍ବର ୯ରୁ ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ ବୟସର ପିଲାଙ୍କ ଲାଗି ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଆକାଉଣ୍ଟ ବନାଇବା ଉପରେ ବ୍ୟାନ କରାଯାଇଛି। ଏଭଳି ବ୍ୟାନ ଲଗାଇବା ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦେଶ। ଏହି ପଦକ୍ଷେପ ପଛର ଉଦ୍ଦେଶ୍ୟ ହେଲା ପିଲାଙ୍କୁ ଅନଲାଇନ କ୍ଷତିକାରକ କଣ୍ଟେଣ୍ଟ ଏବଂ ସାଇବର ବିପଦରୁ ରକ୍ଷା କରିବା।

ଆଜିକାଲି ପାଠପଢ଼ାର ଚାପ ପିଲାମାନଙ୍କ ଚିନ୍ତା ଚେତନାକୁ ସଙ୍କୁଚିତ କରି ରଖୁଥିବାବେଳେ ସାମାଜିକ ଗଣମାଧ୍ୟମ ସେମାନଙ୍କ କଳା କୁଶଳତାକୁ ପ୍ରଦର୍ଶିତ କରିବାର ପ୍ରେରଣାର ଉତ୍ସ ପାଲଟିଛି। କେବଳ ସେତିକି ନୁହେଁ ନାଚ, ଗୀତ ସମ୍ପର୍କିତ ଜ୍ଞାନ ଆହରଣ କରିବା ସହଜତର ହେବା ସହିତ ନିଜର ବୁଦ୍ଧିମତ୍ତା ଦ୍ୱାରା ୟୁଟ୍ୟୁବ, ଇନଷ୍ଟାଗ୍ରାମରୁ ଅର୍ଥ ଉପାର୍ଜନ କରିପାରୁଛନ୍ତି ପିଲାମାନେ। ବିଦ୍ୟାର୍ଥୀଙ୍କ ବନ୍ଧୁ ପାଲଟି ବିସ୍ତୃତ ଜ୍ଞାନ ଭଣ୍ଡାର ସହିତ ସାମାଜିକ ଗଣମାଧ୍ୟମ ସେମାନଙ୍କୁ ପରିଚିତ କରାଇଛି। ଏତେ ପ୍ରକାରର ବ୍ୟବସ୍ଥା ଅନୁସାରେ ପିଲାଟିଏ ଅନ୍ତତଃ ନିଜ ଭିତରର କ୍ଷମତାକୁ ବୁଝି ତଦନୁଯାୟୀ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିପାରୁଛି। ପିଲାମାନେ ନିଜର ଯେ କୌଣସି ଜଟିଳ ସମସ୍ୟା ଅବିଳମ୍ବେ ସମାଧାନର ସୂତ୍ର ପାଇ ପାରୁଛନ୍ତି ଓ ବିଭିନ୍ନ ବିଷୟ ଭିତ୍ତିକ ଶିକ୍ଷା ବିଷୟରେ ଜାଣି ପାରୁଛନ୍ତି। ପରିବାର ସହ ସାଙ୍ଗମାନଙ୍କୁ ଯୋଡ଼ି ରଖିବାର ଅତ୍ୟାବଶ୍ୟକ ସାଧନ ଏହି ସୋସିଆଲ ମିଡ଼ିଆ। ଆଜିକାଲି ଶିକ୍ଷକତତ୍ତ୍ୱ ବା ଅଧ୍ୟାପକମାନେ ବିଭିନ୍ନ ବିଷୟ ସଂକ୍ରାନ୍ତୀୟ ଆଲୋଚନା ପାଇଁ ୟୁଟ୍ୟୁବର ସାହାଯ୍ୟ ନେଉଥିବା ହେତୁ ପିଲାମାନଙ୍କ ପାଇଁ ସେ ସବୁ ସଂଗ୍ରହଣୀୟ ହୋଇପାରୁଛି। ନୋଟ ଓ ପିଡ଼ିଏଫରୁ ସେମାନେ ସବିଶେଷ ତଥ୍ୟ ପାଇପାରୁଛନ୍ତି। ନିମିଷକ ଭିତରେ ଯେ କୌଣସି କଷ୍ଟକର ପ୍ରଶ୍ନକୁ ଅଚିରେ ସମାଧାନ କରିପାରୁଛନ୍ତି। ସାମାଜିକ ଗଣମାଧ୍ୟମ ବିଦ୍ୟାର୍ଥୀ ମାନଙ୍କ ବନ୍ଧୁ ପାଲଟୁଛି କହିଲେ ଭୁଲ ହେବନି। ତେବେ ଏହି ସାମାଜିକ ଗଣମାଧ୍ୟମର ଚାର୍ଟିଂ ଦ୍ୱାରା ବା ଭିଡ଼ିଓ ଗେମିଂର ଶିକାର ହୋଇ ଅନେକ ଛାତ୍ର ଆଗରୁ ଆତ୍ମହତ୍ୟା କରିସାରିଛନ୍ତି କାରଣ ଅତ୍ୟଧିକ ସାମାଜିକ ଗଣମାଧ୍ୟମର ବ୍ୟବହାର ମନ ଓ ମସ୍ତିଷ୍କକୁ ଚାପ ଗ୍ରସ୍ତ କରିବା ସହିତ ବିଚାର ଶକ୍ତିକୁ ଆକ୍ରାନ୍ତ କରିଥାଏ। ଅତ୍ୟଧିକ ମୋବାଇଲ ଦେଖିବା ଦ୍ୱାରା ଡିପ୍ରେସନର ଶିକାର ହୁଅନ୍ତି କିଛି ପିଲା। ନିଜକୁ ବିଜ୍ଞାପିତ କରିବାର ଉପଯୁକ୍ତ ସାଧନ ହୋଇଥିବାରୁ ଆତ୍ମ ବିଜ୍ଞାପିତ କରିବାର ପ୍ରବଳ ଉତ୍ସାହ ଜଣକର ମୌଳିକତାକୁ ମାରି ଦିଏ। ପ୍ରତିଦ୍ୱନ୍ଦ୍ୱିତା ମୂଳକ ଦୁନିଆରେ ସାମାଜିକ ଗଣମାଧ୍ୟମର ଫେସବୁକ, ହ୍ୱାଟସଆପ, ଇନଷ୍ଟାଗ୍ରାମ ପରି ଆପ୍ ଗୁଡ଼ିକ ପିଲାମାନଙ୍କୁ ଯେତିକି ଉତ୍ସାହିତ କରେ ସେତିକି ଚାପ ଗ୍ରସ୍ତ ବି କରାଏ। 'ଅନ୍ୟ ଜଣେ କରିପାରୁଛି ମୁଁ ପାରୁନି' ଏହି ମାନସିକତା କେବେ କେବେ ଗୋଟେ ପିଲାକୁ ଭୀଷଣ ଭାବେ ଆକ୍ରାନ୍ତ କରେ ଯାହାଫଳରେ ସେ ଅନ୍ୟ ମନସ୍କତାର ଶିକାର ହୋଇ ଅସ୍ୱାଭାବିକ ହୋଇଯାଏ।

ସାମାଜିକ ଗଣମାଧ୍ୟମ ଆସକ୍ତି : ଲାଇକ, କମେଣ୍ଟ, ଫଲୋ ଏହି ଶବ୍ଦ ଗୁଡ଼ିକ ଆଜି ଆତ୍ମ ସମ୍ମାନର ମାପକାଠି। ସାମାଜିକ ଗଣମାଧ୍ୟମର ଆସକ୍ତିରେ ପିଲାମାନେ ଭୁଲ ରିଲସ୍, ଅନିୟନ୍ତ୍ରିତ ସ୍କ୍ରୋଲିଙ୍ଗ, ଭିଡ଼ିଓ ପ୍ରସ୍ତୁତି, ଅସୁରକ୍ଷିତ ଚାଟିଂ, ହ୍ୱାଟସଆପ, ୟୁଟ୍ୟୁବ ଆଦିରେ ଭୁଲ ତଥ୍ୟର ଆଦାନପ୍ରଦାନ ଯୋଗୁଁ ବହୁ ସମୟ ଲିପ୍ତ ରହି ଡୋପାମିନ୍ ନାମକ ହର୍ମୋନର ପ୍ରଭାବରେ ମାନସିକ ବିକାରର ଶିକାର ଦବାରା ନିଜର ପାଠପଢ଼ା, ଦୈନନ୍ଦିନ ଶାରୀରିକ କ୍ରିୟା, ଭବିଷ୍ୟତ ଗଠନର ଯୋଜନା, ପାରିବାରିକ ସମ୍ପର୍କ ଆଦିରୁ ଦୂରେଇ ଯାଉଛନ୍ତି। ଡୋପାମିନ ଏପରି ଗୋଟିଏ ନିଶା ଯାହା ପିଲାଦିନରୁ ଆରମ୍ଭ ହୋଇ ମଣିଷକୁ ମୃତ୍ୟୁ ପର୍ଯ୍ୟନ୍ତ ଅନବରତ ଭାବରେ ୨୪ ଘଣ୍ଟା ବ୍ୟସ୍ତ ରଖିବାରେ ସଫଳ ହୋଇଥାଏ, ଫଳରେ ମଣିଷର ମସ୍ତିଷ୍କର କ୍ଷମତା ସଙ୍କୁଚିତ ହେବା ସହିତ ତା'ର ଭାବନା ଶକ୍ତି ନଷ୍ଟ କରେ। ଆକ୍ରାନ୍ତ ବ୍ୟକ୍ତି ଆତ୍ମୀୟତା ଓ ସମ୍ପର୍କକୁ ବୁଝିବାକୁ ଅସମର୍ଥ ହୋଇ ପଡ଼େ। ଯେଉଁ ପିଲା ଯେତେ ଥର ସାମାଜିକ ଗଣମାଧ୍ୟମର ସଂସ୍ପର୍ଶରେ ଆସିବ, ତାହା ତାକୁ ସେତେ ଅଧିକ ଭଲ ଲାଗିବ କାରଣ ତା' ମସ୍ତିଷ୍କରେ ଡୋପାମିନ ଭଳି ହରମୋନର କ୍ଷରଣ ଅତ୍ୟଧିକ ମାତ୍ରାରେ ବଢ଼ିବା ଫଳରେ ତା'ର ଧ୍ୟାନ କେବଳ ସାମାଜିକ ଗଣମାଧ୍ୟମକୁ ଆକର୍ଷିତ ହୋଇ ଅନ୍ୟ ଚିନ୍ତା କରିବାର ଶକ୍ତିକୁ ଶେଷ କରିଥାଏ, ଯାହାଫଳରେ ପିଲାଟି ନିଜର ଧୈର୍ଯ୍ୟଚ୍ୟୁତି ସହିତ ଆତ୍ମ ବିଶ୍ୱାସ ହରାଇ ବସିଥାଏ। ଏହି ନିଶା ସମୟ ନଷ୍ଟ କରିବା, ବିକାଶକୁ ରୋକି ଭବିଷ୍ୟତକୁ ଅନ୍ଧକାରମୟ କରିବା ସହିତ ଅର୍ଥ ହାନି, ଚାପ ସୃଷ୍ଟି ସହିତ ସେମାନଙ୍କୁ ବିଭିନ୍ନ ମିଛ ଉପରେ ଭରସା କରିବାକୁ ବାଧ୍ୟ କରେ। ଶେଷରେ ପୀଡ଼ିତ ଆତ୍ମହତ୍ୟା ବା ଅନ୍ୟାନ୍ୟ ପାପ କର୍ମରେ ଲିପ୍ତ ରହି ପରିବାର ଏବଂ ବନ୍ଧୁପରିଜନଙ୍କ ବିଶ୍ୱାସକୁ ଶୀଘ୍ର ନଷ୍ଟ କରି ନିଜ ଜୀବନ ବିପନ୍ନ କରିଥାଏ। ବହୁ ସମୟ ଧରି ସାମାଜିକ ଗଣମାଧ୍ୟମରେ ବୁଡ଼ି ରହିଥିବା ପିଲାମାନଙ୍କ ଜୀବନରେ ଅତ୍ୟଧିକ ଚାପ ସହିତ ହୃଦରୋଗ, ଚିଡ଼ିଚିଡ଼ାପଣ ଆଦି ସୃଷ୍ଟି କରିବା ସହିତ ଭାବପ୍ରବଣତା ଓ ସମ୍ପର୍କକୁ ନଷ୍ଟ କରିଥାଏ। ପରିବାର, ବିଦ୍ୟାଳୟ, ଗ୍ରାମ ସ୍ତରରେ ଆଲୋଚନା, ସଙ୍ଗୀତ, ସାହିତ୍ୟ, ଆଧ୍ୟାତ୍ମିକ କାର୍ଯ୍ୟ ଆଦି ମନକୁ ସ୍ଥିର, ଶାନ୍ତ ଓ ସୁସ୍ଥ କରେ। ସେଥିପାଇଁ ବିଦ୍ୟାଳୟ, କଲେଜ, ବିଶ୍ୱବିଦ୍ୟାଳୟରେ ଡିଜିଟାଲ ସ୍ୱାକ୍ଷରତା ବିଷୟଟି ଅନିବାର୍ଯ୍ୟ ହେବା ଉଚିତ। ତେବେ ପିଲାଟି ପ୍ରତିଦିନ ଯେପରି 'ମୋବାଇଲ ଓ ସ୍କ୍ରିନ ମୁକ୍ତ ସମୟ' ପାଇବ ସେ ଦିଗଟିକୁ ଦେଖିବା ଦରକାର। ସାମାଜିକ ଗଣମାଧ୍ୟମ ଅଧିକ ଭଲ ବା ଖରାପ ନୁହେଁ ଏହା କେବଳ ଏକ ଯାନ୍ତ୍ରିକ ମାଧ୍ୟମ। ସାମାଜିକ ଗଣମାଧ୍ୟମ ପିଲାଟିର ଅଭିବୃଦ୍ଧି ଓ ଦେଶର ଉନ୍ନତିର ସବୁଠାରୁ ମହାନ ଅସ୍ତ୍ର ହୋଇପାରେ ନହେଲେ ଏହା ପିଲାମାନଙ୍କୁ ବିଶେଷକରି ଯୁବପିଢ଼ିକୁ ଭ୍ରମ, ଅନ୍ଧକାର ଓ ବିଭ୍ରାନ୍ତ ଗର୍ତ୍ତରେ ଠେଲି ଦେବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।




**ମାନସିକ ରୋଗ ବିଶେଷଜ୍ଞ, 'ଦି'ବେନ' ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍:୯୪୩୭୧୬୩୪୦୬**

# କଙ୍କ୍ରିଟ୍ କବଳିତ ଶିକ୍ଷାନୁଷ୍ଠାନ ଗବେଷଣା



**ଡ. ବିଜ୍ଞାନ ମହାନ୍ତି**

ଏବେ ଗୋଟେ ବିଚିତ୍ର କଥା ଦେଖିବାକୁ ମିଳୁଛି। ଯୁଆଡେ ଦେଖିବ ଖାଲି କୋଠାବାଡି ତିଆରି ହେବାରେ ଲାଗିଛି। କେଉଁଠି ସରକାରୀ ଘର ତ ଆଉ କେଉଁଠି ବେସରକାରୀ କୋଠା। ଚାରିଆଡେ ଖାଲିବାଲି, ଗୋଡି, ଇଟା, ସିମେଣ୍ଟ, ଲୁହାଛଡର ଗହଳି ଆଉ କିଛିଦିନ ପରେ ସରମାନଙ୍କରେ ଆଉ ଟିକିଏ ବି ମାଟି ଦେଖିବାକୁ ପାଇବେନି। ଚାରିଆଡେ ଖାଲି କଙ୍କ୍ରିଟରେ ଭରପୁର। ବର୍ଷ ବର୍ଷ ଧରି ଭଙ୍ଗାଗଢା ଲାଗି ରହୁଛି। ଚାରିଆଡେ ଧୂଳିଗୁଣ୍ଡ ଉଡି ବାୟୁମଣ୍ଡଳକୁ ଦୂଷିତ କରୁଛି। ଏହି ବଡବଡ ଆଖିଦୃଶି ଆସରକାରୀ କୋଠାବାଡି ସବୁ ଭିତରେ ବିଶ୍ୱବିଦ୍ୟାଳୟଗୁଡିକର କୋଠାସବୁ ବାଦ୍ୟବ କିପରି ? ସେଠି ମଧ୍ୟ ଗଢା ଚାଲିଛି ବଡ ବଡ ବହୁତଳ ପ୍ରାସାଦ। କେଉଁଠି ପ୍ରଶାସନିକ ଭବନ ତିଆରି ହେଉଛି ତ କେଉଁଠି ବଡ ଗେଟ୍ଟଙ୍ଗା ହୋଇ ଆଉଥରେ ତିଆରି ଚାଲିଛି। ଆଉ କେଉଁଠି ଅଡିଟୋରିଅମ ଗଢାଯାଉଛି ତ କେଉଁଠି ନୂଆ ଶ୍ରେଣୀକକ୍ଷ ତିଆରି ହେଉଛି। ଭିତ୍ତିଭୂମି ତ ଗଠନ ହେଉଛି- ଯାହା ବିକାଶର ଏକ ମାପକାଠି। ଆଗରୁ ମଧ୍ୟ ବିଶ୍ୱବିଦ୍ୟାଳୟଗୁଡିକରେ ଶ୍ରେଣୀକକ୍ଷ ଥିଲା ପିଲାସଂଖ୍ୟା ଅନୁସାରେ, ସେତେବେଳେ ପାଠପଢା ମଧ୍ୟ ହେଉଥିଲା, କିଛି ଅସୁବିଧା ହେଉନଥିଲା। ସେଇଠାରୁ ପାଠପଢି ବହୁ ପିଲା ଆଇଏଏସ୍, ଆଇପିଏସ୍, ଓଏଏସ୍, ପ୍ରଫେସର ଇତ୍ୟାଦି ଚାକିରିକରି ଦେଶବିଦେଶରେ ନାଁରଖିଥିଲେ। ଏବେ କଣ ଦରକାର ହେଲା ଯେ ନୂଆ ନୂଆ ଶ୍ରେଣୀ ଗୃହ କରିବାକୁ ପଡ଼ିଲା, ବୋଧହୁଏ ସ୍ନାତକୋତ୍ତର ବିଭାଗମାନଙ୍କରେ ସିଟ୍‌ସଂଖ୍ୟା ଏହା ଭିତରେ ଅନେକାଂଶରେ ବଢିଯାଇଛି। ଅନ୍ୟପକ୍ଷରେ ପ୍ରୟୋଗାତ୍ମକ ଦିଗ ନଥିବା ମୂଳ ବିଷୟରେ ଉଚ୍ଚଶ୍ରେଣୀୟ ପାଠପଢା ପାଇଁ ବିଶେଷ ଆଗ୍ରହ ନାହିଁ, ଯେଉଁଥିପାଇଁ ସିଟ୍ ମଧ୍ୟ ଖାଲିପଡୁଛି। ସେହି ପୁରୁଣା କୋଠାବାଡିଗୁଡିକର ରକ୍ଷଣାବେକ୍ଷଣ ଯଦି ଠିକ ଭାବରେ ହୋଇଥାଆନ୍ତା, ତାହେଲେ ଆଉ ନୂଆକୋଠା ତିଆରି କରିବାକୁ ପଡ଼ିନଥାନ୍ତା। ତାଛଡା କିଛି ମୁଷ୍ଟିମେୟ ଠିକାଦାରଙ୍କୁ ସରକାର ପୋଷିବାରେ ଲାଗିପଡ଼ିଛନ୍ତି। ନୂଆ କାମ ନହେଲେ ଭଲ ପିସି କାରବାର ହେବ କେମିତି। ଇଞ୍ଜିନିୟର ଭାଇମାନେଭଲ ଦୁଇପଇସାକ ମେଇପାରିବେ କେମିତି? ମାଳ ମାଳ ଜାଗାବାଡି ନିଜ ନାଁରେ କରିବେ କେମିତି? କୋଟି କୋଟି ଟଙ୍କାର ବ୍ୟାଙ୍କ ଆସିବ କେଉଁଠୁ? ସେଥିପାଇଁ ସେମାନେ ଯେତିକି ଦାୟୀ, ଏ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ସେତିକି ଦାୟୀ।

ବିଶ୍ୱବିଦ୍ୟାଳୟମାନଙ୍କରେ ଥିବା ଖାଲି ଜାଗାଗୁଡିକ ଏବେ କୋଠାବାଡିରେ ଭରିଗଲାଣି। ଯେଉଁଠି କୌଣସି କାମ କରିବା ଦରକାର ନାହିଁ ସେଠିପୁରୁଣା ଘର କିମ୍ବା ଗେଟ୍ ଭାଙ୍ଗି ନୂଆ ତିଆରି କରୁଛନ୍ତି। ଏ ପଇସା କଣ ନିଜ ପକେଟରୁ ଖର୍ଚ୍ଚ କରି କରୁଛନ୍ତି। ଯାହା କରୁଛନ୍ତି ତାହାଜନସାଧାରଣଙ୍କଠାରୁ ବିଭିନ୍ନ ଉପାୟରେ ଟିକ ସହିସାବରେ ଆଦାୟ କରି ଖର୍ଚ୍ଚ କରୁଛନ୍ତି। ସେହି ଅର୍ଥ ଯଦି ଗବେଷଣା କାର୍ଯ୍ୟରେ କିମ୍ବା ପାଠପଢାରେ ଖର୍ଚ୍ଚ ହୁଅନ୍ତା ତାହେଲେ ରାଜ୍ୟ କିମ୍ବା ଦେଶ କେତେ ଆଗକୁ ଯାଇପାରିଥାନ୍ତା। ବିଶ୍ୱବିଦ୍ୟାଳୟମାନଙ୍କରେ ଶହ ଶହ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିପଡ଼ିଛି। ତାଛଡା ଅନେକ ଶିକ୍ଷକ ଓ ଅଣଶିକ୍ଷକ ଅବସର ନେଉଛନ୍ତି। ସେମାନଙ୍କର ପଦବୀ ମଧ୍ୟ ଖାଲିପଡ଼ିଛି। ସେଗୁଡିକ କିପରି ଠିକ୍ ସମୟରେ ପୂରଣ ହେବ, ସେଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେବା ଜରୁରୀ। ନହେଲେ ଦିନକୁ ଦିନ ଶିକ୍ଷାରେ ଅବନତି ଘଟିବ ଏବଂ ଗୁଡିଏ ବିଭାଗ ଆହୁରି ଅନେକ ଦିନ ପର୍ଯ୍ୟନ୍ତ ଠିକାଶିକ୍ଷକଙ୍କ ମାଧ୍ୟମରେ ପାଠପଢା ଜାରି ରଖିବେ।

ଭୁବନେଶ୍ୱର ମହାନଗର ଭିତରେ ଥିବା କେତେଗୁଡିଏ ନାମିଦାମି ବିଶ୍ୱବିଦ୍ୟାଳୟଗୁଡିକରେ ବର୍ଷତମାମ ଭଙ୍ଗାରୁଜା



ଚାଲିଛି। ପୁରୁଣା କୋଠାବାଡିଗୁଡିକର ଯତ୍ନ ନେଉନାହାନ୍ତି। କର୍ମଚାରୀମାନଙ୍କ ରହିବା ପାଇଁ ଯେଉଁ ଘର ଅତୀତରେ ତିଆରି ହୋଇଥିଲା ତାର ରକ୍ଷଣାବେକ୍ଷଣଅଭାବରୁ ସେସବୁ ଭାଙ୍ଗିରୁଜି ଗଲାଣି। ସେଗୁଡିକ ମଧ୍ୟରୁ ୩୦ ରୁ ୪୦ ପ୍ରତିଶତ ଭୂତକୋଠି ହୋଇଗଲାଣି। ଏହା ବ୍ୟତୀତ କର୍ମଚାରୀମାନେ ଆଉ ସରକାରୀ ଘର ଖଣ୍ଡିଏ ନପାଇ, ଘରଭଡା ବାବଦରେ ମାସିକ ଦରମାରେ ଘରଭଡା ପଇସା ନେଉଛନ୍ତି, ଯାହାଦ୍ୱାରା ସରକାରଙ୍କର ଅନେକ ଅର୍ଥ ବରବାଦ ହେଉଛି। ସେ କ୍ୱାଟର ଗୁଡିକ ଯଦି ରହିବା ଉପଯୋଗୀ ହୋଇଥାନ୍ତା, ତେବେ ଏସବୁ ଘଟିନଥାନ୍ତା। ତା ଛଡା ପରିତ୍ୟକ୍ତ କ୍ୱାଟର ଗୁଡିକ ଅସାମାଜିକ ଲୋକମାନଙ୍କର ଆଡ୍ଡାସ୍ଥଳି ପାଲଟିଯାଇଛି। ଏଥିରେ ମଧ୍ୟ ଆଇନଶୃଙ୍ଖଳାରେ ଅସୁବିଧା ସୃଷ୍ଟିହେଉଛି। ଅପରାଧଦିନକୁ ଦିନ ସେଇ ଅଞ୍ଚଳରେ ବଢିଚାଲିଛି। ଏଥିପ୍ରତି ସରକାର ତୁରନ୍ତ ଓ ନିଶ୍ଚୟ ଦୃଷ୍ଟିଦେବା ଦରକାର।

କେତେ ଗୁଡିଏ ବିଶ୍ୱବିଦ୍ୟାଳୟରେ କ୍ଷେତ୍ର ଗବେଷଣା ପାଇଁ ଯେଉଁ ଜମିଥିଲା, ସେଗୁଡିକରେ ମଧ୍ୟବଡ ବଡ ଅଟ୍ଟାଳିକା ଗଢିଉଠିଲାଣି। ପିଲାମାନଙ୍କର କ୍ଷେତ୍ର ଗବେଷଣା ପାଇଁ ଆଉ ଖାଲି ଜାଗା ନାହିଁ। ଏଥିରୁ ଜଣା ପଡୁଛି ଯେ କର୍ତ୍ତୁପକ୍ଷଙ୍କର ଗବେଷଣା ପ୍ରତି ଦୃଷ୍ଟି ଧିରେ ଧିରେ ଦୂରେଇ ଯାଉଛି। କେତେଗୁଡିଏ ବିଭାଗରେ ଶିକ୍ଷକ ପଦବୀ ବର୍ଷବର୍ଷ ଧରି ଖାଲିପଡ଼ିବା କାରଣରୁ ଧିରେ ଧିରେ ବିଭାଗ ଗୁଡିକ ବନ୍ଦ ହେବାରେ ଲାଗିଲାଣି। ଛାତ୍ରଛାତ୍ରୀଙ୍କର ଆଉ ମନ ବଳୁନାହିଁ ସେହି ବିଭାଗରେ ନାମ ଲେଖାଇବା ପାଇଁ। ଏମିତି ବି ଦେଖାଯାଇଛି ଗୋଟେ ଗୋଟେ ବିଦ୍ୟାଳୟରେ ଯେତେଜଣ ଅଧ୍ୟାପକ ଅଧ୍ୟାପିକା ଅଛନ୍ତି ସେତିକ ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି। ଗୋଟିଏଶିକ୍ଷକଙ୍କୁଗୋଟିଏପିଲା।ୟୁଜିସିବେତନ ହାରରେ ଶିକ୍ଷକମାନେ ମୋଟା ଦରମା ପାଉଛନ୍ତି। ଜଣେ ଅଧ୍ୟାପକ ମାସକୁ ହାରାହାରୀ ୧.୫୦ ଲକ୍ଷ ଟଙ୍କାରୁ ଅଧିକ ଦରମା ନେଉଛନ୍ତି, କାମ କହିଲେ ଦିନକୁ ଗୋଟେ କି ଦିଟା ପିରିୟଡ, ଆଉ ଗବେଷଣା ନାଁରେକିଛି ଗପସପ। ଏସବୁ ସରକାରଙ୍କ ପଇସା ବରବାଦ ନୁହେଁତ ଆଉ କଣ ?

ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଇଣ୍ଟରନେଟ୍ରୁ କପି କରିଆଣି ପିଲାଙ୍କୁ ପାଠ ଡାକି ଦେଉଛନ୍ତି।ପୂର୍ବେ ଗୋଟେ କ୍ଲାସ ନେବା ପୂର୍ବରୁ ଅଧ୍ୟାପକ ମାନେ ଦୁଇରୁ ତିନି ଘଣ୍ଟା ହୋମ୍‌ୱାର୍କ କରିକି ଆସୁଥିଲେ। ଏବେ ସେସବୁଦେଖିବା ସ୍ୱପ୍ନ। ଅନେକ ଶିକ୍ଷାନୁଷ୍ଠାନରେ ଥିବା ପୁରାତନ ବଡ ବଡ ଗଛଗୁଡ଼ିକୁ କର୍ତ୍ତୁପକ୍ଷ ରାତାରାତି କାଟି ପକାଇ ପରିବେଶକୁ ନଷ୍ଟ କରୁଛନ୍ତି। ବଡ ବଡ ଗଛ ସବୁ ସରକାରୀ ଜାଗାରୁ କାଟିବା ପାଇଁ ତାଙ୍କୁ ଅନୁମତି ଦେଲାକିଏ? ସେ କଣ ଜଙ୍ଗଲ ବିଭାଗର ଅନୁମତିକ୍ରମେ ସେ ଗଛଗୁଡିକ କାଟୁଛନ୍ତି ନା ନିଜର ସୌଖିନ୍ ମନବୃତ୍ତିକୁ ସାକାର କରିବାପାଇଁ ଏସବୁ କରୁଛନ୍ତି। ଗଛ କାହିଁକି ଲଗାଯାଇଥିଲା ତାର ଉପକାରିତା ବିଷୟରେ ମଧ୍ୟ ସେହି କର୍ତ୍ତୁପକ୍ଷ ମାନଙ୍କର ଧାରଣାହିଁନାହିଁ ।ପରିବେଶସୁରକ୍ଷାଦୃଷ୍ଟିକୋଣରୁବିଚାରକଲେ, ଏପର୍ଯ୍ୟନ୍ତକାହିଁକିସେହିକର୍ତ୍ତୃପକ୍ଷଙ୍କବିରୁଦ୍ଧରେକାର୍ଯ୍ୟାନୁଷ୍ଠାନହୋଇନି ?

ରାଜ୍ୟ କିମ୍ବା ଦେଶର ଆର୍ଥିକ ସମ୍ବଳ କେଉଁଠାରୁ ଆସୁଛି ସେ ବିଷୟରେ ସେହି ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କର କର୍ତ୍ତୁପକ୍ଷଙ୍କୁ ବୋଧହୁଏ ଜଣାନାହିଁ। ଯଦିଜାଣିଥାନ୍ତେ, ତା'ହେଲେଏପରିଭାବରେସରକାରଙ୍କ ପଇସାକୁବରବାଦକରିନଥାନ୍ତେ। ରାଜ୍ୟରେ ବିକାଶମୂଳକ କାର୍ଯ୍ୟପାଇଁ ଯାହା ପଇସାପତ୍ର ଦରକାର ତାହା ରାଜ୍ୟର ନିଜସ୍ୱ ବଜେଟରୁ ଖର୍ଚ୍ଚ କରାଯାଏ କିମ୍ବା ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟରୁ ମିଳୁଥିବା ଅନୁଦାନରୁ ପ୍ରାପ୍ୟ ଅର୍ଥରୁ ଖର୍ଚ୍ଚ ହୁଏ। ସେ ସବୁ ଅର୍ଥ ସାଧାରଣ ଜନତାଙ୍କ ଠାରୁ ଟିକସ ହିସାବରେ ଆଦାୟ କରାଯାଇଥାଏ। କୌଣସି କର୍ତ୍ତୁପକ୍ଷ ତାଙ୍କ ପକେଟରୁ ଆଣି ସେ ସବୁ ଖର୍ଚ୍ଚ କରନ୍ତି ନାହିଁ। ତେଣୁ ସମସ୍ତେ ସେଥିପ୍ରତି ସଜାଗ ହେବା ଦରକାର।

ଯାହା ଲେଖା ହୋଇଛି, ତାହା କାହାକୁ ବା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଆକ୍ଷେପ କରି ଲେଖାଯାଇନାହିଁ।

# ଇରାନ ଆରମ୍ଭ କଲା 'ଅପରେସନ୍ ଟ୍ରୁ ପ୍ରମିଜ୍-୪'



## ଟ୍ରମ୍ପଙ୍କ ଦାବି ଆତ୍ମସମର୍ପଣ କରିବ ତେହରାନ

ନ୍ୟୁୟର୍କ, ୧୩।୩: ପଶ୍ଚିମ ଏସିଆରେ ଯୁଦ୍ଧ ଏବେ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ ସଦସ୍ୟ ଦେଶଗୁଡ଼ିକୁ ସୂଚନା ଦେଇଛନ୍ତି ଯେ, ଇରାନ ଖୁବଶୀଘ୍ର ଆତ୍ମସମର୍ପଣ କରିବାକୁ ଯାଉଛି। ଏକ୍ସିଓସ ରିପୋର୍ଟ ଅନୁଯାୟୀ, ଏକ ଫୋନ କଲ୍ ଜରିଆରେ ଟ୍ରମ୍ପ ନିଜର ଆତ୍ମବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ଇରାନର ସାମରିକ ଶକ୍ତି ପ୍ରାୟତଃ ଶେଷ ହୋଇଯାଇଛି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ''ଟ୍ରୁଥ୍ ସୋସିଆଲ''ରେ ଏକ ପୋଷ୍ଟ କରି ଟ୍ରମ୍ପ ଇରାନକୁ କଠୋର ଚେତାବନୀ ଦେଇଛନ୍ତି। ସେ ଲେଖିଛନ୍ତି, 'ଆମେ ଇରାନର ଶାସନକୁ ସାମରିକ ଓ ଆର୍ଥିକ ସବୁ ସ୍ତରରେ ଧ୍ୱଂସ କରିଦେଇଛୁ। ସେମାନଙ୍କ ନୌସେନା ଓ ବାୟୁସେନା ଏବେ ଅସ୍ତିତ୍ୱହୀନ। ସେମାନଙ୍କ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ନଷ୍ଟ ହୋଇଯାଇଛି'। ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ସେ ଦୀର୍ଘ ୪୭ ବର୍ଷର ଆତଙ୍କବାଦୀ କାର୍ଯ୍ୟକଳାପର ଅନ୍ତ ଘଟାଉଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଟ୍ରମ୍ପଙ୍କ ଦାବିର କିଛି ସମୟ ପୂର୍ବରୁ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନି ନିଜ ଦେଶର ନାଗରିକଙ୍କୁ ଆମେରିକା ଓ ଇସ୍ରାଏଲ ବିରୁଦ୍ଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ୍ (ଆଇଆରଜିସି) ପକ୍ଷରୁ 'ଅପରେସନ୍ ଟ୍ରୁ ପ୍ରମିଜ୍-୪'ର ୪୪ତମ ପର୍ଯ୍ୟାୟ ଆରମ୍ଭ କରାଯାଇଛି। ଇରାନ ଏହି ଅଭିଯାନରେ ଏକ ଟନ୍ ଓଜନର ଯୁଦ୍ଧାସ୍ତ୍ର ବହନ କରିପାରୁଥିବା କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ସାମରିକ ଘାଟି, ତେଲ ଅଭିଭ, ଏଲାତ ଓ ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟିକୁ ଇରାନ ଟାର୍ଗେଟ କରିଛି।

ସିଏନଏନର ଏକ ରିପୋର୍ଟ ଅନୁଯାୟୀ, ଇରାନ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ ପ୍ରଣାଳୀ' ବନ୍ଦ କରିବାର ସମ୍ଭାବନାକୁ ଟ୍ରମ୍ପ ପ୍ରଶାସନ ହେୟଜ୍ଞାନ କରିଥିଲା। ଯଦିଓ ପେଣ୍ଟାଗନ ଏପରି ପରିସ୍ଥିତି ପାଇଁ ଯୋଜନା କରିଥିଲା, କିନ୍ତୁ ଯୁଦ୍ଧ ଏତେ ଦିନ ଧରି ଚାଲିବ ଏବଂ ଏହାର ଆର୍ଥିକ ବୋଝ ଏତେ ହେବ, ତାହା ପ୍ରଶାସନ ଆକଳନ କରିନଥିଲା। ଯୁଦ୍ଧ ଆଜି ୧୩ ତମ ଦିନରେ ପ୍ରବେଶ କରିଥିଲେ ହେଁ, କୌଣସି ପକ୍ଷ ପଛଘୁଞ୍ଚା ଦେବାକୁ ପ୍ରସ୍ତୁତ ନାହାନ୍ତି। ସାରା ବିଶ୍ୱ ଏବେ ଏହି ସଂଘର୍ଷର ପରିଣାମକୁ ନେଇ ଆଶଙ୍କାରେ ରହିଛି।

### ତୁର୍କୀକୁ ଟାର୍ଗେଟ୍ କଲା ଇରାନ

## ବାଲିଷ୍ଟିକ୍ ମିସାଇଲକୁ ଖସାଇଲା ନାଟୋ



ତେହେରାନ, ୧୩।୩: ଇରାନ ଏବଂ ଆମେରିକା ମଧ୍ୟରେ ଲାଗିରହିଥିବା ଯୁଦ୍ଧ ମଧ୍ୟରେ ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଇରାନ ସୀମାରୁ ତୁର୍କୀ ଅଭିମୁଖେ ମାଡ଼ି ଆସୁଥିବା ଏକ ବାଲିଷ୍ଟିକ୍ ମିସାଇଲକୁ ନାଟୋ ବା ଉତ୍ତର ଆଟଲାଣ୍ଟିକ୍ ସନ୍ଧି ସଂଗଠନ (ନାଟୋ) ନଷ୍ଟ କରିଦେଇଥିବା ସ୍ପଷ୍ଟ କରିଛି। ଇରାନ ସହିତ ସଂଘର୍ଷ ଆରମ୍ଭ ହେବା ଦିନଠାରୁ ଏହା ଏପରି ତୃତୀୟ ଘଟଣା, ଯାହା ଆଞ୍ଚଳିକ ଯୁଦ୍ଧର ଆଶଙ୍କାକୁ ଆହୁରି ବଢ଼ାଇ ଦେଇଛି। ଏହି ଘଟଣାକୁ ନେଇ ନାଟୋ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ନାଟୋ ମୁଖପାତ୍ର ଓଆନା ଲୁଙ୍ଗେସ୍କୁ ଏକ ବିବୃତ୍ତିରେ କହିଛନ୍ତି, 'ନାଟୋ ସମ୍ପୂର୍ଣ୍ଣ ସତର୍କ ଅଛି ଏବଂ ଆମର ସମସ୍ତ ସହଯୋଗୀ ରାଷ୍ଟ୍ରଙ୍କୁ ରକ୍ଷା କରିବା ପାଇଁ ଆମେ ପୂର୍ଣ୍ଣ ସଂକଳ୍ପ ସହିତ ଠିଆ ହୋଇଛୁ'। ଅନ୍ୟପଟେ ଏହି ଘଟଣାକୁ ନେଇ ତୁର୍କୀର ପ୍ରତିରକ୍ଷା ମନ୍ତ୍ରଣାଳୟ ତତ୍ପରତା ପ୍ରକାଶ କରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏହି ସଦ୍ୟତମ କ୍ଷେପଣାସ୍ତ୍ର ଘଟଣାର ସମସ୍ତ ଦିଗ ସ୍ପଷ୍ଟ କରିବା ପାଇଁ ବର୍ତ୍ତମାନ ତୁର୍କୀ ଇରାନର କର୍ତ୍ତୃପକ୍ଷଙ୍କ ସହିତ ସିଧାସଳଖ ଆଲୋଚନା କରୁଛି। ଯେହେତୁ ତୁର୍କୀ ନାଟୋର ଏକ ପ୍ରମୁଖ ସଦସ୍ୟ ରାଷ୍ଟ୍ର, ତେଣୁ ଏହି ଆକ୍ରମଣ ସିଧାସଳଖ ନାଟୋ ମେଣ୍ଟ ଉପରେ ଏକ ବିପଦ ବୋଲି ବିବେଚନା କରାଯାଉଛି। ଇରାନ ଏବଂ ଆମେରିକା ମଧ୍ୟରେ ଲାଗିଥିବା ଏହି ଯୁଦ୍ଧ ଧୀରେ ଧୀରେ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ନିଜ କବଳକୁ ନେଉଥିବା ବେଳେ ଏହି ଘଟଣା ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଇଛି। ସ୍ଥିତି ଉପରେ ଆନ୍ତର୍ଜାତୀୟ ସମୁଦାୟ ତୀକ୍ଷ୍ଣ ନଜର ରଖିଛନ୍ତି।

## ଜୟଶଙ୍କରଙ୍କ ସହ କଥା ହେଲେ ଇରାନର ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୧୩।୩: ଇରାନର ବିଦେଶ ମନ୍ତ୍ରୀ ଅବାସ ଅରାଘଚି ତାଙ୍କ ଭାରତ ପ୍ରତିପକ୍ଷ ଏସ୍ ଜୟଶଙ୍କରଙ୍କ ସହିତ ଟେଲିଫୋନ ମାଧ୍ୟମରେ କଥା ହୋଇଛନ୍ତି। ଅରାଘଚି ପଶ୍ଚିମ ଏସିଆ ସଙ୍କଟ ଦୂର ଏବଂ ବ୍ୟାପକ ଭୂରାଜନୈତିକ ବିକାଶ ଉପରେ ଆଲୋଚନା କରିବା, ବିଶ୍ୱ ସ୍ଥିରତାକୁ ସମର୍ଥନ କରିବା ପାଇଁ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ଆହ୍ୱାନ କରିଥିଲେ।

ଇରାନର ଏକ ବିବୃତି ଅନୁଯାୟୀ, ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଦେଖାଦେଇଥିବା ଆଞ୍ଚଳିକ ତଥା ବୈଶିକ ଅସ୍ଥିରତା ସମ୍ପର୍କରେ ଦୁଇ ନେତା କଥା ହୋଇଛନ୍ତି। ଇରାନ ତା'ର ସାର୍ବଭୌମତା ପାଇଁ ଲଢ଼ିବାର ଅଧିକାର ଅଛି ବୋଲି ଅରାଘଚି କହିଛନ୍ତି। ଇରାନ ଉପରେ ଫେବ୍ରୁଆରି ୨୮ ଆକ୍ରମଣ ପରେ ଚତୁର୍ଥ ଥର ପାଇଁ ଅରାଘଚି ଭାରତର ବିଦେଶ ମନ୍ତ୍ରୀ ଜୟଶଙ୍କରଙ୍କ ସହିତ କଥା ହୋଇଛନ୍ତି। ଇରାନ ଆମେରିକା-ଇସ୍ରାଏଲ ଆକ୍ରମଣକୁ ସାମରିକ ଆକ୍ରମଣ ବୋଲି ଅଭିହିତ କରି ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସଂଗଠନଗୁଡ଼ିକୁ ଏହାକୁ ନିନ୍ଦା କରିବାକୁ ସେ ଆହ୍ୱାନ କରିଥିଲେ ଏବଂ ବିଶ୍ୱ ସ୍ଥିରତାକୁ ସମର୍ଥନ କରିବାରେ ବ୍ରିକ୍ସର ଗୁରୁତ୍ୱ ଉପରେ ଅରାଘଚି ଆଲୋକପାତ କରିଥିଲେ। ଜୟଶଙ୍କର ତାଙ୍କ ପକ୍ଷରୁ କହିଛନ୍ତି ଯେ, ଭାରତ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗକୁ ବିସ୍ତାର କରିବାକୁ ପ୍ରସ୍ତୁତ ଏବଂ ଏହି କ୍ଷେତ୍ରରେ ସ୍ଥାୟୀ ସ୍ଥିରତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ତେହେରାନ ପକ୍ଷରୁ କୁହାଯାଇଛି।

## ନେତାଙ୍କ ଘରୁ ଜବତ ହେଲା ୫୫ ଗ୍ୟାସ୍ ସିଲିଣ୍ଡର

ଲକ୍ଷ୍ନୌ, ୧୩।୩: ମିଳୁନି ସିଲିଣ୍ଡର, ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ସରକାର କହୁଛନ୍ତି ଯେ ଦେଶରେ ଇନ୍ଧନ ଗ୍ୟାସର ଅଭାବ ନାହିଁ। କିନ୍ତୁ ହିନସ୍ତା ହେଉଛନ୍ତି ଖାଉଟି। କିଛି ଅସାଧୁ ବ୍ୟବସାୟୀ ଗ୍ୟାସର କଳାବଜାରୀ କରୁଛନ୍ତି। ଏପରିକି ବେଆଇନ ଭାବେ ଗଚ୍ଛିତ ରଖୁଛନ୍ତି। ସାରା ଦେଶରେ ଗ୍ୟାସ ସଙ୍କଟକୁ ନେଇ ହଟଚମଟ ପଡିଥିବା ବେଳେ ଜଣେ ବ୍ୟକ୍ତିଙ୍କ ଘରୁ ୫୫ଟି ସିଲିଣ୍ଡର ଜବତ କରାଯାଇଛି।



ରିପୋର୍ଟ ଅନୁସାରେ, ଉତ୍ତର ପ୍ରଦେଶର ହାପୁରରେ ପ୍ରଶାସନ ସିଲିଣ୍ଡର କଳାବଜାରୀ ରୋକିବାକୁ ପଦକ୍ଷେପ ନେଇଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ଚଢ଼ଉ ବେଳେ ଅବଦୁଲ ରେହାନ ନାମକ ଜଣେ ସ୍ଥାନୀୟ ନେତାଙ୍କ ଘରୁ ୫୫ଟି ଭର୍ତ୍ତି ଥିବା ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ପ୍ରଶାସନର କହିବାନୁସାରେ, କିଛି ଦିନ ଧରି ଗ୍ୟାସ୍ କଳାବଜାରୀ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ସ୍ଥାନୀୟ ଲୋକେ ଗ୍ୟାସ୍ ପାଉନଥିଲେ। କିଛି ବ୍ୟକ୍ତି ଏହାର ଫାଇଦା ନେଇ ଘରେ ଗ୍ୟାସ୍ ଲୁଚାଇ ରଖୁଛନ୍ତି। ଏହାକୁ ସେମାନେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଯାହା ପରେ ପ୍ରଶାସନ ତଦନ୍ତ ଆରମ୍ଭ କରି ଅବଦୁଲଙ୍କ ଘରେ ରେଡ୍ କରିଥିଲା। ତାଙ୍କ ଘରେ ଏତେ ସିଲିଣ୍ଡର ଥିବା ଦେଖି ଅଧିକାରୀମାନେ ଚକିତ ହୋଇଯାଇଥିଲେ।

ରେଡ୍ ପରେ ଘରୁ ଗୋଟିଏକୁ ଦୁଇଟି ନୁହେଁ ବରଂ ୫୫ଟି ସିଲିଣ୍ଡର ବାହାରିଥିଲା। ସମସ୍ତ ସିଲିଣ୍ଡରକୁ ଜବତ କରାଯାଇଛି। ଏତେ ସବୁ ସିଲିଣ୍ଡର ଏଠାକୁ କେମିତି ଆସିଲା ସେନେଇ ତଦନ୍ତ ଚାଲିଛି। ଏହାକୁ ସେ ଆଗାମୀ ଦିନରେ କଳାବଜାରୀ କରିଥାନ୍ତେ। କିନ୍ତୁ କାରନାମା ପୂର୍ବରୁ ପ୍ରଶାସନ ଏହାର ପର୍ଦ୍ଦାଫାସ କରିଛି। ସମସ୍ତ ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପାଞ୍ଚ-ସାତ ଦିନ ଧରି ଠିକସେ ସିଲିଣ୍ଡର ମିଳୁନି। ଏହି ସମୟରେ ଏତେ ସଂଖ୍ୟକ ସିଲିଣ୍ଡର ମିଳିବା ସାଧାରଣ କଥା ନୁହେଁ। ଏହାପଛରେ ଯେଉଁମାନଙ୍କ ହାତ ରହିଛି ସେମାନଙ୍କୁ ଗିରଫ କରିବାକୁ ହାପୁରବାସୀ ଦାବି କରୁଛନ୍ତି।

## ତାଲିବାନ ଡ୍ରୋନ୍ ହମଲାରେ ଦୋହଲିଲା ପାକିସ୍ତାନ

ନୂଆଦିଲ୍ଲୀ, ୧୩।୩: ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ବଡ଼ ସାମରିକ ସଂଘର୍ଷ ଆଡ଼କୁ ବୃଦ୍ଧିପାଉଛି। ପାକିସ୍ତାନର ବିମାନ ଆକ୍ରମଣର ଜବାବ ଦେଲା ତାଲିବାନ। ଡ୍ରୋନରେ ହମଲା କଲା ଆଫଗାନ ପ୍ରତିରକ୍ଷା ବାହିନୀ। ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଆଫଗାନ ସେନା ଅନେକ ପାକିସ୍ତାନୀ ସହରକୁ ଟାର୍ଗେଟ କରି ଡ୍ରୋନ ଆକ୍ରମଣ ଆରମ୍ଭ କରିଛି।

ପୂର୍ବରୁ ପାକିସ୍ତାନ ଗୁରୁବାର ବିଳମ୍ବିତ ଏବଂ ଶୁକ୍ରବାର ପ୍ରତ୍ୟୁଷରେ ଅନେକ ଆଫଗାନ ପ୍ରଦେଶରେ ବିମାନ ଆକ୍ରମଣ କରିଥିଲା। ଯେଉଁଥିରେ ଚାରି ଜଣ ଲୋକ ପ୍ରାଣ ହରାଇଛନ୍ତି, ଅନେକ ଆହତ ହୋଇଥିଲେ। ଆଫଗାନ ତାଲିବାନର ସୀମା ସୁରକ୍ଷା ବାହିନୀର ମୁଖପାତ୍ର ଆବିଦୁଲ୍ଲାହ ଉକାବ କହିଥିଲେ ଯେ ସେମାନେ ପାକିସ୍ତାନ ବିରୁଦ୍ଧରେ ପ୍ରତିଶୋଧମୂଳକ ଆକ୍ରମଣ ଆରମ୍ଭ କରିଛନ୍ତି। ସେ ବିଭିନ୍ନ ପାକିସ୍ତାନୀ ସହର ଉପରେ ଡ୍ରୋନ ଆକ୍ରମଣ କରିଥିବା ଦାବି କରିଛନ୍ତି।



ଉକାବ କହିଛନ୍ତି, ଆଫଗାନିସ୍ତାନ ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣରେ କୋହାଟ କେନ୍ଦ୍ରୀୟ କମାଣ୍ଡ, କୋହାଟ ବ୍ରିଗେଡ ଏବଂ ଶିବିର ସମେତ ପାକିସ୍ତାନୀ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ବର୍ତ୍ତମାନ, ପାକିସ୍ତାନର ବିଭିନ୍ନ ସହରରେ ବିସ୍ଫୋରଣର ରିପୋର୍ଟ ଆସିଛି, ଯାହା ପ୍ରଶାସନକୁ ହାଇ ଆଲର୍ଟରେ ରଖିଛି। ଆଫଗାନ ତାଲିବାନ ପ୍ରତିରକ୍ଷା ବାହିନୀ ସ୍ପଷ୍ଟ କରିଛି ଯେ ଅପରେସନ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଜଣେ ତାଲିବାନ ମୁଖପାତ୍ର କହିଛନ୍ତି, ଆମ ମାଟିରେ ପ୍ରତ୍ୟେକ ଆକ୍ରମଣର ଜବାବ ଏବେ ସେମାନଙ୍କ ନିଜ ମାଟିରେ ଦିଆଯିବ। ସୀମାବର୍ତ୍ତୀ ଅଞ୍ଚଳରେ ପ୍ରବଳ ଗୁଳିବର୍ଷା ଏବଂ ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହି ଆକ୍ରମଣଗୁଡ଼ିକ ଦକ୍ଷିଣ ଏସିଆରେ ଅସ୍ଥିରତାର ନୂତନ ଅଧ୍ୟାୟ। ପାକିସ୍ତାନ ଏହାକୁ ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ ବୋଲି କହୁଥିବା ବେଳେ ଆଫଗାନିସ୍ତାନ ଏହାକୁ ନିଜ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ବିବେଚନା କରି ପାଲଟା ଜବାବ ଦେଉଛି।

## କଳାବଜାର କଲେ କାର୍ଯ୍ୟାନୁଷ୍ଠାନ

### ଦୈନିକ ୨୫ ଲକ୍ଷ ଅଧିକ ଗ୍ୟାସ ବୁକିଂ ହେଉଛି




ନୂଆଦିଲ୍ଲୀ, ୧୩।୩: ଏଣିକି ପେଟ୍ରୋଲ୍ ଏବଂ ଗ୍ୟାସ କଳାବଜାର କରୁଥିଲେ ହୋଇଯାନ୍ତୁ ସାବଧାନ। ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ। କଳାବଜାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି, ପେଟ୍ରୋଲିୟମ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା। କଳାବଜାର କିମ୍ବା ବେଆଇନ ଭାବେ ଗଚ୍ଛିତ ରଖିଥିବା ଖବର ମିଳିଲେ କଡ଼ା ଆକ୍ସନ ନିଆଯିବ। ଏନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି କଳାବଜାର ହେଉଥିବା ଖବର ମିଳିବ ସେଠାରେ ଚଢ଼ାଉ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ ବାକି ଯେଉଁ ରାଜ୍ୟରେ କଳାବଜାର ଖବର ଆସିବ ସେଠାରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ଯୁଗ୍ମ ସଚିବ କହିଛନ୍ତି, ଏବେ ଦୈନିକ ୭୫ ଲକ୍ଷ ଗ୍ୟାସ ବୁକିଂ ହେଉଛି, ପୂର୍ବରୁ ୫୦ ଲକ୍ଷ ହେଉଥିଲା। ତେବେ ଦେଶରେ ତେଲ ଓ ଗ୍ୟାସର କୌଣସି ଅଭାବ ନାହିଁ। ସୋସିଆଲ ମିଡିଆରେ ହେଉଥିବା କୌଣସି ଗୁଜବ ଉପରେ ଆଦୌ ବିଶ୍ୱାସ କରନ୍ତୁ ନାହିଁ ବୋଲି ଯୁଗ୍ମ ସଚିବ କହିଛନ୍ତି। ବିଶୋଧନାଗାର ଗୁଡ଼ିକରେ ଅଶୋଧିତ ତୈଳ ପର୍ଯ୍ୟାପ୍ତ ପରିମାଣରେ ରହିଛି ବୋଲି ଯୁଗ୍ମ ସଚିବ ଶର୍ମା କହିଛନ୍ତି।

### ଝାଡଖଣ୍ଡରେ କେନ୍ଦ୍ର ବିରୋଧରେ ଅଭିନବ ପ୍ରତିବାଦ

## ରିକ୍ସା ଚଳାଇ ବିଧାନସଭା ଗଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଝାଡଖଣ୍ଡ, ୧୩।୩: ଝାଡ଼ଖଣ୍ଡ ବିଧାନସଭା ପରିସରରେ ଆଜି ଏକ ଅଭାବନୀୟ ତଥା ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଛି। ବଢ଼ୁଥିବା ମୁଦ୍ରାସ୍ଫୀତି ଓ ଇନ୍ଧନ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଇରଫାନ ଅନସାରୀ ଏକ ନିଆରା ଶୈଳୀ ଆପଣାଇଥିଲେ। ସେ ନିଜେ ରିକ୍ସା ଚଳାଇ ବିଧାନସଭାକୁ ଆସିଥିବା ବେଳେ ତାଙ୍କ ସହ କୃଷିମନ୍ତ୍ରୀ ଶିଳ୍ପୀ ନେହା ତିର୍କୀ ମଧ୍ୟ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କର ଏହି ରିକ୍ସା ଅବତାର କେବଳ ପଥଚାରୀଙ୍କୁ ଆଶ୍ଚର୍ଯ୍ୟ କରିନଥିଲା, ବରଂ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।



ବିଧାନସଭାର ମୁଖ୍ୟ ପ୍ରବେଶ ଦ୍ୱାରରେ ରିକ୍ସା ଅଟକାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗଣମାଧ୍ୟମ ଆଗରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ଆର୍ଥିକ ଓ ବୈଦେଶିକ ନୀତିକୁ ସମାଲୋଚନା କରି ସେ କହିଥିଲେ, ଆଜି ଦେଶର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ମୁଦ୍ରାସ୍ଫୀତି ଓ ବେକାରୀ ସାଧାରଣ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଲୋକମାନେ ନିଜର ମୌଳିକ ଆବଶ୍ୟକତା ପୂରଣ ପାଇଁ ଲମ୍ବା ଧାଡ଼ିରେ ଠିଆ ହେବାକୁ ବାଧ୍ୟ ହେଉଛନ୍ତି।

ବିଧାନସଭା ପରିସର କେବଳ ରିକ୍ସା ନୁହେଁ ବରଂ ଇଣ୍ଡିଆ ମେଣ୍ଟର ବିଧାୟକମାନଙ୍କ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ଅନେକ ବିଧାୟକ ହାତରେ ଗ୍ୟାସ ସିଲିଣ୍ଡର ଧରି କେନ୍ଦ୍ର ବିରୋଧୀ ନାରାବାଜି କରିଥିଲେ। ଏଲପିଜି ଓ ପେଟ୍ରୋଲିୟମ ଉତ୍ପାଦର ଅହେତୁକ ଦର ବୃଦ୍ଧି ଯୋଗୁଁ ସାଧାରଣ ପରିବାରର ବଜେଟ୍ ବିଗିଡ଼ି ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ମନ୍ତ୍ରୀଙ୍କର ଏହି ପ୍ରତିବାଦର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ବିରୋଧୀ ଦଳ ଏହାକୁ କେବଳ ଏକ 'ରାଜନୈତିକ ଷ୍ଟଣ୍ଟ' ବୋଲି କହୁଥିବା ବେଳେ, ଶାସକ ଦଳ ଏହାକୁ ଜନସାଧାରଣଙ୍କ ସ୍ୱର ବୋଲି କହିଛି। ଗୃହ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏହି ପ୍ରତିବାଦ ବିଧାନସଭାର ପରିବେଶକୁ ବେଶ ଉଷ୍ମ କରିଥିଲା।

## ଟିଏମସି ପ୍ରତିନିଧିଙ୍କୁ ସମୟ ଦେଲେନି ରାଷ୍ଟ୍ରପତି

**କୋଲକାତା, ୧୩।୩:** ତୃଣମୂଳ କଂଗ୍ରେସ-ଟିଏମସି ପ୍ରତିନିଧି ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବାକୁ ଚାହୁଥିଲେ। କିନ୍ତୁ ସମୟ ଅଭାବ ଦର୍ଶାଇ ରାଷ୍ଟ୍ରପତି ଭବନ ପକ୍ଷରୁ ମନା କରାଯାଇଛି। ଗତ ୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଶ୍ଚିମବଙ୍ଗ ଗସ୍ତ ବେଳେ ପ୍ରୋଟୋକଲ୍ ଭଙ୍ଗ ଓ ରାଷ୍ଟ୍ରପତିଙ୍କୁ ଅସମ୍ମାନ ଅଭିଯୋଗ ନେଇ ରାଜନୈତିକ ମହଲରେ ତମ୍ବିତୋଫାନ ସୃଷ୍ଟି ହୋଇଥିଲା। ଏହାପରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ରାଷ୍ଟ୍ରପତି ଭବନ ପକ୍ଷରୁ ଟିଏମସି ପ୍ରତିନିଧିଙ୍କୁ ସମୟ ଦିଆନଯିବା ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଉନ୍ନୟନ ପଦକ୍ଷେପ ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅବଗତ କରିବା ପାଇଁ ଗତ ୯ ତାରିଖରେ ଟିଏସସ ଚିଠି ଲେଖି ସମୟ ମାଗିଥିଲା। ରାଷ୍ଟ୍ରପତି ଭବନ ପକ୍ଷରୁ ସମୟ ଦିଆ ନଯିବା ପରେ ପୁଣି ଅନୁରୋଧ କରି ଟିଏମସି ପକ୍ଷରୁ ଚିଠି ଲେଖାଯାଇଛି।




### ପ୍ରଦୂଷଣ ରୋକିବାକୁ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

## ଦିଲ୍ଲୀରେ ପ୍ରବେଶ ହେବ ମହଙ୍ଗା

ନୂଆଦିଲ୍ଲୀ, ୧୩।୩: ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ବଢ଼ୁଥିବା ପ୍ରଦୂଷଣ ଓ ଅଣାୟତ୍ତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ସୁପ୍ରିମକୋର୍ଟ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଦିଲ୍ଲୀ ମଧ୍ୟ ଦେଇ ଗତି କରୁଥିବା ବାହ୍ୟ ବାଣିଜ୍ୟିକ ଯାନଗୁଡ଼ିକ ଉପରେ ଏଣିକି ଅଧିକ 'ସବୁଜ ଶୁଳ୍କ' (ଗ୍ରୀନ୍ ଟ୍ୟାକ୍ସ) ଲାଗୁ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମୋଦନ ପ୍ରଦାନ କରିଛନ୍ତି। ଆସନ୍ତା ଏପ୍ରିଲ ୧ ତାରିଖରୁ ଏହି ନିୟମ କାର୍ଯ୍ୟକାରୀ ହେବାକୁ ଯାଉଛି।



ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ, ଦିଲ୍ଲୀକୁ ସର୍ଟକଟ ଭାବେ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକ ଉପରେ ଶୁଳ୍କର ବୋଝ ବଢ଼ିବ। ପୂର୍ବରୁ ଯେଉଁ ଟ୍ରକଗୁଡ଼ିକ ପ୍ରାୟ ୨୬୦୦ ଟଙ୍କା ଦେଉଥିଲେ, ସେମାନଙ୍କୁ ଏବେ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଦେବାକୁ ପଡ଼ିପାରେ। ବିଶେଷ କରି ସେହି ଯାନଗୁଡ଼ିକୁ ଚିହ୍ନଟ କରାଯାଇଛି, ଯେଉଁମାନେ ଦିଲ୍ଲୀରେ ସାମଗ୍ରୀ ଖାଲି କରିବା ପାଇଁ ଆସନ୍ତି ନାହିଁ, ବରଂ କେବଳ ସହରର ରାସ୍ତା ଦେଇ ଅନ୍ୟ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ଏହି ନୂତନ ଶୁଳ୍କ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ବର୍ଗର ଯାନ ପାଇଁ ଭିନ୍ନ ଭିନ୍ନ ଦେୟ ଧାର୍ଯ୍ୟ କରାଯାଇଛି। ହାଲୁକା ବାଣିଜ୍ୟିକ ଯାନ ଯେପରିକି କାର ଓ ଭ୍ୟାନ ଭଳି ଯାନଗୁଡ଼ିକ ପାଇଁ ପ୍ରାୟ ୨୦୦୦ ଟଙ୍କା ଶୁଳ୍କ ଧାର୍ଯ୍ୟ ହୋଇଛି। ଭାରୀ ଯାନ ଓ ଟ୍ରକ ଭଳି ଶ୍ରେଣୀର ଯାନଗୁଡ଼ିକ ପାଇଁ ଶୁଳ୍କ ଦୁଇଗୁଣା ଅର୍ଥାତ ୪୦୦୦ ଟଙ୍କା ଆଦାୟ କରାଯିବ।

ଦିଲ୍ଲୀ ସହରର ପ୍ରଦୂଷଣ ସ୍ତରକୁ ହ୍ରାସ କରିବା ଓ ଟ୍ରାଫିକ ଜାମରୁ ମୁକ୍ତି ଦେବା ଏହି ନିଷ୍ପତ୍ତିର ମୂଳ ଉଦ୍ଦେଶ୍ୟ। ଅନେକ ସମୟରେ ବାହ୍ୟ ରାଜ୍ୟର ବାଣିଜ୍ୟିକ ଗାଡ଼ିଗୁଡ଼ିକ ଦୂରତା କମାଇବା ପାଇଁ ଏକ୍ସପ୍ରେସୱେ ବଦଳରେ ଦିଲ୍ଲୀ ସହର ଭିତର ରାସ୍ତା ବ୍ୟବହାର କରନ୍ତି। ଫଳରେ ସହରର ବାୟୁ ମଣ୍ଡଳ ବିଷାକ୍ତ ହେବା ସହ ଟ୍ରାଫିକ ସମସ୍ୟା ଜଟିଳ ହୁଏ। ସରକାର ଓ ସୁପ୍ରିମକୋର୍ଟଙ୍କ ଲକ୍ଷ୍ୟ ହେଉଛି, ଅଧିକ ଶୁଳ୍କ ଭୟରେ ଚାଳକମାନେ ଦିଲ୍ଲୀ ସହର ବାହାରେ ଥିବା ପେରିଫେରାଲ ଏକ୍ସପ୍ରେସୱେ ଓ ବାଇପାସ ରାସ୍ତା ବ୍ୟବହାର କରନ୍ତୁ। ଏହାଦ୍ୱାରା ସହର ଭିତରେ ଗାଡ଼ି ସଂଖ୍ୟା କମିବ ଏବଂ ପ୍ରଦୂଷଣ ସ୍ତର ନିୟନ୍ତ୍ରଣକୁ ଆସିବ। ତେବେ ଏହି ନିଷ୍ପତ୍ତି ପରେ ପରିବହନ ବ୍ୟୟ ବୃଦ୍ଧି ପାଇବା ନିଶ୍ଚିତ ହୋଇଛି।

# ଟୋକିଓରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଗୌରବର ବିଷୟ: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଟୋକିଓ ବୈଶ୍ୱିକ ବିତ୍ତ ଫୋରମ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଛାତ୍ରଛାତ୍ରୀମାନେ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଟୋକିଓରେ ଛାତ୍ରଛାତ୍ରୀମାନଙ୍କର ଚମତ୍କାର ପ୍ରଦର୍ଶନ ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଆମ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଆମେ ଗର୍ବିତ। ବୈଶ୍ୱିକ ବିତ୍ତ ଫୋରମ୍‌ରେ ନିଜର ନବ ସୃଜନ ଓ ନୂତନ ଉଦ୍ୟମର ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଉଚ୍ଚଶିକ୍ଷାରେ ଜେନେରାଲ ଷ୍ଟ୍ରିମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯେ କେବଳ ଡିଗ୍ରୀ ପାଇଁ ପାଠ ପଢୁଛନ୍ତି ତା' ନୁହେଁ, ବରଂ ନିଜର ସୃଜନଶୀଳତା ମାଧ୍ୟମରେ ଲୋକଙ୍କ ସମସ୍ୟାକୁ ସମାଧାନ କରିବାର ପ୍ରୟାସ କରୁଛନ୍ତି ଓ ନୂତନ ପ୍ରକଳ୍ପକୁ ବୈଶ୍ୱିକ ବିତ୍ତ ଫୋରମ୍‌ରେ ପ୍ରଦର୍ଶିତ କରି ଆମମାନଙ୍କୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ସରକାର ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱ ବିଦ୍ୟାଳୟ-ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଡ଼ିଜିଟାଲ ଫାଇନାନ୍ସ ଏବଂ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକନୋଲୋଜି ନେଟୱାର୍କର ମିଳିତ ସହାଭାଗିତରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଫିନଟେକ୍ ଓ ଇନସ୍ୟୁରଟେକ୍ ସାର୍ଟିଫିକେଟ ପ୍ରୋଗାମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଯେଉଁଥିରେ ୧୯୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ୟାପ୍‌ଷ୍ଟୋନ ପ୍ରକଳ୍ପ ଉପରେ କାମ କରିଥିଲେ। ସେଥିରୁ ପ୍ରଥମ ସ୍ଥାନ ହାସଲ କରିଥିବା ୭ ଜଣିଆ ଛାତ୍ରଛାତ୍ରୀଙ୍କ ଏକ ଟିମ୍ ନିଜର ଫିନଟେକ୍ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ୍ତ ଫୋରମ୍‌ରେ ପ୍ରଦର୍ଶିତ କରିବା ପାଇଁ ମନୋନୀତ ହୋଇଥିଲେ।




## ବର୍ଷର ପ୍ରଥମ ବର୍ଷାରେ ସର୍ବନାଶ

# ଉତ୍ତରବଙ୍ଗରେ ଲକ୍ଷାଧିକ ଟଙ୍କାର ଆଳୁ ନଷ୍ଟ

**କୋଲକାତା,୧୩।୩(ସଂଚାର ବ୍ୟୁରୋ):** ବର୍ଷର ପ୍ରଥମ ବର୍ଷା ପରେ ଆଳୁ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷା କ୍ଷେତରେ ଠିଆ ହୋଇଥିବା ସମ୍ପୂର୍ଣ୍ଣ ଆଳୁ ଫସଲକୁ ନଷ୍ଟ କରିଦେଇଛି, ଯାହା ଫଳରେ ଚାଷୀମାନେ ସମ୍ପୂର୍ଣ୍ଣ ବିନାଶର ଶିକାର ହୋଇଛନ୍ତି। ଜଳପାଇଗୁଡ଼ିର ବିଭିନ୍ନ ଅଞ୍ଚଳର ଚାଷୀମାନେ ଅତ୍ୟଧିକ ସୁଧ ହାରରେ ଟଙ୍କା ଋଣ କରି ଆଳୁ ଚାଷ କରିଥିଲେ। ଅମଳ ଆରମ୍ଭ ହେବା ମାତ୍ରେ ବର୍ଷା ହେବାରୁ କ୍ଷେତରେ ପାଣି ଜମା ହୋଇ ଲକ୍ଷାଧିକ ଟଙ୍କାର ଆଳୁ ନଷ୍ଟ ହୋଇଗଲା। ଏହି ପରିସ୍ଥିତିର ସମ୍ମୁଖୀନ ହୋଇ ଚାଷୀମାନେ କ'ଣ କରିବେ ଜାଣି ପାରୁ ନାହାଁନ୍ତି। ସେମାନେ କହିଛନ୍ତି ଯେ ରାତିସାରା ପାଣିରେ ବୁଡ଼ି ରହିଥିବା ଆଳୁକୁ କୌଣସି ପରିସ୍ଥିତିରେ ଶୀତଳ ଭଣ୍ଡାରରେ ସଂରକ୍ଷଣ କରାଯାଇପାରିବ ନାହିଁ। ଧୂପଗୁଡ଼ି ଅଞ୍ଚଳର ଆଳୁ ଚାଷୀମାନେ ଏହି ବର୍ଷା ଯୋଗୁଁ ହୋଇଥିବା କ୍ଷତିର ଶିକାର ହୋଇଛନ୍ତି। ଜଳପାଇଗୁଡ଼ି ସଦର ବ୍ଲକରେ ମଧ୍ୟ ପ୍ରଚୁର ପରିମାଣରେ ଆଳୁ ଚାଷ କରାଯାଏ, ଯେଉଁଠାରେ ପରିସ୍ଥିତି ଅନ୍ୟ ଅଞ୍ଚଳ ପରି ଦେଖାଯାଏ, ସେଠାରେ ମଧ୍ୟ ବର୍ଷା ହୋଇଛି, ଯାହା ଫଳରେ ସ୍ଥାନୀୟ ଆଳୁ ଚାଷୀମାନେ ବହୁତ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ଜଳପାଇଗୁଡ଼ିର ଗରାଲବାଡ଼ି ଏବଂ ମୋହିତନଗର ଅଞ୍ଚଳରେ, ଦେଖାଯାଇଛି ଯେ କ୍ଷେତରେ ଠିଆ ହୋଇଥିବା ଆଳୁ ଫସଲ ବର୍ଷା ପାଣିରେ ଭିଜି ଯାଇଛି।

# କେନ୍ଦ୍ରୀୟ ବାହିନୀର ରୁଟ୍‌ମାର୍ଚ୍ଚର ଭିଡିଓ ଅପଲୋଡ୍ କରିବାକୁ ନିର୍ଦ୍ଦେଶ



**କୋଲକାତା,୧୩।୩(ସଂଚାର ବ୍ୟୁରୋ):** ଶୁକ୍ରବାର ଠାରୁ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ କେନ୍ଦ୍ରୀୟ ବାହିନୀ ଦ୍ୱାରା ପରିଚାଳିତ ରୁଟ୍ ମାର୍ଚ୍ଚର ଫଟୋଗ୍ରାଫ୍ ଏବଂ ଭିଡିଓ ପ୍ରତିଦିନ ଦିନ ୧୨ଟା ସୁଦ୍ଧା ଲାଲବଜାରରେ ଦାଖଲ କରିବାକୁ ପଡ଼ିବ। ଗୁରୁବାର, ଅତିରିକ୍ତ ପୋଲିସ କମିଶନର-୩ (କୋଲକାତା ପୋଲିସ) ଶୁଭଙ୍କର ସିହ୍ନା ସରକାର ଏହି ମର୍ମରେ ଏକ ଲିଖିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋଲକାତା ପୋଲିସ ଅନ୍ତର୍ଗତ ବିଭିନ୍ନ ବିଭାଗର ଡେପୁଟି କମିଶନର (ଡିସି)ଙ୍କୁ ସମ୍ବୋଧିତ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କୋଲକାତାର ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ (ଓସି) ସେମାନଙ୍କ କ୍ଷେତ୍ରାଧିକାର ମଧ୍ୟରେ ପରିଚାଳିତ ରୁଟ୍ ମାର୍ଚ୍ଚର ଭିଡିଓ ଏବଂ ଫଟୋଗ୍ରାଫ୍ ଲାଲବଜାରର ନିର୍ବାଚନ ସେଲ୍‌ରେ ଅପଲୋଡ୍ କରିବେ, ଯେଉଁଥିରେ ସ୍ପଷ୍ଟ ଭାବରେ ତାରିଖ ଏବଂ ସମୟ ଉଲ୍ଲେଖ ରହିବ। ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି ଯେ କେନ୍ଦ୍ରୀୟ ବାହିନୀ ଦ୍ୱାରା ପରିଚାଳିତ ରୁଟ୍ ମାର୍ଚ୍ଚ ସମ୍ପର୍କରେ ଭବିଷ୍ୟତରେ କୌଣସି ବିବାଦ ଉପୁଜିଲେ, ଲାଲବଜାର ଏହି ଭିଡିଓଗୁଡ଼ିକୁ ପ୍ରମାଣ ରେକର୍ଡ ଭାବରେ ଉପସ୍ଥାପନ କରିପାରିବ।

# ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ୟୁଟ୍ୟୁବରଙ୍କୁ ସର୍ତ୍ତମୂଳକ ଜାମିନ

**କୋଲକାତା,୧୩।୩(ସଂଚାର ବ୍ୟୁରୋ):** ୟୁଟ୍ୟୁବର ଶମୀକ ଅଧିକାରୀ ଜଣେ ମହିଳାଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିବା, ତାଙ୍କୁ ନିର୍ଯ୍ୟାତନା ଦେବା ଏବଂ ବଳାତ୍କାର କରିବାର ଅଭିଯୋଗର ସମ୍ମୁଖୀନ ହୋଇଥିଲେ। ବେହାଲା ଥାନାର ପୋଲିସ ତାଙ୍କୁ ଗିରଫ କରିଥିଲା। ଗୁରୁବାର ଆଲିପୁରର କାର୍ଯ୍ୟକାରୀ ଜିଲ୍ଲା ଜଜ୍ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି, ଯିଏ ବିଚାର ବିଭାଗୀୟ ହାଜତରେ ଥିଲା। ତାଙ୍କ ଓକିଲ ଅନିର୍ବାଣ ଗୁହା ଠାକୁର କହିଛନ୍ତି, 'ଏହି ମାମଲାରେ ମୋ କ୍ଲାଏଣ୍ଟଙ୍କ ବିରୁଦ୍ଧରେ ଲଗାଯାଇଥିବା ଅଭିଯୋଗ ଆଇନଗତ ଭାବରେ ଯଥେଷ୍ଟ ଯୋଗ୍ୟ ନଥିଲା। ଏହି ଦିଗଗୁଡ଼ିକୁ ଭଲଭାବରେ ଯାଞ୍ଚ କରିବା ପରେ, ଜିଲ୍ଲା କୋର୍ଟ ମୋ କ୍ଲାଏଣ୍ଟଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।' ଜାମିନ ପାଇଁ ସର୍ତ୍ତାବଳୀରେ ଏକ ଆବଶ୍ୟକତା ଅନ୍ତର୍ଭୁକ୍ତ ଯେ ଅଭିଯୁକ୍ତ ତିନି ମାସ ପାଇଁ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଥାନାରେ ହାଜର ହେବାକୁ ପଡ଼ିବ। ଏହା ବ୍ୟତୀତ, ତାଙ୍କୁ ପୂର୍ବ ଅନୁମତି ବିନା କୋର୍ଟର କ୍ଷେତ୍ରାଧିକାର କ୍ଷେତ୍ର ଛାଡ଼ିବାକୁ ବାରଣ କରାଯାଇଛି, ଏବଂ ତାଙ୍କୁ ଚାଲୁଥିବା ତଦନ୍ତରେ ସହଯୋଗ କରିବାକୁ ପଡ଼ିବ। ଉଲ୍ଲେଖନୀୟ ଯେ, ଏହି ଅଭିଯୋଗକୁ ନେଇ ଫେବୃଆରୀରେ ଏକ ବଡ଼ ହଙ୍ଗାମ ସୃଷ୍ଟି ହୋଇଥିଲା। ଏହା ପରେ, ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏକ ନିମ୍ନ ଅଦାଲତ ତାଙ୍କ ପ୍ରାରମ୍ଭିକ ଜାମିନ ଆବେଦନକୁ ଖାରଜ କରିବା ପରେ, ସେ ଜାମିନ ପାଇଁ ଆଲିପୁର ଜିଲ୍ଲା କୋର୍ଟକୁ ଯାଇଥିଲେ।

# କଟକରେ ଗ୍ୟାସ ସଂକଟ: ରାସ୍ତାକୁ ଓହ୍ଲାଇଲେ ମହିଳା



**କଟକ, ୧୩।୩ (ସଂଚାର ବ୍ୟୁରୋ) :** ଗ୍ୟାସ ପାଇଁ ଚାରିଆଡେ ହାହାକାର ଉତ୍କଟ ହେଲାଣି ଗ୍ୟାସ ସମସ୍ୟା ଗୋଟିଏ ପଟେ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଆଉ ଗୋଟିଏ ପଟେ ଗ୍ୟାସର ଅଭାବ,ଏହାରି ଭିତରେ ଡବଲ ଇଞ୍ଜିନ ସରକାରଙ୍କୁ ଘେରିଛନ୍ତି ବିରୋଧୀ ବିଜେଡି ଏବଂ କଂଗ୍ରେସ,ଅନ୍ୟପଟେ କଟକରେ ଗ୍ୟାସ ସଫିସେଣ୍ଟ ଅଛି ବୋଲି କହିଛନ୍ତି ଜିଲ୍ଲାପାଳ । ମାଟି ରାସ୍ତାରେ ଚୁଲିରେ ନିଆଁ ଜଳାଇ ରୋଷେଇ ରାନ୍ଧା ଆଉ ଏ ରାସ୍ତା କରୁଛନ୍ତି ମହିଳା ମାନେ ରୋଷେଇଘରରେ ଗ୍ୟାସ ନଥିବା କାରଣରୁ ରାସ୍ତାରେ ଚୁଲି ଜାଳି ଅଭିନବ ପ୍ରତିବାଦ ଜଣାଇଛନ୍ତି ମହିଳାମାନେ। ଏହି ପରି ଦୃଶ୍ୟ କଟକ ବକ୍ସିବଜାର ଛକରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ କରିଛି, ଗ୍ୟାସର ଉତ୍କଟ ସମସ୍ୟା ଏବଂ ଦର ବୃଦ୍ଧି ପ୍ରତିବାଦରେ ଏଭଳି ପଦକ୍ଷେପ ନେଇଛି ବିରୋଧୀ ବିଜେଡି । ଗ୍ୟାସ ବାଙ୍କୁ ମୁଣ୍ଡରେ ଲଦି ସରକାର ତୁମେ ଜବାବ ଦିଅ ବୋଲି କହିଛି ବିଜେଡି,ସେହିପରି କଂଗ୍ରେସ ମଧ୍ୟ ଅନୁରୂପ ଭାବେ ଆନ୍ଦୋଳନକୁ ଓଲ୍ହାଇଛି। ଗ୍ୟାସର ସଙ୍କଟ ଏବଂ ଦର ବୃଦ୍ଧି ପ୍ରତିବାଦରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ଏବଂ ବିକ୍ଷୋଭ କରାଯାଇଛି।ମଧୁପାଟଣା ଛକ ଠାରେ କଂଗ୍ରେସ କର୍ମୀ ମାନେ ବିଭିନ୍ନ ନାରାବାଜି ସହ ଦରଦାମ ବିରୁଦ୍ଧରେ ଗର୍ଜିଥିଲେ।ରୋଷେଇ ଘରେ ଆଜି ଯେଉଁ ସମସ୍ୟା ହୋଇଛି ତାହା ଡବଲ ଇଞ୍ଜିନ ସରକାର ଯୋଗୁଁ ବୋଲି କଂଗ୍ରେସ କହିଛି।ସେହିପରି ଗ୍ୟାସ ସମେତ ଖାଇବା ତେଲ ସହ ବିଭିନ୍ନ ସାମଗ୍ରୀ ର ଦରକୁ ନିୟନ୍ତ୍ରଣ ଆଣିବାରେ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗ୍ୟାସ ସଙ୍କଟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ। ସେ କହିଛନ୍ତି ଯେ ଗ୍ୟାସ ଷ୍ଟକିଷ୍ଟମାନଙ୍କ ଗୋଦାମ ଯାଞ୍ଚ କରାଯାଉଛି। ଯେଉଁ ମାନେ କଳା ବଜାରୀ ଓ ଗ୍ୟାସ ଠୁଳ କରୁଛନ୍ତି ଖବର ଆସିଲେ ତୁରନ୍ତ ଚଢ଼ାଉ କରାଯିବ।

# ପୂର୍ବତଟ ରେଳବାଇର ମାଲ ପରିବହନରେ ରେକର୍ଡ

**ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):** ଗୋଟିଏ ବର୍ଷରେ ୫୦୦ ନିୟୁତ ଟନ୍ ମାଲ ପରିବହନ କରିବାରେ ଭାରତୀୟ ରେଳବାଇ ଇତିହାସରେ ଏକମାତ୍ର ରେଳ ଜୋନ୍ ହୋଇ ପୂର୍ବତଟ ରେଳପଥ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନର ଦୃଢ଼ ପରିଚାଳନା ଦକ୍ଷତା ଏବଂ ଦେଶର ପଣ୍ୟ ପରିବହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରୁଛି। ବର୍ଷକ ମଧ୍ୟରେ ପୂର୍ବତଟ ରେଳପଥ ୨୬୨.୯ ନିୟୁତ ଟନ୍ ଲୋଡିଂ ପରିଚାଳନା କରି ୧୦.୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ସେହି ସମୟ ମଧ୍ୟରେ ଅନଲୋଡିଂ ୨୩୭.୬ ମେଟ୍ରିକ ଟନରେ ପହଞ୍ଚିଛି, ଯାହା ପୂର୍ବ ଅବଧି ତୁଳନାରେ ୯ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ଉଭୟ ଲୋଡିଂ ଓ ଅନଲୋଡିଂରେ ସନ୍ତୁଳିତ ଅଭିବୃଦ୍ଧି ସମଗ୍ର ଜୋନରେ ଦୃଢ଼ ଲଜିଷ୍ଟିକ୍ସ ନେଟୱାର୍କ ଏବଂ ଦକ୍ଷ ପଣ୍ୟ ପରିବହନ ପରିଚାଳନାକୁ ଦର୍ଶାଉଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଓ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାଙ୍କ ସହ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତିଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ବଲ୍କ ସାମଗ୍ରୀଗୁଡ଼ିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।



# ୨୮ ଆକାଶବାଣୀ କେନ୍ଦ୍ର ଓ ୨୪ଘଣ୍ଟିଆ ଚ୍ୟାନେଲ୍ ଡିଡି ଓଡ଼ିଆ କାର୍ଯ୍ୟ କରୁଛି

**ନୂଆଦିଲ୍ଲୀ,୧୩।୩:** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପ୍ରସାର ଭାରତୀ ଓଡ଼ିଶାରେ ବ୍ୟାପକ ରେଡିଓ ଓ ଟେଲିଭିଜନ ପ୍ରସାରଣ ସେବା ଜାରି ରଖିଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ଆଜି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଓଡ଼ିଶାରେ ଆକାଶବାଣୀର ୨୮ଟି ପ୍ରସାରଣ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏଥିମଧ୍ୟରୁ ୧୨ଟି କେନ୍ଦ୍ର ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ରହିଛି। ଡିଡି ଓଡ଼ିଆ ହେଉଛି ଓଡ଼ିଶା ପାଇଁ ଏକ ୨୪ଘଣ୍ଟିଆ ସମର୍ପିତ ଟିଭି ଚ୍ୟାନେଲ। ଦୂରଦର୍ଶନ ଡିଡି ଫ୍ରି ଡିଶ୍ ମାଧ୍ୟମରେ ଫ୍ରି-ଟୁ-ଏୟାର ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ) ସେବା ପ୍ରଦାନ କରୁଛି। ଏହାର ସିଗନାଲ ଓଡ଼ିଶାର ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ସମେତ ଦେଶର ଯେକୌଣସି ସ୍ଥାନରେ ମିଳିପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ ଦେଶରେ ଦୂରଦର୍ଶନ ଏବଂ ଆକାଶବାଣୀର ପ୍ରସାରଣ ଭିତ୍ତିଭୂମିର ଉନ୍ନତିକରଣ ଓ ଆଧୁନିକୀକରଣ ଲାଗି ବ୍ରଡକାଷ୍ଟିଂ ଇନଫ୍ରାଷ୍ଟ୍ରକ୍ଚର ଏଣ୍ଡ ନେଟୱର୍କ ଡେଭଲପମେଣ୍ଟ (ବିଆଇଏନଡି) ନାମକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା ଓଡ଼ିଶାର ଆକାଂକ୍ଷୀ ଜିଲ୍ଲା ସମେତ ସାରା ଦେଶରେ କାର୍ଯ୍ୟକାରୀ ହେଉଛି। ବିଆଇଏନଡି ଯୋଜନାରେ ଓଡ଼ିଶାରେ ମୋଟ୍ ୬ଟି ଏଫଏମ୍ ଟ୍ରାନ୍ସମିଟର ସ୍ଥାପନକୁ ମଞ୍ଜୁରି ମିଳିଛି। ଏଥିମଧ୍ୟରୁ ଗୋଟିଏ ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡି ପାଇଁ ମଞ୍ଜୁର କରାଯାଇଛି।

ଡକ୍ଟର ମୁରୁଗନ ଦେଇଥିବା ସୂଚନା ମୁତାବକ, ପ୍ରସାର ଭାରତୀ ୨୦୨୪ରେ ନିଜର ଓଟିଟି ପ୍ଲାଟଫର୍ମ 'ୱେଭ୍ସ'ର ଶୁଭାରମ୍ଭ କରିଥିଲା। ଏହା ଏକ ବହୁମୁଖୀ ଡିଜିଟାଲ ଷ୍ଟ୍ରିମିଂ ଏଗ୍ରିଗେଟର ପ୍ଲାଟଫର୍ମ ଯାହା ଇନଫୋଟେନମେଣ୍ଟ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ। ଏହା ସୂଚନା, ଶିକ୍ଷା ଓ ସଂସ୍କୃତିର ବାର୍ତ୍ତାକୁ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଦୂରଦର୍ଶନ ଓ ଆକାଶବାଣୀ ନେଟୱର୍କର ବିଭିନ୍ନ ଚ୍ୟାନେଲଗୁଡ଼ିକ ମଧ୍ୟ ୱେଭ୍ସ ସହ ଯୋଡ଼ି ହୋଇଛି। ଏହାଛଡ଼ା ଶ୍ରୋତାମାନେ ମୋବାଇଲ୍ ଫୋନରେ 'ନ୍ୟୁଜ୍‌ଅନ୍‌ଏଆଇଆର' ଆପ୍ ମାଧ୍ୟମରେ ୨୬୦ରୁ ଅଧିକ ଆକାଶବାଣୀ ଚ୍ୟାନେଲ ଶୁଣିପାରିବେ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

**ମୋହନା,୧୩।୩(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଏହି ମାମଲାରେ ମୋହନା ପୁଲିସ୍ ଦୀର୍ଘ ଦିନ ଧରି ଫେରାର ଥିବା ଅଭିଯୁକ୍ତ ତାରିଣୀ ପ୍ରଧାନ (୪୬)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନାନୁଯାୟୀ, ମଳାସପଦର ଗ୍ରାମର ତାରିଣୀ ଉକ୍ତ ଗ୍ରାମର ଜନୈକା ନାବାଳିକା ସହ ବାରମ୍ବାର ଅବୈଧ ସମ୍ପର୍କ ରଖିଆସୁଥିଲା। ପୀଡ଼ିତାଙ୍କ ବାପା-ମା' ଦିନମଜୁରିଆ ଭାବେ କାମ କରିବାକୁ ପ୍ରତିଦିନ ଘରୁ ବାହାରକୁ ଚାଲିଯାଉଥିବା ବେଳେ ତାରିଣୀ ଏହାର ସୁଯୋଗ ନେଇ ଏପରି ଅତ୍ୟାଚାର କରିଆସୁଥିଲା। ତେବେ ନାବାଳିକା ଜଣଙ୍କ ଗର୍ଭବତୀ ହେବା ପରେ ତାରିଣୀର ଅମଣିଷପଣିଆ ପଦାକୁ ଆସିଥିଲା। ପରିବାର ଲୋକେ ପୀଡ଼ିତାଙ୍କୁ ଡାକ୍ତରଖାନାକୁ ନେଇ ପରୀକ୍ଷା କରିବା ପରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଜାଣିବା ପରେ ମୋହନା ଚାଇଲ୍ଡ ଲାଇନର ସଦସ୍ୟମାନେ ଗ୍ରାମରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଏନେଇ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ମାତ୍ରେ ତାରିଣୀ ଫେରାର ହୋଇଯାଇଥିଲା। ଦୀର୍ଘ ଦିନର ଖୋଜାଖୋଜି ପରେ ପୁଲିସ ତାକୁ ଆଜି ଗିରଫ କରିପାରିଛି। ଅଭିଯୁକ୍ତ ତାରିଣୀ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ୨୦୧୯ରେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନାଞ୍ଚଳରେ ଜନୈକା ଯୁବତୀଙ୍କ ସହ ଅବୈଧ ସମ୍ପର୍କ ରଖିବା ନେଇ ଅଭିଯୋଗ ଆସିଥିଲା। ସେତେବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ତା'ର ଘର ଭାଙ୍ଗିରୁଜି ପକାଇଲେ। ଏବେ ପୁଲିସ ଏହି ଘଟଣାରେ ମାମଲା ରୁଜୁ କରି ତାରିଣୀକୁ ଜେଲ ପଠାଇଥିବା ବେଳେ ପୀଡ଼ିତା ନାବାଳିକାଙ୍କୁ ଉପଯୁକ୍ତ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦିଗରେ ବ୍ୟବସ୍ଥା କରୁଛି।

# ଜାତୀୟ ଓ ରାଜ୍ୟ ମହିଳା ଆୟୋଗଙ୍କ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ

**କଟକ, ୧୩।୩ (ସଂଚାର ବ୍ୟୁରୋ) :** ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଯଥାଶୀଘ୍ର ସମାଧାନ ଉଦ୍ଦେଶ୍ୟରେ ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର ଜନଶୁଣାଣି ଜଗତସିଂହପୁର ଓ କଟକ ଜିଲ୍ଲାକୁ ନେଇ ଅନୁଷ୍ଠିତ ହୋଇଯାଇଛି। ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହିଳାଙ୍କ ଘରୋଇ ହିଂସା , ନିର୍ଯ୍ୟାତନା , ପରିତ୍ୟାଗ, ବୈବାହିକ ବିବାଦ,ମହିଳା ଅଧିକାର ଉଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଶୁଣାଣି ହୋଇଥିଲା । ଶୁଣାଣି ସମୟରେ ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଙ୍କ ସମେତ କମିଶନଙ୍କ ସଦସ୍ୟା ତଥା କଟକ ଓ ଜଗତସିଂହପୁର ଜିଲ୍ଲାର ଇନଚାର୍ଜ ଶ୍ରୀମତୀ ପ୍ରତିଭା ଶତପଥୀ, ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ ,ଶ୍ରୀମତୀ ଉର୍ମିଳା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ସମାଧାନ ନିମନ୍ତେ ପକ୍ଷଗୁଡିକ ସହ ଆଲୋଚନା କରିଥିଲେ।ଜଗତସିଂହପୁର ଓ କଟକ ଜିଲ୍ଲାରୁ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିଲା । ସେଥିମଧ୍ୟରୁ ୪ଟି ମାମଲାର ସଫଳ ଆପୋଷ ସମାଧାନ କରାଯାଇଥିବା ବେଳେ ୩ଟି ମାମଲାର ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିଶ କରାଯାଇଛି। ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁ ହସ୍ତାନ୍ତର କରାଯାଇଥିବା ବେଳେ ପରବର୍ତ୍ତୀ ଶୁଣାଣି ନିମନ୍ତେ ୨୯ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଛି । ଏଥିସହିତ କମିଶନଙ୍କ ନିକଟରେ ୬ଟି ନୂତନ ମାମଲା ପଞ୍ଜିକୃତ ହୋଇଛି । ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ କମିଶନ ଏଭଳି ଶୁଣାଣୀ ଜରିଆରେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରୁଛନ୍ତି ବୋଲି ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରଶ୍ମିତା ମହାନ୍ତି ଏବଂ ଜଗତସିଂହପୁର ଓ କଟକ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାର...

ଯୋଗ୍ୟ ଚାଷୀମାନଙ୍କୁ ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପିଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ଇ-କେୱାଇସି, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି।

ସେ କହିଛନ୍ତି ଯେ ପିଏମ୍ କିଷାନ୍ ସହ ଆମ ସରକାର ମଧ୍ୟ ରାଜ୍ୟରେ 'ସିଏମ୍ କିଷାନ' ଯୋଜନାରେ ଯୋଗ୍ୟ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି)ର ଚାଷୀ ଓ ୩୧ ହଜାର ୬୯୫ ଜଣ ସହରାଞ୍ଚଳ ଚାଷୀ ସାମିଲ। ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଓ ବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁଷଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ୫୩.୬୭ କୋଟି ଟଙ୍କାର ଛାତ୍ରବୃତ୍ତି ସହାୟତା ପାଇଛନ୍ତି, ଯାହାକି ପୂର୍ବ ବର୍ଷ ତୁଳନାରେ ୫ ଗୁଣ ଅଧିକ। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ କୃଷି ବିଦ୍ୟା ନିଧି ଯୋଜନାରେ ଆଜି ସୁଦ୍ଧା ୬୮ ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିଛନ୍ତି। ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ, ଯାହାକି ଏକ ସର୍ବକାଳୀନ ରେକର୍ଡ। ଆମ ସରକାର କେନ୍ଦ୍ର ସରକାରଙ୍କ ସହ ମିଶି କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଆମେ କେବଳ ଧାନ ଚାଷରେ ସୀମିତ ନ ରହି ଡାଲି ଜାତୀୟ ଫସଲ, ପନିପରିବା, ଫଳ ଓ ଅର୍ଥକାରୀ ଫସଲ ଉପରେ ଧ୍ୟାନ ଦେବା ଉଚିତ। ଓଡ଼ିଶାର ମାଟି ଅତ୍ୟନ୍ତ ଉର୍ବର ଓ ଏହାର ସଦୁପଯୋଗ କରି ଆମେ କୃଷି ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବା। ଆଜିର ଦିନରେ କୃଷକମାନେ ଫସଲ ବିବିଧକରଣ ଉପରେ ଧ୍ୟାନ ଦେବା ଉଚିତ। ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଆମକୁ ଆଗକୁ ଆସୁଥିବା ଆହ୍ୱାନଗୁଡ଼ିକ ପ୍ରତି ସଚେତନ ରହିବାକୁ ହେବ। ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଓ ମୃତ୍ତିକା କ୍ଷୟ ଆମ କୃଷି ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛି। କୃଷି ବିଶେଷଜ୍ଞମାନଙ୍କ ମତରେ କୃଷି କ୍ଷେତ୍ରରେ ନବସୃଜନ, ଜଳବାୟୁ-ସହନଶୀଳ ପଦ୍ଧତି, ଡିଜିଟାଲ୍ ସମାଧାନ ଓ ଗୋଷ୍ଠୀଭିତ୍ତିକ ଆଭିମୁଖ୍ୟ ହିଁ ଆମକୁ ଏକ ସ୍ଥାୟୀ ଖାଦ୍ୟ ପ୍ରଣାଳୀ ଆଡ଼କୁ ନେଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଏହି ବର୍ଷର ପ୍ରଥମ ପିଏମ୍-କିଷାନ କିସ୍ତି ଆଜି ପ୍ରଦାନ କରାଯାଉଛି। ୨୨ତମ କିସ୍ତିରୁ ବଞ୍ଚିତ ଯୋଗ୍ୟ ଚାଷୀଙ୍କୁ ଆଧାର-ବ୍ୟାଙ୍କ ଲିଙ୍କ, ଜମିଜମା ସଂକ୍ରାନ୍ତୀୟ ପରିଚୟପତ୍ର ଠିକ ଭାବେ ଦାଖଲ କରିବାକୁ କହିଥିଲେ। ଏହାଦ୍ୱାରା କୌଣସି ବି ଯୋଗ୍ୟ ଚାଷୀ ସହାୟତା ପାଇବାରୁ ଆଉ ବାଦ ପଡ଼ିବେ ନାହିଁ। ଏଥିରେ ପ୍ରଦାନ କରାଯାଉଥିବା ଟଙ୍କା ଭଲ ଫସଲ ଅମଳ କରିବାରେ ସହାୟକ ହେଉଛି। ଚଳିତ ବର୍ଷ ପ୍ରଚୁର ମାତ୍ରାରେ ଫସଲ ହେଇଛି ଯାହା ଜାତୀୟ ହାରଠାରୁ ମଧ୍ୟ ଅଧିକ। ଏଥିସହ କୃଷକଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନୂତନ ପଦକ୍ଷେପ ଯଥା ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ସୋନପୁର ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ନିର୍ମାଣ ପାଇଁ ଅନୁମତି ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍‌ସେନା, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ମଞ୍ଚାସୀନ ଥିଲେ।

## ପ୍ରଥମ...

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୨୫ ଜଣ ବରପୁତ୍ରଙ୍କ ନାମ ସାମିଲ୍ କରାଯାଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୫ ଜଣ ବରପୁତ୍ରଙ୍କ ଗ୍ରାମର ବିକାଶ ପାଇଁ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ବୈଠକରେ ଶ୍ରୀ ସୂରଜ ଜିଲ୍ଲାପାଳମାନଙ୍କୁ ବରପୁତ୍ରମାନଙ୍କ ଗ୍ରାମ ବା ନିକଟବର୍ତ୍ତୀ ଅଞ୍ଚଳରେ ୨/୩ ଏକର ଜାଗା ଚିହ୍ନଟ କରି ସଂସ୍କୃତି ବିଭାଗକୁ ଯଥାଶୀଘ୍ର ଜଣାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।ବରପୁତ୍ରମାନଙ୍କର ଗ୍ରାମର ବିକାଶ ଏବଂ ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟରେ ବରପୁତ୍ରମାନଙ୍କ ପରିବାର, ସମ୍ପର୍କୀୟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯିବ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅନ୍ତର୍ଗତ ପ୍ରତ୍ୟେକଟି କାର୍ଯ୍ୟ ଯଥା ବରପୁତ୍ରମାନଙ୍କ ନେଇ ନିର୍ମିତ ହେବାକୁ ଥିବା ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର ଆଦିର ସୁପରିଚାଳନା, ରକ୍ଷଣାବେକ୍ଷଣ, ସ୍ଥାନୀୟ ଲୋକକଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଏବଂ ସ୍ଥାନୀୟ ଲୋକମାନଙ୍କର ଅଂଶଗ୍ରହଣକୁ ଜିଲ୍ଲାପାଳମାନେ ସୁନିଶ୍ଚିତ କରିବେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଗ୍ରାମ ଗୁଡ଼ିକୁ ଯେପରି ପର୍ଯ୍ୟଟନ ସ୍ଥଳୀ ରୂପେ ବିକାଶ କରାଯାଇପାରିବ ଏବଂ ସ୍ଥାନୀୟ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ସହ ଲୋକମାନଙ୍କ ପାଇଁ ନୂତନ ଜୀବିକା ଯେପରି ସୃଷ୍ଟି ହୋଇପାରିବ ସେ ସମ୍ବନ୍ଧରେ ସଂସ୍କୃତି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତା ପାଇଁ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡା. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଜନା ଓ ସଂଯୋଜନା ବିଭାଗ, ହସ୍ତତନ୍ତ , ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାଲେପୁରରେ...

ନିଷ୍ପତ୍ତି ନେଲା, ସେନେଇ ସରପଞ୍ଚ ଓ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେକ ସମସେର ସହ କୁଲସୁନ ବିବିଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତ ସେକ ପପୁକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ଜାରି ରହିଥିବା ସାଲେପୁର ଥାନା ଅଧିକାରୀ ମହେଶ୍ୱର ବେହେରା କହିଛନ୍ତି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ସେକ ସମସେରଙ୍କ ପୁଅ ସେକ ସାଜନ ହତ୍ୟାକାଣ୍ଡ ନେଇ ଥାନାରେ ଏତଲା ଦେଇଛନ୍ତି। ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ ଜମି ପାଇଁ ପୂର୍ବରୁ ପରିବାରରେ ଝଗଡ଼ା ହେଉଥିଲା। ଆଜି ଏହି ବିବାଦ ତୀବ୍ର ରୂପ ନେଇଛି। ଫାଉଡ଼ାରେ ଦାଦା ହାଣି ତାଙ୍କ ବାପାଙ୍କୁ ହତ୍ୟା କରିଛି। ସେହିପରି ଜେଜେମା'ଙ୍କ ତଣ୍ଟିରେ ଚଢ଼ି ତାଙ୍କୁ ବି ମାରି ଦେଇଛି ଦାଦା। ଏଥିରେ ବଡ଼ମା' ଓ ବଡ଼ବାପାଙ୍କ ସହ ଦାଦାଙ୍କ ସମ୍ପୃକ୍ତି ରହିଛି ବୋଲି ଏତଲାରେ ଦର୍ଶାଯାଇଛି।

ସେହିପରି ପୁଅ ଓ ପତ୍ନୀଙ୍କ ମୃତ୍ୟୁକୁ ନେଇ ମୁନବର ଅଲ୍ଲୀ କହିଛନ୍ତି ଯେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ତାଙ୍କ ସାନ ପୁଅ ସେକ୍ ପପୁ ଏପରି ହତ୍ୟାକାଣ୍ଡ ଘଟାଇଛି। ପ୍ରଥମେ ସାନ ପୁଅ ଆସି ବଡ଼ ପୁଅକୁ ମାଡ଼ ମାରିଥିଲା। ପରେ ମା'କୁ ମଧ୍ୟ ଅତି ବୀଭତ୍ସ ଭାବେ ଫାଉଡ଼ାରେ ହାଣି ପକାଇଲା। ଘରୋଇ ଜମିବାଡ଼ି ଝଗଡ଼ାକୁ ନେଇ ହତ୍ୟାକାଣ୍ଡ ହୋଇଛି ବୋଲି ଅଲ୍ଲୀ କହିଛନ୍ତି।

## ଓଡ଼ିଆର...

ଏବଂ ଦକ୍ଷତାର ଅପୂର୍ବ ସମନ୍ୱୟ। ତେବେ ଚଳିତ ବର୍ଷର ଏହି ଉତ୍ସବ ଅଧିକ ଗୌରବମୟ, କାରଣ ଆମେ ଏବେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ, ଲୌହ ମାନବ ସର୍ଦ୍ଦାର ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ, ମା' ରମାଦେବୀ ଓ ସହିଦ ବାଜି ରାଉତଙ୍କ ଭଳି ମହାନ୍ ଜନନାୟକଙ୍କ ସ୍ମୃତିଚାରଣ ମଧ୍ୟ ଏହି ସମୟକୁ ଅଧିକ ପ୍ରାସଙ୍ଗିକ କରୁଛି। 'ଓଡ଼ିଶା ପର୍ବ'ର ଏହି ମଞ୍ଚ ଆଜି ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ଲାଭ କରିଛି। ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଭଳି ଦେଶର ବିଶିଷ୍ଟ ନେତୃବୃନ୍ଦ ଏଥିରେ ସାମିଲ ହୋଇ ଆମ ସଂସ୍କୃତିର ଗୌରବକୁ ବୃଦ୍ଧି କରିଛନ୍ତି। 'ଓଡ଼ିଶା ପର୍ବ' ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସଂକଳ୍ପକୁ ଦୃଢ଼ୀଭୂତ କରୁଛି। ଦିଲ୍ଲୀରେ ରହୁଥିବା ସମସ୍ତ ଜନସାଧାରଣ ବିଶେଷ ଭାବରେ ପ୍ରବାସୀ ଓଡ଼ିଆମାନଙ୍କୁ ଏହି ପର୍ବକୁ ଆସି ଓଡ଼ିଶାର କଳା, ସଂସ୍କୃତି ଓ ପ୍ରକୃତିର ଅପୂର୍ବ ସମନ୍ୱୟକୁ ଉପଭୋଗ କରିବାକୁ ଶ୍ରୀ ପ୍ରଧାନ ନିମନ୍ତ୍ରଣ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ଆଗାମୀ ୧୦ ବର୍ଷ ଆମ ପାଇଁ ଏକ ସଂକଳ୍ପର ସମୟ। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ଆହ୍ୱାନକୁ ସାକାର କରିବା ପାଇଁ ସାଢେ ୪ କୋଟି ଓଡ଼ିଆଙ୍କୁ ଏକାଠି ହୋଇ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଦାୟିତ୍ୱ ନେବାକୁ ହେବ ବୋଲି ସେ କହିଥିଲେ।

ଏହି ଅବସରରେ ଶ୍ରୀ ପ୍ରଧାନ ପର୍ବ ପରିସରରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିବା ସହ ଶିଳ୍ପୀ ଓ କଳାକାରଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ ଏହି ଉତ୍ସବର ମୁଖ୍ୟ ବିଷୟବସ୍ତୁ 'ସଂସ୍କୃତି ଓ ପ୍ରକୃତି' ରଖାଯିବା ତଥା ଏହି ସୁନ୍ଦର ଆୟୋଜନ ପାଇଁ ଶ୍ରୀ ପ୍ରଧାନ 'ଓଡ଼ିଆ ସମାଜ' ଏବଂ ଏଥିସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ତିନିଦିନିଆ ଉତ୍ସବ ଓଡ଼ିଶାର କଳା, ଖାଦ୍ୟ ଏବଂ ପରମ୍ପରାକୁ ଦିଲ୍ଲୀବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସୁନ୍ଦର ମାଧ୍ୟମ ସାଜିବ ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆଶିଷ ସୁଦ୍ ଏବଂ ଓଡ଼ିଆ ସମାଜର ସଭାପତି ସିଦ୍ଧାର୍ଥ ପ୍ରଧାନ ଉପସ୍ଥିତ ଥିଲେ।

## ରବୀନ୍ଦ୍ରଙ୍କ...

ସେପରି ସମ୍ଭାବନା ମଧ୍ୟ ସେ ଦେଖୁ ନ ଥିବା କହିଛନ୍ତି। ଦଳରେ କାହାକୁ ଗ୍ରହଣ କରିବା ସମୟରେ ଶୁଦ୍ଧତା ରକ୍ଷା କରାଯିବା ଉଚିତ ବୋଲି କହି ଶ୍ରୀ ଷଡ଼ଙ୍ଗୀ ରବୀନ୍ଦ୍ରଙ୍କ ଚିଟଫଣ୍ଡ ଲିଙ୍କ୍‌କୁ ଇଙ୍ଗୀତ କରିଛନ୍ତି। ସେହିଭଳି ଦଳ ନ ଛାଡ଼ିବାକୁ ନନା ଜୀବନ ପ୍ରଦୀପଙ୍କୁ ବୁଝାଇଥିଲେ ବି ତାହା କାମ ଦେଇନି। ରବୀନ୍ଦ୍ର ବିଜେପିରେ ଯୋଗ ଦେବାକୁ ବିରୋଧ କରି ପଦ୍ମ ଶିବିରକୁ ବାଏ ବାଏ କରିଛନ୍ତି ବରିଷ୍ଠ ନେତା ଜୀବନ ପ୍ରଦୀପ ଦାଶ। ଦଳ ଛାଡ଼ିବା ସହ ସେ ବିଜେପି ଉପରେ ନିଜର ଅସନ୍ତୋଷ ଜାହିର କରିଛନ୍ତି। କହିଛନ୍ତି, ବିଜେପି ମୂଲ୍ୟବୋଧଯୁକ୍ତ ରାଜନୀତି ବିଚାରଠାରୁ ଦୂରେଇ ଯାଇଛି। ନ ହେଲେ ଜଣେ ଚିଟଫଣ୍ଡ ଅଭିଯୁକ୍ତକୁ ଦଳରେ କେମିତି ସାମିଲ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ଆଗକୁ କେଉଁ ଦଳକୁ ଯିବେ, ସେନେଇ ନିଷ୍ପତ୍ତି ନେଇ ନ ଥିବା ଶ୍ରୀ ଦାଶ କହିଛନ୍ତି। ସେପଟେ ବାଲେଶ୍ୱର ବିଜେପିରେ ସୃଷ୍ଟି ହୋଇଥିବା ଅସନ୍ତୋଷରେ ହସ୍ତକ୍ଷେପ କରିବେ ବୋଲି କହିଛନ୍ତି ସ୍ଥାନୀୟ ବିଧାୟକ ମାନସ ଦତ୍ତ। ସେ କହିଛନ୍ତି ସେ ଜୀବନ ପ୍ରଦୀପଙ୍କ ସହ ଆଲୋଚନା କରିବେ। ଦଳରେ ବହୁ ଲୋକ ମିଶିବେ, ଛାଡ଼ିବେ। ଏହାକୁ ନେଇ କେହି ଚିନ୍ତିତ ହେବା ଉଚିତ ନୁହେଁ ବୋଲି ମାନସ କହିଛନ୍ତି।

## ସ୍କୁଲରେ...

ପାଇଁ ପାଠକୁ ଅଧିକ ବୋଧଗମ୍ୟ କରିବା ସକାଶେ ଇ- କଣ୍ଟେଣ୍ଟ୍ ଦ୍ୱାରା ଶିକ୍ଷାଦାନ କରାଯିବ। ଶାରୀରିକ ଶିକ୍ଷା ପ୍ରଦାନ ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ଓ ଶାରୀରିକ ବିକାଶ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରାଯାଇପାରିବ। ଶାରୀରିକ ଶିକ୍ଷା କାର୍ଯ୍ୟକାରୀ ହେବା ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ ବଢ଼ିବା ସହ ସେମାନଙ୍କ ମଧ୍ୟରେ ଟିମ୍ ୱାର୍କ ମାନସିକତା ମଧ୍ୟ ବିକଶିତ ହେବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଦିଲ୍ଲୀପଙ୍କ...

ଶିବକୁମାରଙ୍କ ହେପାଜତରେ ଅଛନ୍ତି କଂଗ୍ରେସ ବିଧାୟକ। ଯାହାକୁ ନେଇ ଅନ୍ୟ ବିଧାୟକଙ୍କ ମଧ୍ୟରେ ବି ଅସନ୍ତୋଷ ସୃଷ୍ଟି ହୋଇଛି। ଖୋଦ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମାନିଛନ୍ତି ଯେ ଶାସକ ଦଳ କଂଗ୍ରେସ ବିଧାୟକଙ୍କୁ ପ୍ରଲୋଭିତ କରୁଛି। ସେଥିପାଇଁ ସେମାନେ ପିସିସି ସଭାପତିଙ୍କ ସହ ବେଙ୍ଗାଲୁରୁରେ ଅଛନ୍ତି। ଅର୍ଥାତ କଂଗ୍ରେସର ଯେଉଁ ୮ ବିଧାୟକ ଯାଇଛନ୍ତି, ସେମାନଙ୍କ ଉପରେ ଦଳର ଭରସା ନାହିଁ। ସେପଟେ ବିଜେଡିର କିଛି ନେତାଙ୍କୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନଙ୍କ ମଧ୍ୟରେ ବିଧାୟକ ମାଧବ ଧଡାଙ୍କ ନାଁ ବି ଚର୍ଚ୍ଚା ହେଉଥିଲା। ସେ ମଧ୍ୟ ଦୁଇ ଦିନ ହେଲା ବିଧାନସଭା ଆସୁନଥିଲେ। ହଠାତ ଆଜି ତାଙ୍କୁ ବିଧାନସଭାରେ ଦେଖି ନବୀନ କ୍ରସ ଭୋଟିଂ ନକରିବାକୁ ନାଲିଆଖି ଦେଖାଇଥିବା କୁହାଯାଉଛି। ବିଧାନସଭା ପ୍ରବେଶ ଦ୍ୱାର ନିକଟରେ ନବୀନ ଅତି ଗମ୍ଭୀରତାର ସହ ତାଙ୍କ ସହ କିଛି ସମୟ କଥା ହେଲେ। କ'ଣ କଥା ହେଲେ ତାହା ଯଦିଓ ମିଡିଆ ଶୁଣିବା ସମ୍ଭବ ନ ଥିଲା, ତଥାପି ବଡି ଲାଙ୍ଗୁଏଜରୁ ନବୀନ ଅସନ୍ତୁଷ୍ଟ ଥିବା ବାରି ହେଉଥିଲା। ତା' ସହ ନବୀନ ପ୍ରତିଦିନ ସନ୍ଧ୍ୟାରେ ବିଧାୟକମାନଙ୍କୁ ନବୀନ ନିବାସ ଡାକି ସତର୍କ କରୁଛନ୍ତି। ଦୁଇ ପ୍ରମୁଖ ବିରୋଧୀ ଦଳର ଏହି ଭୟ କେଉଁଠି ନା କେଉଁଠି ପରାଜୟର ଭୟ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଚର୍ଚ୍ଚା ହେଉଛି।

## ଗୋଚାଲାଣ ବେଳେ ପୁଲିସର ଚଢ଼ାଉ: ୨ ଗିରଫ, ୨୨ ଗୋରୁ ଉଦ୍ଧାର

**ନବରଂଗପୁର/ଡାବୁଗାଁ,୧୩ା୩ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପୁଲିସ ଶୁକ୍ରବାର ଭୋର ସମୟରେ ଗୋଚାଲାଣ ବେଳେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିବା ସହ ୨୨ ଗୋରୁ ଉଦ୍ଧାର କରିଛି। ଡାବୁଗାଁ-ଉମରକୋଟ ମୁଖ୍ୟ ରାସ୍ତାରେ ୨ ଜଣ ଲୋକ ଗୋରୁ ଗୁଡ଼ିକୁ ଚଲାଇ ଚଲାଇ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୁଲିସ ଦଶମୁଣ୍ଡିଆ ମନ୍ଦିର ନିକଟରେ ସେମାନଙ୍କୁ ଧରି ଅଟକ ରଖିବା ସହ ୨୨ଟି ଗୋରୁଙ୍କୁ ଆଣି ଥାନା ସମ୍ମୁଖରେ ଥିବା ଆମ୍ବ ବଗିଚାରେ ରଖାଯାଇଥିଲା। ସକାଳୁ ଡାବୁଗାଁ ପ୍ରାଣୀ ଚିକିତ୍ସକ ସେଠାରେ ପହଞ୍ଚି ଗାଈ ଗୁଡ଼ିକର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ।। ଅଟକ ୨ ଜଣ ହେଲେ ପାପଡାହାଣ୍ଡି ବ୍ଲକ ଅଧୀନ ରାଜାମାଟୁ ଗ୍ରାମର ଦିନ ହରିଜନ (୨୩) ଓ ଯାଦବ ହରିଜନ (୩୨)। ଏନେଇ ଥାନା କେସ ନଂ ୪୮/୨୬ରେ ଏକ ମାମଲା ରୁଜୁ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଥାନା ସବଇନିସ୍ପେକ୍ଟର ବିକ୍ରମ କିଶୋର ସାହୁଙ୍କ ସମେତ ପୁଲିସ କର୍ମଚାରୀମାନେ ସାମିଲ ଥିଲେ। ଉଦ୍ଧାର ଗାଈ ଗୁଡ଼ିକୁ ଗୋଶାଳାରେ ଛଡାଯିବା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଘରକାନ୍ଥ କଣାକରି ଲୁଟିଲେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା



**ଫୁଲବାଣୀ,୧୩ା୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଇଛି । ୧୦ ତାରିଖ ରାତିରେ ଫିରିଙ୍ଗିଆ ଥାନା ଅଧୀନ ଉପାନ୍ତ ଅଞ୍ଚଳ କୁହାଯାଉଥିବା ସୁମେରୁ ବନ୍ଧ ପଞ୍ଚାୟତର ରିବିଲଦା ଗାଁରେ ବିଳମ୍ବିତ ରାତିରେ ସୁଧୀର ରଣା ନାମକ ଜଣେ ବ୍ୟକ୍ତିଙ୍କ ଘରକାନ୍ଥ କଣା କରି ଦୁର୍ବୃତ୍ତମାନେ ଘର ଭିତରେ ଥିବା ଗଡ଼ରେଜ ଓ ବାକ୍ସ ଭାଙ୍ଗି ନଗଦ ୧ ଲକ୍ଷ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ୧୦ ତାରିଖ ବିଳମ୍ବିତ ରାତିରେ ସୁଧୀର ରଣା ଓ ପରିବାର ଗୋଟିଏ ଘରେ ଶୋଇଥିବା ବେଳେ ଅନ୍ୟ ବଖରାରେ କେହି ନଥିବାର ସୁଯୋଗ ନେଇ ଘରର କାନ୍ଥକୁ କଣା କରି ଘର ଭିତରେ ପଶି ଲୁଟିଥିଲେ । ଏନେଇ ସୁଧୀର ଫିରିଙ୍ଗିଆ ଥାନାରେ ଲିଖିତ ଭାବରେ ଜଣାଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କାରିଥିବା ବେଳେ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପଟେ ଦିନକୁ ଦିନ ଚୋରି ଡକାୟତି ଓ ହତ୍ୟା ଘଟଣା ବଢ଼ୁଥିବା ବେଳେ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି।

● ସାମ୍ବାଦିକଙ୍କୁ ମାଡ ଓ ମୋବାଇଲ ଛଡାଇନେବା ଘଟଣା

## ୧୮ରେ ଥାନା ଆଗରେ ଧାରଣା ଦେବାକୁ ନିଷ୍ପତ୍ତି



**ନୀଳଗିରି,୧୩ା୩ (ସଂଚାର ବ୍ୟୁରୋ):** ପଞ୍ଚ ଦୋଳ ଅବସରରେ ନୀଳଗିରି ବିଜ୍ଞାପିତ ଅଞ୍ଚଳର ୧୦ ନମ୍ବର ୱାର୍ଡରେ ଦୋଳଠାକୁର ଶ୍ରୀ ଶ୍ରୀକୃଷ୍ଣ ମହାପ୍ରଭୁଙ୍କୁ ଗାଁ ପରିକ୍ରମା କରାଇ ନେବାକୁ ନେଇ ସାହି ସାହି ମଧ୍ୟରେ ମାରପିଟ୍ ହେଉଥିବା ବେଳେ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି ଦୂରରୁ ରହି ଫଟୋ ଉଠାଉଥିବା ବେଳେ ୩ଜଣ ଯୁବକ ତାଙ୍କ ଠାରୁ ମୋବାଇଲ ଛଡାଇବା ସହିତ ମାଡ଼ ମାରି ଚେତାଶୂନ୍ୟ କରିଦେଇଥିଲେ। ଖବର ପାଇ ନୀଳଗିରି ପୁଲିସ ଘଟଣାସ୍ଥଳରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶ୍ରୀ ମହାନ୍ତି ଡାକ୍ତରଖାନାରେ ଚିକିତ୍ସିତ ହୋଇ ଚେତା ଫେରିବା ପରେ ନୀଳଗିରି ଥାନାରେ ଏତଲା ଦେଇଥିଲେ। ଆଜକୁ ପ୍ରାୟ ୮ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ମୋବାଇଲ ଉଦ୍ଧାର କରିବାରେ ବିଫଳ ହେବା ସଙ୍ଗେ ସଙ୍ଗେ ଅଭିଯୁକ୍ତ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ନୀଳଗିରି ସାମ୍ବାଦିକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ବିରୋଧ କରି ଶ୍ରୀ ମହାନ୍ତି ସମେତ ସାମ୍ବାଦିକମାନେ ଆସନ୍ତା ୧୮ତାରିଖ ଦିନ ନୀଳଗିରି ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ଡିଜି, ଜିଲ୍ଲାପାଳ, ଏସପି, ଏସଡିପିଓ, ଆଇଆଇସିଙ୍କୁ ଜଣାଇଛନ୍ତି।

## ଛାତ୍ରୀଙ୍କ ଅସଦାଚରଣ ଭିଡିଓ ଭାଇରାଲ

**କାକଟପୁର/ଅସ୍ତରଙ୍ଗ,୧୩ା୩ (ସଂଚାର ବ୍ୟୁରୋ):** ବିଦ୍ୟାଳୟକୁ ଶିକ୍ଷାର ମନ୍ଦିର କୁହାଯାଉଥିବା ବେଳେ ଉକ୍ତ ବିଦ୍ୟାଳୟ ପରିସରରେ ଅତ୍ୟନ୍ତ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି। ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ସ୍କୁଲର ଅବସରପ୍ରାପ୍ତ କର୍ମଚାରୀ ଅସଦାଚରଣ କରିଥିବା ଭିଡିଓ ଭାଇରାଲ ଘଟଣା ଏବେ ସାମ୍ନାକୁ ଆସିଛି। ସୂଚନା ମୁତାବକ, କାକଟପୁର ଥାନା ଅଧିନ ଏକ ସ୍କୁଲରେ ଛାତ୍ରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀ ଅସଦାଚରଣ କରିଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଏହି ଭିଡ଼ିଓଟି ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଳିକା ବିଦ୍ୟାଳୟ ଶ୍ରେଣୀ ଗୃହ ପରିସରରେ ଜଣେ କର୍ମଚାରୀ କିଭଳି ଅବାଧରେ ପ୍ରବେଶ କରୁଥିଲେ ଏବଂ ଏଭଳି ଅନୈତିକ କାର୍ଯ୍ୟ କରିବାକୁ ସୁଯୋଗ ପାଇଲେ, ତାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ। ଏ ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୁରୁବାର କାକଟପୁର ଥାନାରେ ଲିଖିତ ଅଭିଯୋଗ ଦର୍ଶାଇଛନ୍ତି। ଅଭିଯୋଗ ପରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ସହ ଅନ୍ୟ କର୍ମଚାରୀ ବିଦ୍ୟାଳୟ ପହଂଚି ସ୍ଥିତି ଅନୁଧ୍ୟାନ ସହ ତଦନ୍ତ ଜାରି ରଖିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି, ଭିଡିଓ ଭାଇରାଲ ପରେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ ଆରମ୍ଭ ହୋଇଛି। ଅପରପକ୍ଷରେ ପୁଲିସ ଏବଂ ପ୍ରଶାସନ ଏହି ଘଟଣାରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି। ଅବସର ପ୍ରାପ୍ତ କର୍ମଚାରୀ ଜଣକ ଘରେ ନଥିବା ପୁଲିସ ତରଫରୁ ସୂଚନା ମିଳିଛି। ତଦନ୍ତ ଜାରି ରହିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

[ କନ୍ଧମାଳରେ ସରୁନି ଦାଦନ ଯନ୍ତ୍ରଣା ]

# ଖଟିବାକୁ ଯାଇ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ

**ଫୁଲବାଣୀ,୧୩ା୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଦାଦନ ଯନ୍ତ୍ରଣା ବଢ଼ିବାରେ ଲାଗିଛି । ଜିଲ୍ଲାରେ କର୍ମ ନିଯୁକ୍ତିର ଅଭାବ ପାଇଁ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରୁଛନ୍ତି ଶ୍ରମିକ । ଏଭଳି ଅନେକ ଘଟଣା ଜିଲ୍ଲାରେ ଘଟି ସାରିଥିବା ବେଳେ ପୁଣି ଏକ ଯୁବ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଯୁବ ଦାଦନ ଶ୍ରମିକଙ୍କ ନାମ କୁରୁପତି ଦିଗାଲ ଏଲିଆସ ବୁଲୁ ବୋଲି ଜଣାପଡିଥିବା ବେଳେ ତାଙ୍କ ଘର କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତର ଗୁରୁପଡା ଗାଁରେ ବୋଲି ଜଣାପଡିଛି ।



ସୂଚନା ଅନୁସାରେ ମୃତ ଶ୍ରମିକ ଜଣକ ଗତ ଛଅ ମାସ ତଳେ ତାମିଲନାଡୁ ରାଜ୍ୟର ତିରିପୁର ଅଂଚଳକୁ କାମ କରିବାକୁ ଯାଇଥିଲେ । ସେଠି ଏକ ୱେଲଡିଙ୍ଗ ଦୋକାନରେ ଶ୍ରମିକ ଭାବରେ କାମ କରୁଥିଲେ । ଗତ ବୁଧବାର ଦିନ ହଠାତ ତାଙ୍କର ଶରୀର ଅସୁସ୍ଥ ହୋଇପଡ଼ିଥିଲା । ତାଙ୍କ ସହକର୍ମୀମାନେ ତାଙ୍କୁ କହେମବାଟୁରରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ । ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ଜଣାପଡିବା ପରେ ସାରା ଫିରିଙ୍ଗିଆ ଅଂଚଳରେ ଓ ଶ୍ରମିକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଥିବା ବେଳେ ବର୍ତ୍ତମାନ ମୃତ ଶ୍ରମିକଙ୍କ ମୃତଦେହ ସେହି ମେଡିକାଲର ଶବ ସରକ୍ଷଣ ଗୃହରେ ଥିବା ଜଣାଅଡ଼ିଛି ।

ସେପଟେ ଶ୍ରମିକଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାମିଲନାଡୁରୁ ଶବ ଗାଁକୁ ଆଣିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ । ଯାହା ଫଳରେ ମୃତ ଶ୍ରମିକଙ୍କ ଶବ କିଭଳି ଭାବରେ ନିଜ ଗାଁକୁ ଆସିପାରିବ ସେନେଇ ପ୍ରଶାସନକୁ ଗୁହାରି କରିଛନ୍ତି ମୃତ ଶ୍ରମିକଙ୍କ ପରିବାର ଲୋକେ। ଅନ୍ୟପଟେ ଘଟଣା ସମ୍ପର୍କରେ କନ୍ଧମାଳ ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝିଙ୍କୁ ଜଣାଇବା ପରେ ଶବ କିଭଳି ଗାଁକୁ ଆସିବ ସେନେଇ ଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି ।

## ବିବାଦୀୟ ଜାଗାରେ ପୁଣି ଜଳାଶୟ ପୋତିଦେବା ଅଭିଯୋଗ



**ଛତ୍ରପୁର,୧୩ା୩ (ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅନ୍ତର୍ଗତ ଜୟଶ୍ରୀ ଛକ ନିକଟରେ ଥିବା ପ୍ଲଟ ନମ୍ବର- ୧୨୬୪ରେ ଥିବା ଏକ ବିବାଦୀୟ ଜାଗାରେ ପୁଣିଥରେ ଜଳାଷୟ ପୋତିଦେବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଜାଗା ପୂର୍ବରୁ ଜଳାଷୟ ଭାବେ ପରିଚିତ ଥିଲା ଓ ଏହାକୁ ନେଇ ପୂର୍ବରୁ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା। ତଥାପି ବର୍ତ୍ତମାନ କେତେକ ବ୍ୟକ୍ତି ଉକ୍ତ ଜାଗାକୁ ବ୍ୟକ୍ତିଗତ ଦଖଲରେ ରଖି ମାଟି ପକାଇ ଜଳାଷୟକୁ ପୋତିଦେବା ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଟ୍ରାକ୍ଟର ଓ ଅନ୍ୟ ଯାନବାହନ ଯୋଗେ ମାଟି ଆଣି ଧୀରେ ଧୀରେ ଜଳାଷୟକୁ ପୋତିଦିଆଯାଉଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକମାନେ ଗଞ୍ଜାମ ତହସିଲ ପ୍ରଶାସନଙ୍କୁ ଘଟଣାର ସଠିକ୍ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଡା ଆଇନଗତ ପଦକ୍ଷେପ ନେବା ଓ ଜଳାଷୟକୁ ପୁଣି ପୂର୍ବ ଅବସ୍ଥାକୁ ଫେରାଇବା ପାଇଁ ଦାବି କରିଛନ୍ତି।

## ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଭୀମ ଆର୍ମିର ଦାବି



**ଆନନ୍ଦପୁର,୧୩ା୩ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଜିତେନ୍ଦ୍ର ମଲ୍ଲିକଙ୍କ ଏକମାତ୍ର କନ୍ୟା ତନ୍ମୟୀ ମଲ୍ଲିକ (୫)ଙ୍କ ଦୁଃଖଦ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି।

ସୂଚନା ଅନୁଯାୟୀ, ତନ୍ମୟୀ ପ୍ରାୟ ଦୁଇ ବର୍ଷ ହେବ ତାଙ୍କ ମାମୁଁ ଘର ଜେନାପଦାରେ ରହି ପାଠ ପଢ଼ୁଥିଲେ। ଗତ ୪ ମାର୍ଚ୍ଚ ୨୦୨୬ ତାରିଖ ହୋଲି ଦିନ କିଛି ଅସାମାଜିକ ଯୁବକ ମଦ୍ୟପାନ କରି ବେପରୁଆ ଭାବରେ ଗାଡ଼ି ଚଲାଇବା ସହ ଶିଶୁ ତନ୍ମୟୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ୯ ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଗତକାଲି ରାତିରେ ଶିଶୁଟି ଜୀବନ ଯୁଦ୍ଧରେ ହାରିଯାଇଥିଲା।

ଏହି ଘଟଣାର ସବୁଠାରୁ ବିଡ଼ମ୍ବନାପୂର୍ଣ୍ଣ ଦିଗ ହେଲା, ପରିବାର ପକ୍ଷରୁ ୫ ତାରିଖରେ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୁଲିସ ପକ୍ଷରୁ ପଦକ୍ଷେପ ନ ନିଆଯାଇଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଭୀମ ଆର୍ମି ସଂଗଠନ ଘଷିପୁରା ବ୍ଲକ ସଭାପତି ରଶ୍ମିରଞ୍ଜନ ଜେନାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତାମାନେ ଶବ ରଖି ରାମଚନ୍ଦ୍ରପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଦୋଷୀମାନଙ୍କୁ ଶୀଘ୍ର ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଦେବାକୁ ଭୀମ ଆର୍ମି ସଂଘଠନ ଦାବି କରିଛି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧିହେଲେ ୪୩ ଦମ୍ପତି



**ବାରିପଦା,୧୩ା୩ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ଭାବେ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟାମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରି ସମାଜରେ ସାମାଜିକ ସୁରକ୍ଷା ଓ ସମତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ପ୍ରମାଣିତ ହେଉଛି। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ କନ୍ୟାମାନଙ୍କ ବିବାହକୁ ସମୂହ ଭାବେ ସମ୍ପନ୍ନ କରାଯାଇ ସେମାନଙ୍କୁ ଏକ ସୁନ୍ଦର ଓ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରେରିତ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦା ସ୍ଥିତ ଛଉ ପଡ଼ିଆ ଠାରେ ଏକ ବିଶାଳ ସମୂହ ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୋଟ ୪୩ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ୍ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ତାଙ୍କର ନୂତନ ବୈବାହିକ ଜୀବନ ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଥିଲେ।

ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ସର୍ବମୋଟ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫,୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେବାର ବ୍ୟବସ୍ଥା ରହିଛି। ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ନିୟୋଜିତ କାର୍ଯ୍ୟକାରୀ ସଂସ୍ଥା ଗ୍ରାମୀଣ ବିକାଶ କାର୍ଯ୍ୟକାରୀଣୀ କମିଟିକୁ ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସାମାଜିକ ମଙ୍ଗଳ ଅଧିକାରୀଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସହିତ ଅନ୍ୟାନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ।

ଛାତ୍ରଛାତ୍ରୀଙ୍କୁ ସନ୍ଥ ଗୌର ଗୋପାଳ ଦାସଙ୍କ ଆହ୍ୱାନ

# ସଫଳତା ପାଇଁ ନିଜ ଅନ୍ତର୍ନିହିତ ଗୁଣକୁ ବିକଶିତ କର



**ଭୁବନେଶ୍ୱର,୧୩ା୩ (ସଂଚାର ବ୍ୟୁରୋ):** ସଫଳତା ହାସଲ କରିବା କ୍ଷେତ୍ରରେ ଦକ୍ଷତା ଓ କାର୍ଯ୍ୟ କୁଶଳତା ହିଁ ମାପଦଣ୍ଡ ବୋଲି ଅନେକଙ୍କର ଚିନ୍ତାଧାରା ରହିଥିବା ବେଳେ ପ୍ରକୃତରେ କିନ୍ତୁ ମଣିଷର ମାନସିକତା ହିଁ ତାକୁ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ ବୋଲି ମତ ରଖିଛନ୍ତି ପଥ ପ୍ରଦର୍ଶକ, ବିଶିଷ୍ଟ ପ୍ରେରଣାଦାୟୀ ବକ୍ତା, ସାଧୁ ତଥା ଲେଖକ ଗୌର ଗୋପାଳ ଦାସ।

ଶୁକ୍ରବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆନୁଆଲ୍ ଟ୍ୟାଲେଂଟ ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ 'ସୋଆ ପ୍ରତ୍ତିମା ୨୦୨୬'ର ୩-ଦିନିଆ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୌର ଗୋପାଳ ଦାସ ଛାତ୍ରଛାତ୍ରୀଙ୍କୁ କହିଛନ୍ତି ଯେ କର୍ପୋରେଟ ଜଗତର ପସନ୍ଦ ଦକ୍ଷ ଓ କାର୍ଯ୍ୟ କୁଶଳତା ସମ୍ପନ୍ନ ବ୍ୟକ୍ତିଙ୍କ ପ୍ରତି ଅଧିକ ରହିଥିବା ବେଳେ ସଫଳତା ପ୍ରତି ଅଧିକ ଆସକ୍ତି ରଖୁ ନଥିବା ଚିନ୍ତାଧାରାର ବ୍ୟକ୍ତି ବିଶେଷ ହିଁ ପ୍ରକୃତରେ ନିଜ ଜୀବନରେ ଉନ୍ନତି କରିଥାନ୍ତି। ଛାତ୍ରଛାତ୍ରୀମାନଙ୍କୁ ସଫଳତା ହାସଲ କରିବା ନିମନ୍ତେ ବିକାଶ ଉପରେ ଗୁରୁତ୍ୱ ନ ଦେଇ କଠିନ ପରିଶ୍ରମର ଆବଶ୍ୟକତା ରହିଥିବା ସେ କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଅନ୍ୟର ଉନ୍ନତି କିମ୍ବା ସଫଳତା ସହିତ ନିଜର ତୁଳନା ନ କରିବାକୁ ଉପଦେଶ ଦେଇଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ (କର୍ପୋରେଟ ଆଫେୟାର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ କନେକ୍ଟ) ଶ୍ରୀ ରୀପ୍ତି ରଞ୍ଜନ ଦାଶ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସନ୍ଥ ଗୌର ଗୋପାଳ ଦାସଙ୍କୁ ସ୍ୱାଗତ କରିଥିଲେ। ସନ୍ଥ ଦାସ ତାଙ୍କୁ ସ୍ୱଲିଖିତ ଏକ ପୁସ୍ତକ ଉପହାର ଦେଇଥିଲେ। କାର୍ଯ୍ୟକ୍ରମର ସ୍ୱତନ୍ତ୍ର ପର୍ଯ୍ୟାୟ 'ସେଲିବ୍ରେସନ୍ ଅଫ୍ ଏକ୍ସିଲେନ୍ସ' ଅବସରରେ କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ସୁନା ଗହଣା ଚୋରି ମାମଲାରେ ୩ ଗିରଫ, ୨.୫ ଲକ୍ଷ ଟଙ୍କା ଜବତ



**ବୋରିଗୁମ୍ମା,୧୩ା୩ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ପୁଲିସ ଦୀର୍ଘ ତିନି ମାସ ତଳେ ସୁନା ଗହଣା ଚୋରି ମାମଲାରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା, ଏକ ବାଇକ ଓ ଏକ ଲୁହା ରଡ଼ ଜବତ କରାଯାଇଛି। ଏନେଇ ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ। ଗିରଫ ତିନି ଜଣ ହେଲେ ଚନ୍ଦନ ବୁଦେଇ(୨୩ ବର୍ଷ) ଘର କୋରାପୁଟ ସହର ଷ୍ଟାଡିୟମ କଲୋନୀ, ଅଜୟ ଓରଫ ରିଙ୍କୁ ନାୟକ(୩୦ ବର୍ଷ) ଘର ଜୟପୁର ସହରର ଓଡ଼ିଆ ମେଦିରି ସାହି ଓ ଅନ୍ୟ ଜଣେ ହେଲେ ସୁନାରୀ ଏମ ଶିବା (୪୫ ବର୍ଷ) ଘର ଜୟପୁର ସ୍ଥିତ ଚନ୍ଦନବାଡ଼ ସାହି ବୋଲି ଜଣାପଡିଛି। ପ୍ରକାଶ ଥାଉକି ଗତ ୨୦.୧୨.୨୫ ରେ ନବରଙ୍ଗପୁର ରୋଡ଼ରେ ଥିବା ବିନାୟକ ପାଢ଼ୀଙ୍କ ପରିବାର ଏକ ପାରିବାରିକ କାର୍ଯ୍ୟକ୍ରମରେ ବାହାରକୁ ଯାଇଥିବା ବେଳେ ଘରେ କେହି ନ ଥିବା ଦେଖି ଦୁର୍ବୃତ୍ତମାନେ ସୁନା ନେକଲେସ, ସୁନାର କାନ ଫୁଲ, ସୁନା ମୁଦି ଏହିପରି ଭାବେ ମୋଟ ୯୫ ଗ୍ରାମ ସୁନା ଗହଣା ଓ ଦୁଇ ଲକ୍ଷ ଟଙ୍କା ନଗଦ ଧରି ଛୁ ମାରିଥିଲେ।

## ରନ୍ଧନ ଗ୍ୟାସ ଦରବୃଦ୍ଧି ଓ ଅଭାବ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



**ଖୋର୍ଦ୍ଧା, ୧୩ା୩ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରନ୍ଧନଗ୍ୟାସ ଦରବୃଦ୍ଧି ଏବଂ ଏହାର ଅଭାବ ପ୍ରତିବାଦରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ଏଡିଏମ, ଖୋର୍ଦ୍ଧାଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ଆଜି ରନ୍ଧନଗ୍ୟାସର ଦରବୃଦ୍ଧି ଓ ଅଭାବକୁ ନେଇ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କର ଆଛାଦିନର ବାସ୍ତବ ଚିତ୍ର । ୟୁପିଏ ସରକାର ସମୟରେ ୨୦୧୪ ମସିହା ସୁଦ୍ଧା ସିଲିଣ୍ଡର ପିଛା ୪୫୦ ଟଙ୍କା ଥିଲା । ଏବେ ସିଲିଣ୍ଡରର ମୂଲ୍ୟ ୧୦୦୦ ଟଙ୍କା ହେଲାଣି । ଏବେ ରନ୍ଧନଗ୍ୟାସର କଳାବଜାରି ଆରମ୍ଭ ହୋଇଗଲାଣି । ସିଲିଣ୍ଡର ପିଛା ୨୦୦୦-୨୫୦୦ ଟଙ୍କାରେ କିଣିବାପାଇଁ ଲୋକେ ବାଧ୍ୟ ହେଉଛନ୍ତି । ମୋଦିଙ୍କର ଭୁଲ ନୀତି ଯୋଗୁଁ ଆଜି ଭାରତରେ ଦୟନୀୟ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ହାଣ୍ଡିଶାଳରେ ସରକାର ମହଙ୍ଗାମାଡ ଦେଉଛନ୍ତି । ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ତୁରନ୍ତ ପରିସ୍ଥିତିର ନିୟନ୍ତ୍ରଣ ପାଇଁ ଦାବି କରାଯାଉଛି ।

ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସୋନାଲି ସାହୁ, ଶିଶିର ପରିଡ଼ା, ଜୟଶ୍ରୀ ପଟ୍ଟନାୟକ, ରଞ୍ଜିତ ମହାପାତ୍ର, ସୌମ୍ୟ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅକ୍ସଫୋର୍ଡ଼ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସରେ ନିଯୁକ୍ତି ମେଳା



**ବାଲିଅନ୍ତା,୧୩ା୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ରାମଚନ୍ଦ୍ରପୁର ସ୍ଥିତ ଅକ୍ସଫୋର୍ଡ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପରିସରରେ ଭୁବନେଶ୍ୱର ପରସିଷ୍ଟିଏଣ୍ଟ ନେଟୱାର୍କ୍ସ ପ୍ରା.ଲି. କମ୍ପାନି ପକ୍ଷରୁ କ୍ୟାମ୍ପସ୍ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ବିଟେକ ଏବଂ ଏମବିଏ ପାଠ୍ୟକ୍ରମର ୪୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ। କମ୍ପାନି ତରଫରୁ ସେମାନଙ୍କୁ ନିଯୁକ୍ତି ପତ୍ର ଓ ପରିଚୟପତ୍ର ପ୍ରଦାନ କରାଯାଇଥିଲା। କମ୍ପାନି ନିର୍ଦ୍ଦେଶକ ପ୍ରୀତମ କୁମାର ଗୁହା ଓ ଲିପିକା ଗୁହା ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିଥିଲେ । କଲେଜ ଚେୟାରମ୍ୟାନ୍ ଡ. ଅନୁମାଧବ ପଣ୍ଡା କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆଗକୁ ଅନେକ କମ୍ପାନି କ୍ୟାମ୍ପସ୍ ଚୟନପାଇଁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଡିଜେ ଗାଡ଼ି ପ୍ରତି ଅଙ୍କୁଶ ରହୁନି

### ନିୟମ ଅଛି, କିନ୍ତୁ ପାଳନ ହେଉନି

### ଅତ୍ୟଧିକ ଶବ୍ଦ ଓ ଉଚ୍ଚତା ବିପଦକୁ ଆମନ୍ତ୍ରଣ କରୁଛି

### ଫିଟ୍‌ନେସ ପ୍ରତି ଧ୍ୟାନ ନାହିଁ




**ବାଲିଆପାଳ, ୧୩ା୩ (ସଂଚାର ବ୍ୟୁରୋ):** ବିବାହ ଶୋଭାଯାତ୍ରା, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାଧାରଣ ସଭା ସମୟରେ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଶବ୍ଦ ପ୍ରଦୂଷଣ ଉପରେ ନଜର ରଖାଯାଉନାହିଁ। ଶବ୍ଦ ପ୍ରଦୂଷଣ ନିୟମ ସଂକ୍ରାନ୍ତରେ ରାଜ୍ୟ ସରକାର ଏକାଧିକ ମାର୍ଗଦର୍ଶିକା ଜାରି କରିଥିବାବେଳେ ଏହାକୁ କାଁ ଭାଁ ପାଳନ କରାଯାଉଛି। କୌଣସି କ୍ଷେତ୍ରରେ ୬୫ ଡେସିବେଲରୁ ଅଧିକ ଶବ୍ଦକୁ ଅନୁମତି ନାହିଁ। ପ୍ରଶାସନର ବିନାଅନୁମତିରେ କେହି ବି ଡିଜେ କିମ୍ବା ଉଚ୍ଚ ଶବ୍ଦଯୁକ୍ତ ମାଇକ୍ ବଜାଇ ପାରିବେ ନାହିଁ। କେବଳ ଲିମିଟର ସହିତ କମ୍ କମ୍ ଶବ୍ଦଯୁକ୍ତ ଯନ୍ତ୍ରପାତିକୁ ଅନୁମତି ମିଳିଥାଏ।

ଏହାଛଡ଼ା ଡିଜେ ଗାଡ଼ି ଗୁଡ଼ିକ ମଧ୍ୟ ଅତ୍ୟଧିକ ଲମ୍ବା ଓ ଉଚ୍ଚତା ରହୁଛି। ଫଳରେ ରାସ୍ତାରେ ଶୋଭାଯାତ୍ରାରେ ଯିବା ସମୟ ସମୟରେ ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ଅନେକଙ୍କ ମୃତ୍ୟୁ ହେବା ନଜର ରହିଛି। ଏ ଦିଗରେ ପରିବହନ ବିଭାଗର ମଧ୍ୟ ଦାୟିତ୍ୱ ରହିଛି। ଫିଟ୍‌ନେସ, ପରମିସନ ଉପରେ କଡ଼ାକଡ଼ି ନିୟମ ପାଳନ କରାଯିବା ଦରକାର। କାହା ଅନୁମତିରେ ଡିଜେ ଗାଡ଼ି ଏଭଳି କରାଯାଉଛି। ଫିଟନେସ ଯାଞ୍ଚ ହେଉଛି ନା ନାହିଁ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।

ତେବେ ବାଲିଆପାଳ ବ୍ଲକରେ ବେଆଇନ୍ ଭାବେ ଡିଜେ, ସାଉଣ୍ଡ ବେପାର ଚାଲିଛି। ଏଠାରେ ପ୍ରଦୁଷଣ ଓ ଶବ୍ଦ ଉପରେ କିଛି ବି ଅଙ୍କୁଶ ଲାଗୁହେଉନାହିଁ। ପ୍ରଶାସନ ସବୁ ଜାଣି ନିଦାବିଷ୍ଟୁ ପାଲଟିଛି। ଡିଜେରୁ ବାହାରୁଥିବା ବିକଟାଳ ଯୁକ୍ତ ଶବ୍ଦ ବୟସ୍କ ବ୍ୟକ୍ତି, ଦୁର୍ବଳ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତାଛଡ଼ା ବାଣୁ ପ୍ରଦୂଷଣ ମଧ୍ୟ ହେଉଛି ପର୍ବପର୍ବାଣୀ ସମୟରେ ସର୍ବସାଧାରଣ ଆଇନ୍‌କୁ ଜଡ଼ାକଡ଼ି କରିବା ବାଧ୍ୟତାମୂଳକ ଉଚ୍ଚ ଶବ୍ଦଯୁକ୍ତ ଯେକୌଣସି ଜନ୍ତ୍ର କର୍ତ୍ତୃପକ୍ଷଙ୍କ ବିନାଅନୁମତିରେ ବାଜି ପାରିବ ନାହିଁ। ହେଲେ ଦିନକୁ ଦିନ ସର୍ବସାଧାଣ ସ୍ଥାନରେ ଏହି ବେଆଇନ୍ ଶବ୍ଦ ପ୍ରଦୂଷଣ ହେଉଥିଲେ ହେଁ ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ତଦନୁଯାୟୀ ଜିଲ୍ଲାପାଳ ଓ ଏସପି ଏଦିଗରେ ଠିକଣା ପଦକ୍ଷେପ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବାଲିବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

**ନୀଳଗିରି,୧୩ା୩ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ କାଠପାଳ-ମିତ୍ରପୁର ରାସ୍ତା ଘାଘରା ନଈ ପାଖରେ ଆସୁଥିବା ଓଆର୧୫ଡି ୦୯୧୬ ନମ୍ବର ବିଶିଷ୍ଟ ବାଲି ବୋଝେଇ ଟ୍ରକ ର ପଛ ଚକା ଫାଟିଯିବାରୁ ରାସ୍ତା ଉପରେ ଗାଡିଟି ଦୁର୍ଘଟଣା ଗ୍ରସ୍ତ ହୋଇ ପାଲଟି ଥିଲା। ଗଡି ଦୁର୍ଘଟଣାଗ୍ରସ୍ତ ହେବାପରେ ଚାଳକ ଜଣକ ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ରାସ୍ତା ଅବରୋଧ ହଟାଇବା ପାଇଁ ଜେସିବି ଦ୍ୱାରା ଟ୍ରକକୁ ଉଠାଯାଇଥିଲା।

**OFFICE OF THEDIVISIONAL FOREST OFFICER, PHULBANI**
(KENDULEAVES) DIVISION. AT/P. O/P. S: - PHULBANI,
DIST-KANDHAMAL, PIN-762001 Phone-06842-253673,
Mob-918280342725, E-mail id-dfoklplb@gmail.com

**TENDER CALL NOTICE**

No. 809 Date. 11-03-2026

**Engagement of Service Provider for Services of Data Entry Operator & Computer Programmer during 2026 Kenduleaf Crop Year**

Sealed tenders are invited from reputed manpower Agencies/ Service Providers to provide the services of 07 (Seven) nos. Data Entry Operator & 01 (One) no of Computer Programmer for a period of one year with effect from 01st April 2026 to 31st March 2027 for placement in different field units of Phulbani (KL) Division as per Government of Odisha, Finance Department Guidelines.

The detail information for outsourcing of the services of Data Entry Operators & Computer Programmer has been given in the tender document which is available in the office of the undersigned and shall be provided from 11.00 AM to 05.30 PM on any working day on payment of 500/- (Rupees five hundred) only towards cost of Tender Paper in shape of cash. The tender offer in sealed cover is to be superscribed as "OFFER FOR SERVICE OF DATA ENTRY OPERATOR" & "COMPUTER PROGRAMMER" may be sent by Speed Post which should reach the undersigned by 24th March 2026 04.00 PM or can also be dropped in the Tender Box placed in the office during office hours. The tender papers shall be opened by the Selection Committee in the O/o the Divisional Forest Officer, Phulbani (KL) Division on 24th March 2026 at 05.00 PM in presence of Manpower Agencies/ Service Providers or their authorized representatives. No offer received beyond the stipulated date, time and without EMD shall be entertained.

Divisional Forest Officer
Phulbani (KL) Division

# ଦେଶ ଜିଡିପିରେ ରାଜ୍ୟର ଅବଦାନ ୫% ଲକ୍ଷ୍ୟ



## ଗ୍ଲୋବାଲ ସମ୍ମିଟ୍ ଅନ୍ ବ୍ଲୁ ଇକୋନୋମି-୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ 'ଗ୍ଲୋବାଲ ସମିଟ୍ ଅନ୍ ବ୍ଲୁ ଇକୋନୋମି ୨୦୨୬'କୁ ଉଦ୍‌ଘାଟନ କରି 'ବିକଶିତ ଓଡ଼ିଶା ୨୦୩୬' ଅଧୀନରେ ରାଜ୍ୟର ଦୂରଦୃଷ୍ଟି ଉପସ୍ଥାପନ କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସାମୁଦ୍ରିକ ସମ୍ପଦର ସମ୍ଭାବନା ଉପରେ ଆଲୋକପାତ କରି ସେ ଓଡ଼ିଶାର ୫୭୫ କିମି ବେଳାଭୂମି ସହ ଅର୍ଥନୀତି, ଜନସଂଖ୍ୟା, ଭୌଗୋଳିକ ସ୍ଥିତି ଓ ପରିସଂସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ୨୦୪୭ ସୁଦ୍ଧା ଦେଶର ଜିଡିପିରେ ୫ ପ୍ରତିଶତ ଅବଦାନ ରଖିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି, ଯେଉଁଥିରେ ମତ୍ସ୍ୟ ସମ୍ପଦ, ସାମୁଦ୍ରିକ ଭିତ୍ତିଭୂମି, ଉପକୂଳ ପର୍ଯ୍ୟଟନ ଓ 'ଓମ୍ରିକ୍' ମାଧ୍ୟମରେ ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ଅବଦାନ ରହିବ। 'ବିକଶିତ ଭାରତ ୨୦୪୭' ଅଧୀନରେ ଜାତୀୟ ଦୃଷ୍ଟିକୋଣ ପ୍ରଦାନ କରି ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ ସମୁଦ୍ରର ବିଶାଳ ସମ୍ଭାବନା ସମ୍ବନ୍ଧରେ କହିଥିଲେ ଯେ, ବିଶ୍ୱସ୍ତରରେ ସମୁଦ୍ରର ପ୍ରାୟ ୯୫ ପ୍ରତିଶତ ଅଂଶ ଏବେ ମଧ୍ୟ ଅନୁସନ୍ଧାନ ଅପେକ୍ଷାରେ ଅଛି। ସେ ଅଫସୋର ଶକ୍ତି ଏବଂ ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଥିବା ସୁଯୋଗ ଏବଂ ଜଳବାୟୁ ପ୍ରଭାବ, ଉପକୂଳ କ୍ଷୟ ଏବଂ ସାମୁଦ୍ରିକ ପ୍ରଦୂଷଣ ଭଳି ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିବା ସହ ସାମୁଦ୍ରିକ ସମ୍ପଦର ସ୍ଥାୟୀ ବ୍ୟବହାର ପାଇଁ ଅଧିକ ଗବେଷଣା ଏବଂ ନବସୃଜନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଭାରତରେ ତିମୋର-ଲେଷ୍ଟେର ରାଷ୍ଟ୍ରଦୂତ ମହାମହିମ କାର୍ଲିଟୋ ନୁନେସ୍ ତାଙ୍କ ଦେଶର ସାମୁଦ୍ରିକ ଏବଂ ଉପକୂଳ କ୍ଷେତ୍ରକୁ ମଜବୁତ କରିବା ଉପରେ ଆଲୋକପାତ କରିବା ସହ ନୀଳ ଅର୍ଥନୀତିର ଅଗ୍ରଗତି ପାଇଁ ଆନ୍ତର୍ଜାତୀୟ ସହଯୋଗ ଏବଂ ସହଭାଗିତାର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଓଡ଼ିଶାର ଉପକୂଳ ଏବଂ ସାମୁଦ୍ରିକ ସମ୍ପଦର ରଣନୈତିକ ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇ କହିଥିଲେ ଯେ ମତ୍ସ୍ୟ ଚାଷ ଓ ଜଳଜ ପ୍ରାଣୀ ପାଳନ ଭଳି ପ୍ରମୁଖ କ୍ଷେତ୍ରକୁ ମଜବୁତ କରିବା ଓ ଉପକୂଳବର୍ତ୍ତୀ ଜୀବିକାକୁ ସହାୟତା କରିବା ପାଇଁ ଅଧିକ ସହଯୋଗ, ଉନ୍ନତ ଭିତ୍ତିଭୂମି, ନବସୃଜନ ଓ ସ୍ଥାୟୀ ଅଭ୍ୟାସର ଆବଶ୍ୟକତା ରହିଛି।

ଆଠଗଡ଼ରେ ଶିଳ୍ପ ଭିତ୍ତିଭୂମିର ବିକାଶ

# ପ୍ରସ୍ତାବିତ ଶିଳ୍ପ ପାର୍କ ସ୍ଥଳ ବୁଲିଲେ ଇଡ୍‌କୋ ଅଧ୍ୟକ୍ଷା



ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ): ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡକୋ )ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ କଟକ ଜିଲ୍ଲା ଆଠଗଡ଼ ତହସିଲ ଅନ୍ତର୍ଗତ କୁସପାଙ୍ଗୀ ଓ ବାଲି ଅଞ୍ଚଳ ଗସ୍ତ କରି ସେଠାରେ ପ୍ରସ୍ତାବିତ ଶିଳ୍ପ ପାର୍କର ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀମତୀ ପାଢ଼ୀଙ୍କ ସମେତ କଟକ ଜିଲ୍ଲାପାଳ ଏବଂ ଇଡ୍‌କୋ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଚିହ୍ନଟ ହୋଇଥିବା ଜମିର ପରିଦର୍ଶନ କରିଥିଲେ। ଏହି ସମୀକ୍ଷା କାଳରେ ମୁଖ୍ୟତଃ ଶିଳ୍ପ ପାଇଁ ଆବଶ୍ୟକୀୟ ସରକାରୀ ଜମିର ସ୍ଥିତି , ଶିଳ୍ପ ପାର୍କ ପାଇଁ ଅତ୍ୟାବଶ୍ୟକ ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ ଏବଂ ପରିବହନ ସୁବିଧା, ପ୍ରସ୍ତାବିତ ସ୍ଥଳକୁ ରାସ୍ତାଘାଟର ସୁଗମତା ଆଦି ଉପରେ ଆଲୋଚନା ହୋଇଥିଲା।

ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଥିଲେ ଯେ ରାଜ୍ୟରେ ନିବେଶ ବୃଦ୍ଧି ଓ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥା ଗଠନ ପାଇଁ ଯୋଜନାବଦ୍ଧ ଶିଳ୍ପ ପାର୍କର ଆବଶ୍ୟକତା ରହିଛି। କୁସପାଙ୍ଗୀଠାରେ ଏହି ପାର୍କ ନିର୍ମିତ ହେଲେ ଏହା ନୂତନ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରକଳ୍ପ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ଇଡ୍‌କୋ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହି ପ୍ରସ୍ତାବିତ ପାର୍କ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଆଶା କରିଛନ୍ତି।

# ଲୋକେ ତାତିଲେ \ ତହସିଲଦାରଙ୍କ ଗାଡ଼ି ଭାଙ୍ଗିଲେ, ପୁଲିସକୁ ପିଟିଲେ

ବାରିପଦା,୧୩।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବହଳଦା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଆଜି ଅଭାବନୀୟ କାଣ୍ଡ ଘଟିଛି। ସ୍ଥାନୀୟ ଅଞ୍ଚଳବାସୀ ପୁଲିସ୍‌ର ଟାଳଟୁଳ ନୀତି ପ୍ରତିବାଦରେ ଜାତୀୟ ରାଜପଥ ନଂ.୨୨୦ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବହଳଦା ତହସିଲଦାର ଓ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସମୟରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ପୁଲିସ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରିବା



ଫଳରେ ୯ ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉତ୍ତେଜନା ଜାରି ରହିଥିବା ବେଳେ ରାସ୍ତା ଅବରୋଧ ବଳବତ୍ତର ରହିଛି। ଘଟଣା ନେଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରୟାସ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଅପରାହ୍ନରେ ତିରିଂ ଥାନାଅଞ୍ଚଳରେ ଜଣେ ନାବାଳିକା ସାଇକେଲରେ ଘରକୁ ଯାଉଥିବା ସମୟରେ ଏକ ଭିନ୍ନ ସମ୍ପ୍ରଦାୟର ଯୁବକ ତାଙ୍କୁ ଧକ୍କା ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ଉକ୍ତ ନାବାଳିକାଙ୍କ ପରିବାର ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଫଳରେ ସ୍ଥାନୀୟ ଲୋକେ ଏଥିରେ ଉତ୍ତ୍ୟକ୍ତ ହୋଇ ତିରିଂ-ବହଳଦା ଜାତୀୟ ରାଜପଥ ଅବରୋଧ କରିବା ସହ ନ୍ୟାୟ ଦାବି କରିଥିଲେ।

# ସୁରକ୍ଷାକର୍ମୀ-ମାଓବାଦୀ ଏନ୍‌କାଉଣ୍ଟର୍

## ସର୍ଚ୍ଚ ଅପରେସନ ଜାରି



ରାଉରକେଲା,୧୩।୩(ସଂଚାର ବ୍ୟୁରୋ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଗତକାଲି ରାତିରେ ମାଓବାଦୀମାନେ ଓଡ଼ିଶା ସୀମାନ୍ତ ଅଖେଇଶିଳା ଆଡ଼କୁ ଆସୁଥିବା ନେଇ ସୂଚନା ପାଇବା ପରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡର ସିଆରପିଏଫ୍, ଜାଗୁଆର, ଡିଭିଏଫ୍ ପକ୍ଷରୁ ମିଳିତ ଭାବେ ଅପରେସନ ଆରମ୍ଭ କରାଯାଇଥିଲା। ଆଜି ଅପରାହ୍ନରେ ଝାଡ଼ଖଣ୍ଡର ଯବାନମାନେ ଯାଉଥିବା ବେଳେ ଲୁଚି ରହିଥିବା ମାଓବାଦୀମାନେ ହଠାତ ଗୁଳି ଚଳାଇଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଗୁଳି ଚାଳନା କରିଥିଲେ। ପ୍ରାୟ ଅଧ ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେଠାରେ ଯବାନମାନେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

# ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ):ରାଜଧାନୀରେ ଘଟିଛି ହିଟ୍ ଆଣ୍ଡ ରନ୍। ଦୁର୍ଘଟଣାରେ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି। ଭୁବନେଶ୍ୱର ଉପକଣ୍ଠସ୍ଥ ଆଇଗିଣିଆ ମୁଖ୍ୟ ରାସ୍ତାରେ ଘଟିଛି ଏହି ଦୁର୍ଘଟଣା। ଏକ ଅଜଣା ଗାଡ଼ି ଉକ୍ତ ମହିଳାଙ୍କୁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଦ୍ରୁତ ଗତିରେ ଗାଡ଼ିଟି ଫେରାର ହୋଇଯାଇଛି। ଅବଶ୍ୟ କିଛି ବାଟ ସ୍ଥାନୀୟ ଲୋକେ ଉକ୍ତ ଗାଡ଼ିକୁ ଗୋଡ଼ାଇଥିଲେ। କିନ୍ତୁ ଚାଳକ ଜଣଙ୍କ କୌଣସି ମତେ ଖସିଯିବାରେ ସକ୍ଷମ ହୋଇଛି। ଖବର ପାଇ ଘଟଣାସ୍ଥଳରେ ଖଣ୍ଡଗିରି ତମାଣ୍ଡୋ ଥାନା ପୁଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ତେବେ ଉକ୍ତ ମହିଳାଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ପାଖରୁ ମିଳିଥିବା ମୋବାଇଲ ମାଧ୍ୟମରେ ପରିବାର ଲୋକଙ୍କ ସହ ପୁଲିସ୍ ଯୋଗାଯୋଗ କରୁଛି। ସେପଟେ ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମହିଳା ଜଣଙ୍କ ପରିବା କିଣି ରାସ୍ତା ପାର୍ ହେଉଥିବା ବେଳେ ପଛପଟୁ ଉକ୍ତ ଗାଡ଼ିଟି ବେଶ୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ କାର ଓ ଚାଳକକୁ ଧରିବା ପାଇଁ ପୁଲିସ୍ ଛାନ୍‌ଭିନ୍ ଆରମ୍ଭ କରିଛି।

# ପୋଖରୀରେ ବୁଡ଼ି ଦୁଇ ସାଙ୍ଗ ମୃତ



ବାସୁଦେବପୁର,୧୩।୩(ସଂଚାର ବ୍ୟୁରୋ):ବାସୁଦେବପୁର ବ୍ଲକ ଅରଣ୍ଡୁଆ ମଲିକ ସାହିରେ ଘଟିଛି ଅଘଟଣ। ପୋଖରୀରେ ବୁଡ଼ି ଦୁଇ ଶିଶୁ କନ୍ୟାଙ୍କ ଜୀବନ ଯାଇଛି। ଅରଣ୍ଡୁଆ ମଲ୍ଲିକସାହିର ସତ୍ୟବ୍ରତ ବାରିକଙ୍କ ୧୦ ବର୍ଷର ଝିଅ ତପଦୀପା ଓ ବିଜୟ ବାରିକଙ୍କ ଝିଅ ଅନ୍ନପୂର୍ଣ୍ଣା ଦୁଇ ସାଙ୍ଗ ହୋଇଥିବା ବେଳେ ସେମାନେ ପୋଖରୀରେ ବୁଡ଼ିଯିବା ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ୪/୫ ଜଣ ସାଙ୍ଗ ହୋଇ ନିକଟସ୍ଥ ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ। ପୋଖରୀ ନିକଟରେ ସେମାନେ ଶାମୁକା ଖୋଜିବାକୁ ଚେଷ୍ଟା କରୁଥିବା ବେଳେ ଅଚାନକ ଅସାବଧାନତାବଶତଃ ପୋଖରୀରେ ପ୍ରଥମେ ତପଦୀପା ପଡ଼ିଯାଇଥିଲେ। ଫଳରେ ପାଖରେ ଥିବା ଅନ୍ନପୂର୍ଣ୍ଣା ତାଙ୍କୁ ବଞ୍ଚାଇବାକୁ ଯିବା ସମୟରେ ସେ ମଧ୍ୟ ପାଣିରେ ପଡ଼ିଯାଇଥିଲା। ଅନ୍ୟମାନେ ନିକଟରେ ଥିବା ଲୋକଙ୍କୁ ଡାକିବା ସହ ପରିବାରକୁ ଖବର ଦେଇଥିଲେ। ସେଠାରେ ଗାଁ ଲୋକେ ପହଞ୍ଚି ତପଦୀପା ପୋଖରୀରେ ଭାସୁଥିବା ଦେଖି ତାକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପରେ ଅନ୍ୟ ଜଣଙ୍କୁ ଖୋଜି ନ ପାଇବାରୁ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ପରେ ଅଗ୍ନିଶମ ବାହିନୀର କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ତାଙ୍କୁ ବି ଡାକ୍ତର ମୃତ ଘୋଷଣା କରିଛନ୍ତି। ତେବେ ଏପରି ଏକ ଅଭାବନୀୟ ଘଟଣାରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବନ୍ଧୁକ ମୂନରେ ପୂର୍ତ୍ତ ବିଭାଗ କର୍ମଚାରୀଙ୍କୁ ଲୁଟ୍

ରାୟଗଡ଼ା,୧୩।୩(ସଂଚାର ବ୍ୟୁରୋ): ରାୟଗଡ଼ା ସହରରେ ଚାଞ୍ଚଲ୍ୟ। ବନ୍ଧୁକ ଦେଖାଇ ପୂର୍ତ୍ତ ବିଭାଗ କର୍ମଚାରୀଙ୍କୁ ଲୁଟ୍। ଗତକାଲି ରାତିରେ ରାୟଗଡ଼ା ସହର ଫାୟାର ଷ୍ଟେସନ ନିକଟରେ ରହୁଥିବା ପୂର୍ତ୍ତ ବିଭାଗ କର୍ମଚାରୀ ବସନ୍ତ କୁମାର ମିଶ୍ରଙ୍କ ଘରେ ୪/୫ ଜଣ ଦୁର୍ବୃତ୍ତ ପଶିଥିଲେ। ସେମାନେ ବସନ୍ତଙ୍କୁ ମାରପିଟ୍ କରିବା ସହ ସୁନା ଗହଣା ଓ ବିଭିନ୍ନ ଆସବାବପତ୍ର ଲୁଟି ନେଇଥିଲେ। ଏପରିକି ଏନେଇ ଥାନାରେ ଅଭିଯୋଗ କଲେ ତାଙ୍କୁ ହତ୍ୟା କରିବାକୁ ବି ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ଏନେଇ ଖବର ପାଇବା ପରେ ରାୟଗଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ ଏହି ଦୁର୍ବୃତ୍ତମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ବସନ୍ତଙ୍କ ଘରେ ପଶିଥିଲେ। ସେମାନେ ପ୍ରଥମେ ବସନ୍ତଙ୍କ ହାତ ଗୋଡ଼ ବାନ୍ଧିଦେବା ସହ ତାଙ୍କୁ ପାଖାପାଖି ୬ ଘଣ୍ଟା ଧରି ମାଡ଼ ମାରିଥିଲେ। ପରେ ସେମାନେ ବସନ୍ତଙ୍କ ଘରୁ ସୁନା ଚେନ୍, ମୁଦି ସହ ବିଭିନ୍ନ ଆସବାବପତ୍ର ଲୁଟିନେଇଥିଲେ। ଏପରିକି ସେମାନେ ବନ୍ଧୁକ ମୂନରେ ବସନ୍ତଙ୍କ ଫୋନ୍‌ପେ ଆକାଉଣ୍ଟରୁ ୧୧ ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ଆହୁରି ସେମାନେ ବସନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟର ଟଙ୍କା ଉଠାଣ ଫର୍ମରେ ଜୋର ଜବରଦସ୍ତି ଦସ୍ତଖତ ବି କରାଇନେଇଛନ୍ତି। ଏଥିସହ ସେମାନେ ଯିବା ସମୟରେ ବସନ୍ତଙ୍କୁ ଏନେଇ ପୁଲିସକୁ ଖବର ଦେଲେ ହତ୍ୟା କରିବାକୁ ବି ଧମକ ଦେଇଥିଲେ। ଏହାପରେ ସେମାନେ ରାତି ପ୍ରାୟ ୪ଟା ବେଳେ ବାହାର ପଟୁ କବାଟ ବନ୍ଦ କରି ସେଠାରୁ ଫେରାର୍ ହୋଇଯାଇଥିଲେ। ରାତି ପାହିବା ପରେ ବସନ୍ତ ଖୁବ୍ ଜୋର୍‌ରେ ଚିତ୍କାର କରିବାରୁ ତାଙ୍କୁ ପଡ଼ୋଶୀ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଖବର ପାଇ ରାୟଗଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।



ମାଟି ମାଫିଆଙ୍କ ଦୌରାତ୍ମ୍ୟ

# ଜାଗା ମାଲିକଙ୍କୁ ଜୀବନରେ ମାରିଦେବାକୁ ଧମକ



ସତ୍ୟବାଦୀ,୧୩।୩(ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ଅଞ୍ଚଳରେ ସରକାରୀ ଜାଗାରୁ ମାଫିଆମାନେ ମାଟି ଚୋରି ଜାରି ରହିଛି। ଏପରିକି ବ୍ୟକ୍ତିଗତ ଜାଗାରୁ ମଧ୍ୟ ମାଟି ଚୋରି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଓ ମୂଳ ଅଳସା ପଞ୍ଚାୟତ ସୀମାରେ ଥିବା ସରକାରୀ ଜାଗାରୁ ଅବୈଧ ମାଟି ଖନନ ଚାଲିଥିବା ବେଳେ ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ କୃଷ୍ଣପ୍ରସାଦ ତ୍ରିପାଠୀ ଏନେଇ ସରପଞ୍ଚ ଜିତେନ୍ଦ୍ର ବେହେରାଙ୍କୁ ଅବଗତ କରାଇଥିଲେ ବି ସେ କୌଣସି ପଦକ୍ଷେପ ନିଆନଯିବା ସମସ୍ତଙ୍କୁ ଚକିତ କରିଛି। ସରକାରୀ ଜାଗା ନିକଟରେ ଥିବା କୃଷ୍ଣଙ୍କ ଏକ ସ୍ଥିତିବାନ ଜମିରୁ ମଧ୍ୟ ମାଟି ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପହଞ୍ଚି ସେ ଏହାକୁ ବିରୋଧ କରିବାରୁ ମାଫିଆମାନେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ କୃଷ୍ଣ ସତ୍ୟବାଦୀ ଥାନାରେ ବଡ଼ହାଟ ଗ୍ରାମର ବିଜୟ ପ୍ରଧାନଙ୍କ ବିରୋଧରେ ଏକ ଏତଲା ଦେଇଛନ୍ତି। ଏଥିସହ ଏହି ଅବୈଧ ଖନନ ନେଇ ସେ ତହସିଲଦାରଙ୍କୁ ବି ଅବଗତ କରାଇଛନ୍ତି। ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ମାଟି ଚୋରି ହୋଇଥିବା ଜାଣିବାକୁ ପାଇଛନ୍ତି। ତେବେ ସେମାନଙ୍କୁ ମଧ୍ୟ ବିଜୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହେବା ପରେ ସତ୍ୟବାଦୀ ପୁଲିସ ତାଙ୍କୁ ଥାନାରେ ଅଟକ ରଖିଥିଲା। ସେ ଆଉ ଭବିଷ୍ୟତରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବେ ନାହିଁ କି ଅବୈଧ ମାଟି ଖୋଳିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପୁଲିସ୍ ତାଙ୍କୁ ଛାଡ଼ି ଦେଇଛି। କିନ୍ତୁ ଏଥିରେ କୃଷ୍ଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗକାରୀଙ୍କୁ କୌଣସି ସୂଚନା ନ ଦେଇ ଅଭିଯୁକ୍ତଙ୍କୁ କିଭଳି ଛାଡ଼ି ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ରହିଥିବା ସେ ସନ୍ଦେହ କରୁଛନ୍ତି। ତେଣୁ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିବେ ବୋଲି କୃଷ୍ଣ କହିଛନ୍ତି। ଅପରପକ୍ଷରେ ଶ୍ରୀରାମଚନ୍ଦ୍ରପୁର ସରପଞ୍ଚଙ୍କୁ ଏନେଇ ପଚାରିବାରେ ଏହା ମୂଳ ଅଳସା ମୌଜାର ଘଟଣା, ତେଣୁ ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଆଜି ଲୋକ ଅଦାଲତ

# ଇ-ଚାଲାଣ ସମାଧାନର ସୁଯୋଗ

ଭୁବନେଶ୍ୱର,୧୩।୩ (ସଂଚାର ବ୍ୟୁରୋ): ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶିକା ଅନୁସାରେ ଆସନ୍ତାକାଲି ରାଜ୍ୟରେ ଜାତୀୟ ଲୋକ ଅଦାଲତ, ୨୦୨୬ ଆୟୋଜିତ ହେଉଛି। ଏଥିରେ ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ବହୁସଂଖ୍ୟକ ବକେୟା ଟ୍ରାଫିକ ଚାଲାଣ/ଇ-ଚାଲାଣ ମାମଲାଗୁଡ଼ିକୁ, ଉଲ୍ଲଂଘନକାରୀମାନେ ରିହାତି ରାଶି ଅନ୍‌ଲାଇନ୍ ମାଧ୍ୟମରେ ପୈଠ କରି ଇ-ଚାଲାଣର ଫୈସଲା କରିପାରିବେ। ଏହି ବକେୟା ଚାଲାଣ ଜାତୀୟ ଲୋକ ଅଦାଲତ ସ୍ଥଳରେ ଥିବା ହେଲ୍ପ ଡେସ୍କ କାଉଣ୍ଟର କିମ୍ବା https://echallan.parivahan.gov.in ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍‌ରେ ପଇଠ କରାଯାଇପାରିବ ବୋଲି କୁହାଯାଇଛି। ଯାନବାହନ ମାଲିକମାନେ ନିଜ ବକେୟା ଚାଲାଣର ସ୍ଥିତି ଯାଞ୍ଚ୍ କରି ଜାତୀୟ ଲୋକ ଅଦାଲତରେ ପ୍ରଦାନ କରାଯାଉଥିବା ସୁଯୋଗର ସଦୁପଯୋଗ କରିବା ସକାଶେ କୁହାଯାଇଛି। ଏନେଇ ସବିଶେଷ ବିବରଣୀ ସକାଶେ ଆର୍‌ଟିଓ କିମ୍ବା ଲୋକ ଅଦାଲତଙ୍କ ହେଲ୍ପ ଡେସ୍କ ସହ ଯୋଗାଯୋଗ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।




# ମିଳୁନି ଗ୍ୟାସ୍, କେନ୍ଦୁଝରରେ ରାସ୍ତାରୋକ

● ହୋମ୍ ଡେଲିଭରିରେ ଅନିୟମିତତା ଅଭିଯୋଗ

କେନ୍ଦୁଝର,୧୩।୩(ସଂଚାର ବ୍ୟୁରୋ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବାରୁ ଦେଶରେ ଗ୍ୟାସ୍‌ର ଅଭାବ ପରିଲକ୍ଷିତ ହୋଇଛି। ଏହି କ୍ରମରେ ଆଜି କେନ୍ଦୁଝର ସହର ଧାଙ୍ଗଡ ପଡ଼ାରେ ଲୋକେ ରାସ୍ତାରୋକ କରିଛନ୍ତି। ବୁକିଂ କରିବା ପରେ ଦୀର୍ଘ ଦିନ ଧରି ଗ୍ୟାସ ମିଳୁ ନ ଥିବା ଓ ହୋମ ଡେଲିଭରି ଠିକ୍ ଭାବେ ହେଉ ନ ଥିବାରୁ ଦେଖାଦେଉଥିବା ଅଭାବକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ଯୁଦ୍ଧ ସରୁ ନ ଥିବାରୁ ଗ୍ୟାସ୍ ମିଳିବ ନାହିଁ ବୋଲି ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବି ବଢ଼ିଛି। ଏଣୁ ଗ୍ୟାସ୍ ମିଳିବାରେ ବହୁ ବିଳମ୍ବ ହେଉଥିବାରୁ ଲୋକଙ୍କ ମଧ୍ୟରେ ଦେଖାଦେଉଥିବା



ପୁଞ୍ଜିଭୂତ ଅସନ୍ତୋଷ ଆଜି ଉଗ୍ର ରୂପ ନେଇଥିଲା। ଉପଭୋକ୍ତାମାନେ ଆଜି ରାସ୍ତା ଅବରୋଧ କରିବା ସହ ପ୍ରତିବାଦ ଜଣାଇଥିଲେ। ଖବର ପାଇ ଟାଉନ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବାର କିଛି ସମୟ ପରେ ରାସ୍ତାରୋକ ହଟିଥିଲା। ଆଜି ସକାଳେ ଗ୍ୟାସ୍ ଯୋଗାଣକାରୀ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାମାନେ ଦୀର୍ଘ ସମୟ ଧରି ସିଲିଣ୍ଡର ଧରି ପ୍ରତିବାଦ କରିଥିଲେ। କିନ୍ତୁ ସେମାନଙ୍କ ଅଭିଯୋଗ କେହି ନ ଶୁଣିବାରୁ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ରାସ୍ତା ଅବରୋଧ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା ବୋଲି ଥାନାଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ତେବେ ଗ୍ୟାସ୍ ଯୋଗାଣକାରୀ ସଂସ୍ଥା କାର୍ଯ୍ୟାଳୟରେ ପୁଲିସ ମୁତୟନ ହୋଇଥିବା ଜଣାପଡ଼ିଛି।

ବିଏମ୍‌ସିର 'ବର୍ଜ୍ୟରୁ ସମ୍ପଦ' ପ୍ରଦର୍ଶନୀ

# ଝଡ଼ାଫୁଲରୁ ପ୍ରସ୍ତୁତ ଧୂପକାଠି ଓ ଅବିର କିଣିଲେ ଦେଖଣାହାରୀ



ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ): ନାରୀ ଲିଡ୍ସ ସ୍ୱଚ୍ଛତା ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଆଜି 'ବର୍ଜ୍ୟରୁ ସମ୍ପଦ' ଶୀର୍ଷକ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଏମସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ଅଦରକାରୀ ତଥା ବର୍ଜ୍ୟରୁ ଘର ସଜାଇବା ପାଇଁ କିପରି ସୁନ୍ଦର ସୁନ୍ଦର କଳାକୃତି କରାଯାଇପାରେ, ତାହାକୁ ସ୍ୱଚ୍ଛକର୍ମୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ପ୍ରଦର୍ଶିତ କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ଅନ୍ତର୍ଗତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ଏଥିରେ ମୁଖ୍ୟତଃ ବିଏମସିର ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ବିଭିନ୍ନ ଏଜେନ୍ସି ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ସମୁଦାୟ ୧୧ଟି ଷ୍ଟଲ ଖୋଲାଯାଇଥିଲା। ଏହି ପ୍ରଦର୍ଶନୀରେ ବିଭିନ୍ନ ବର୍ଜ୍ୟରୁ ସୁନ୍ଦର ସୁନ୍ଦର ପଶୁପକ୍ଷୀ, ପାପୋଛ, ମନ୍ଦିର, ଭଳିକି ଭଳି ଫୁଲଦାନୀ, ଗଛଲତା, ଜଗନ୍ନାଥଙ୍କର ବିଭିନ୍ନ ପ୍ରକାର ବେଶ, ଗଣେଶଙ୍କ ମୂର୍ତ୍ତି, ପୋଷାକ ଇତ୍ୟାଦି ପ୍ରସ୍ତୁତ କରିଥିଲେ। ଏଥିରେ ଅଦରକାରୀ ପ୍ଲାଷ୍ଟିକ ଚାମଚ, କତା, କାଚ ବୋତଲ, ବଟଲ ଠିପି, ଦିଆସିଲ କାଠି, ବିଭିନ୍ନ ପ୍ରକାର ଅଦରକାରୀ ବିଦ୍ୟୁତ୍ ସାମଗ୍ରୀକୁ ନେଇ ଚାରୁକାର୍ଯ୍ୟ ଖଚିତ କଳାକୃତୀ ପ୍ରଦର୍ଶନ କରିଥିଲେ। ଏପରକି ବିଏମସି ପକ୍ଷରୁ ଝଡ଼ା ଫୁଲରୁ ପ୍ରସ୍ତୁତ ସୁଗନ୍ଧିତ ଧୂପକାଠି ଓ ଅବିର ପ୍ରଦର୍ଶନୀ ସହ ବିକ୍ରି ମଧ୍ୟ ହୋଇଥିଲା।

ଏହି 'ବର୍ଜ୍ୟରୁ ସମ୍ପଦ' ପ୍ରଦର୍ଶନୀକୁ ମେୟର ସୁଲୋଚନା ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ। ଏହି ଅବସରରେ ମେୟର, ଡେପୁଟି ମେୟର, କମିଶନର ଓ ସାଧାରଣ ଲୋକେ ଝଡ଼ାଫୁଲରୁ ପ୍ରସ୍ତୁତ ଧୂପକାଠି ଓ ଅବିର କିଣି ନେଇଥିଲେ।

# ଓଡ଼ିଶା ଘୋଷଣା ପାଇଁ ଶ୍ରେଷ୍ଠ ସ୍ଥାନ, ନିବେଶ ପାଇଁ ନୁହେଁ

ଭୁବନେଶ୍ୱର,୧୩।୩(ସଂଚାର ବ୍ୟୁରୋ): ରାଜ୍ୟରେ ଶିଳ୍ପର ବିକାଶକୁ ନେଇ ରାଜ୍ୟ ସରକାର କେବଳ ରଙ୍ଗିନ ଚିତ୍ର ଓ ଘୋଷଣା କରିଚାଲିଛନ୍ତି। ପୂର୍ବରୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଚୁକ୍ତି କରିଥିବା ଆର୍ସେଲର ମିତ୍ତଲ ଓ ଜେଏସଡବ୍ଲୁ ଇଭି ପ୍ରକଳ୍ପ କାହିଁକି ଓଡ଼ିଶା ଛାଡି ଚାଲିଗଲେ ବୋଲି ପ୍ରଶ୍ନ କରି ଆଜି ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଏନେଇ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି କରିଛି ବିଜେଡି।

ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଡବଲ ବିଫଳତା ବୋଲି କହି ଆଜି ଶିଳ୍ପ ଓ ଏମଏସଏମଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ସମୟରେ ବିଜେଡି ବିଧାୟକ କଳିକେଶ ସିଂହଦେଓ କଡ଼ା ସମାଲୋଚନା କରିଥିଲେ। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ଇସ୍ପାତ ପ୍ରକଳ୍ପ ପାଇଁ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ୨୦୨୪ରେ ଓଡ଼ିଶା ସରକାରଙ୍କ ସହ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଚୁକ୍ତି କରିଥିଲା। ହେଲେ ଜାନୁଆରୀ ୨୦୨୫ରେ କମ୍ପାନୀ ଆନ୍ଧ୍ରପ୍ରଦେଶକୁ ଚାଲିଗଲା। ରାଜ୍ୟ ସରକାର ହାଇଦ୍ରାବାଦରେ ଉତ୍କର୍ଷ ଓଡ଼ିଶା ରୋଡ ଶୋ' କରୁଥିବା ବେଳେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲକୁ ଆନ୍ଧ୍ର ପ୍ରଦେଶ ସରକାର ଜମି ଯୋଗାଇଦେଲେ। ସେହିଭଳି କଟକରେ ଜେଏସଡବ୍ଲୁ ଇଭି କାରଖାନା ପାଇଁ ରାଜ୍ୟ ସରକାରଙ୍କ ସହ ଫେବ୍ରୁଆରୀ ୨୦୨୪ରେ ଚୁକ୍ତି କରିଥିଲା। କିନ୍ତୁ ଅକ୍ଟୋବରରେ କମ୍ପାନୀ ମହାରାଷ୍ଟ୍ରକୁ ଚାଲିଗଲା। ପରିସ୍ଥିତି ଏଭଳି ହୋଇଛି ଯେ ଓଡ଼ିଶା ଚୁକ୍ତି କରିବା ପାଇଁ ଶ୍ରେଷ୍ଠ ସ୍ଥାନ ହୋଇଥିବା ବେଳେ ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ନିବେଶ ପାଇଁ ପ୍ରକୃଷ୍ଟ ସ୍ଥାନ ହୋଇଥିବା କଳିକେଶ କହିଥିଲେ। କାହିଁକି ବୃହତ ଶିଳ୍ପ ସଂସ୍ଥା ଓଡ଼ିଶା ଛାଡ଼ିଲେ ସେନେଇ ସରକାର ଶ୍ୱେତପତ୍ର ଜାରି କରିବାକୁ ସେ ଦାବି କରିଥିଲେ।

## ବୃହତ ଶିଳ୍ପ ସଂସ୍ଥା କାହିଁକି ବିମୁଖ, ସରକାର ଦିଅନ୍ତୁ ଶ୍ୱେତପତ୍ର

## ପୁଂଜିନିବେଶରେ ଏବେ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ:ମନ୍ତ୍ରୀ



ସେହିଭଳି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ରାଜ୍ୟ ସରକାରଙ୍କ ଶିଳ୍ପ ନୀତିକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଦୁଇ ବର୍ଷରେ ସରକାର ୧୪୫ଟି ଶିଳ୍ପ ପାଇଁ ଚୁକ୍ତି କରିଥିବା ଦାବି କରୁଛନ୍ତି। ହେଲେ ସେଥିମଧ୍ୟରୁ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ଓଡ଼ିଶାରେ ଖଣି, ପାଣି ସବୁ ଥାଇ ବି ସରକାର ଶିଳ୍ପାୟନ କରିପାରୁନାହାଁନ୍ତି। ଏଥିପାଇଁ ପୂର୍ବର ବିଜେଡି ସରକାର ଯେତିକି ଦାୟୀ, ବର୍ତ୍ତମାନର ବିଜେପି ସରକାର ମଧ୍ୟ ସମପରିମାଣରେ ଦାୟୀ ବୋଲି ସେ କହିଥିଲ।

ଉତ୍ତରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା, ଶିଳ୍ପ ଭିତ୍ତିଭୂମି ନିର୍ମାଣ, ପ୍ରକଳ୍ପ ସହାୟତା ଓ ପ୍ରଗତିଶୀଳ ନୀତିଗତ ଢାଞ୍ଚାର କାର୍ଯ୍ୟକାରିତା ମାଧ୍ୟମରେ ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ୨୦୨୫ରେ ଓଡ଼ିଶା ସରକାର ୧.୭୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି, ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି। ଏହାଦ୍ୱାରା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ଯୁଦ୍ଧ ପାଇଁ ଭାରତୀୟ ଷ୍ଟକ୍ ବଜାର ଧ୍ୱଂସ

## ମାତ୍ର କିଛି ଘଣ୍ଟାରେ ନିବେଶକଙ୍କ ୧୦ ଲକ୍ଷ କୋଟି ସ୍ୱାହା



ନୂଆଦିଲ୍ଲୀ, ୧୩।୩: ଇରାନ ଯୁଦ୍ଧ ଯୋଗୁଁ ବଢ଼ୁଥିବା ଭୂରାଜନୈତିକ ଉତ୍ତେଜନାର ପ୍ରଭାବ ଆଜି ଭାରତୀୟ ଷ୍ଟକ୍ ବଜାରକୁ ତଳମୁହାଁ କରିବାରେ ଲାଗିଛି। ଶୁକ୍ରବାର ଦିନ ଲଗାତାର ତୃତୀୟ କାରବାର ଦିନରେ ବଜାର ଦ୍ରୁତ ଭାବରେ ହ୍ରାସ ପାଇଛି। ତୀବ୍ର ହ୍ରାସ ଯୋଗୁଁ, ମାତ୍ର କିଛି ଘଣ୍ଟାରେ ନିବେଶକ ମାନଙ୍କର ୧୦ ଲକ୍ଷ କୋଟି ସ୍ୱାହା ହୋଇଯାଇଛି। ଏହାର ଅର୍ଥ ହେଉଛି ବିଏସଇରେ ସାମିଲ ହୋଇଥିବା କମ୍ପାନୀ ଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୧୦ ଲକ୍ଷ କୋଟି ହ୍ରାସ ପାଇଛି। ସପ୍ତାହର ଶେଷ ଦିନରେ, ବିଏସଇ ସେନସେକ୍ସ ୧୪୭୦.୫୦ ପଏଣ୍ଟ ହ୍ରାସ ପାଇ ୭୪୫୬୩ ରେ ବନ୍ଦ ହୋଇଛି, ସେତେବେଳେ କି ନିଫ୍ଟି ୫୦ ମଧ୍ୟ ୪୮୮.୦୫ ପଏଣ୍ଟ ହ୍ରାସ ପାଇ ୨୩୧୫୧.୧୦ ରେ ବନ୍ଦ ହୋଇଥିଲା। ବିଶ୍ୱ ଅନିଶ୍ଚିତତା ଏବଂ ନିବେଶକଙ୍କ ସର୍ତ୍ତକତା ପାଇଁ ବଜାରରେ ବ୍ୟାପକ ବିକ୍ରୟକୁ ଦେଖାଯାଇଥିଲା, ପ୍ରମୁଖ ସୂଚକାଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ଇରାନ ଦୁଇଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ପରେ, ଅଶୋଧିତ ତୈଳ ଯୋଗାଣ ବିଷୟରେ ଚିନ୍ତା ବୃଦ୍ଧି ପାଇଛି, ବିଶେଷକରି ହର୍ମୁଜ୍ ପ୍ରଣାଳୀ ଦେଇ ବାଧାପ୍ରାପ୍ତ ହେବାର ଭୟ। ଏହା ଫଳରେ ଗୁରୁବାର ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୧୦୦ ଡଲାରରେ ପହଞ୍ଚିଛି ଏବଂ ଶୁକ୍ରବାର ପ୍ରାୟ ଏହା ୧୦୦.୫ ଡଲାରରେ ରହିଛି। ଭାରତ ଏହାର ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ଆମଦାନୀ କରେ, ତେଣୁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଆମଦାନୀ ବିଲ୍, ମୁଦ୍ରାସ୍ଫୀତି ଏବଂ କର୍ପୋରେଟ୍ ଖର୍ଚ୍ଚ ବୃଦ୍ଧି କରେ, ଯାହା ସେୟାର ବଜାରକୁ ପ୍ରଭାବିତ କରିଥାଏ। ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ବିଶ୍ୱବ୍ୟାପୀ ଷ୍ଟକ୍ ବଜାର ଚାପରେ ଅଛି। ଏସିଆରେ, କୋସ୍ପି, ନିକେଇ ୨୨୫, ଏସଏସଇ କମ୍ପୋଜିଟ୍ ଇଣ୍ଡେକ୍ସ ଏବଂ ହ୍ୟାଙ୍ଗ ସେଙ୍ଗ ଇଣ୍ଡେକ୍ସ ନିମ୍ନରେ କାରବାର କରୁଛି। ଆମେରିକୀୟ ବଜାର ମଧ୍ୟ ଦୁର୍ବଳ ରହିଛି। ଡୋ ଜୋନ୍ସ ଶିଳ୍ପ ହାର ୭୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ଚଳିତ ବର୍ଷ ପ୍ରଥମ ଥର ପାଇଁ ୪୭୦୦୦ ତଳେ ବନ୍ଦ ହୋଇଛି। ବିନିମୟ ତଥ୍ୟ ଅନୁଯାୟୀ, ଗୁରୁବାର ବିଦେଶୀ ନିବେଶକ ମାନେ ପ୍ରାୟ ୭୦୪୯ କୋଟି ମୂଲ୍ୟର ସେୟାର ବିକ୍ରି ଜାରି ରଖିଛନ୍ତି। ମାର୍ଚ୍ଚ ମାସରେ ଏପର୍ଯ୍ୟନ୍ତ ବିଦେଶୀ ନିବେଶକ ମାନେ ୩୯ ହଜାର କୋଟିରୁ ଅଧିକ ମୂଲ୍ୟର ସେୟାର ବିକ୍ରି କରିଛନ୍ତି। ଶୁକ୍ରବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଆହୁରି ଦୁର୍ବଳ ହୋଇ ୧୨ ପଇସା ହ୍ରାସ ପାଇ ୯୨.୩୭ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।



## ଖରାଦିନ ପୂର୍ବରୁ ଭାରତରେ ମହଙ୍ଗା ହେବ ପାଣି ବୋତଲ

ନୂଆଦିଲ୍ଲୀ, ୧୩।୩: ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ଏବେ ଭାରତୀୟ ବଜାର ଉପରେ ସିଧାସଳଖ ପ୍ରଭାବ ପକାଇବା ଆରମ୍ଭ କରିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଭାରତର ୫ ବିଲିୟନ ଡଲାରର ପ୍ୟାକେଜ୍ଡ ୱାଟର ବଜାର ଉପରେ ଏହି ଯୁଦ୍ଧର ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି। ପ୍ଲାଷ୍ଟିକ୍ ବୋତଲ ଠାରୁ ଆରମ୍ଭ କରି ଟିପି,ଲେବଲ୍ ଏବଂ କାର୍ଡବୋର୍ଡ ବାକ୍ସ ଭଳି ସାମଗ୍ରୀର ଦାମ୍ ବୃଦ୍ଧି ପାଇଛି। ଖୁଚୁରା ବଜାରରେ ଏବେ ସୁଦ୍ଧା ଦର ବଢ଼ିନଥିଲେ ମଧ୍ୟ ବଡ଼ କମ୍ପାନୀଗୁଡ଼ିକ ଏହି କ୍ଷତି ସହୁଛନ୍ତି। ତେବେ ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ପ୍ୟାକେଜ୍ଡ ଡ୍ରିଙ୍କିଙ୍ଗ୍ ୱାଟର ମାନୁଫାକ୍ଚରର୍ସ ଆସୋସିଏସନର ସୂଚନା ଅନୁଯାୟୀ,ଦେଶର ପ୍ରାୟ ୨,୦୦୦ ଛୋଟ ପାଣି ବୋତଲ ନିର୍ମାତା ସେମାନଙ୍କର ବିକ୍ରେତା ମାନଙ୍କ ପାଇଁ ବୋତଲ ପିଛା ୧ ଟଙ୍କା ଦର ବୃଦ୍ଧି କରିସାରିଛନ୍ତି। ଆଗାମୀ ଦିନରେ ଏହା ଆହୁରି ୧୦ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସାଧାରଣତଃ ଗ୍ରାହକମାନେ ଏକ ଲିଟର ପାଣି ବୋତଲ ପାଇଁ ୨୦ ଟଙ୍କା ଦେଇଥାନ୍ତି। ଆସୋସିଏସନର ସାଧାରଣ ସମ୍ପାଦକ ଅପୂର୍ବ ଦୋଶୀ କହିଛନ୍ତି, "ବର୍ତ୍ତମାନ ବଜାରରେ ଏକ ଅସ୍ଥିରତା ଦେଖାଦେଇଛି ଏବଂ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ଗ୍ରାହକଙ୍କ ପାଇଁ ମଧ୍ୟ ଦାମ୍ ବଢ଼ିବ।" ଅଶୋଧିତ ତୈଳ ଦର ବୃଦ୍ଧି: ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ପଲିମରର ମୂଲ୍ୟ ବଢ଼ିଛି,ଯାହା ପ୍ଲାଷ୍ଟିକ୍ ବୋତଲ ତିଆରି ପାଇଁ ଏକ ପ୍ରମୁଖ ସାମଗ୍ରୀ ଅଟେ। ପ୍ଲାଷ୍ଟିକ୍ ବୋତଲ ତିଆରି ସାମଗ୍ରୀର ମୂଲ୍ୟ ୫୦ ପ୍ରତିଶତ ବୃଦ୍ଧି ପାଇ କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ପହଞ୍ଚିଛି। ଟିପି ଓ ପ୍ୟାକିଂ ବ୍ୟୟବହୁଳ: ବୋତଲ ଟିପିର ମୂଲ୍ୟ ଦ୍ୱିଗୁଣିତ ହୋଇ ଗୋଟିକୁ ୦.୪୫ ଟଙ୍କା ହୋଇଯାଇଛି। କେବଳ ସେତିକି ନୁହେଁ,ପ୍ୟାକିଂ ପାଇଁ ବ୍ୟବହୃତ କାର୍ଡବୋର୍ଡ ବାକ୍ସ ଏବଂ ଅଠା ପେପର ଦାମ୍ ମଧ୍ୟ ବଢ଼ିଛି। ବିସ୍ଲେରୀ, କିନଲେ, ଆକ୍ୱାଫିନା, ରିଲାଏନ୍ସ ଏବଂ ଟାଟା ଭଳି ବଡ଼ ବ୍ରାଣ୍ଡ ସହ ପ୍ରିମିୟମ୍ ମିନେରାଲ୍ ୱାଟର ବଜାର ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଭାରତରେ ଏହା ଏକ ୪୦୦ ନିୟୁତ ଡଲାରର ବ୍ୟବସାୟ। ଆରାକୁଭାଲି ପର୍ବତରୁ ପାଣି ସଂଗ୍ରହ କରୁଥିବା କମ୍ପାନୀ 'ଆଭା'ଏହାର ରିଟେଲରଙ୍କ ପାଇଁ ୧୮ ପ୍ରତିଶତ ଦାମ୍ ବଢ଼ାଇଛି। କମ୍ପାନୀର ସିଇଓ ସିରସ ମେହେଟ୍ଟା କହିଛନ୍ତି ଯେ,ଗ୍ରାହକ ନ ହରାଇବା ପାଇଁ ଅଧିକାଂଶ ନିର୍ମାତା ୪୦ ରୁ ୫୦ ପ୍ରତିଶତ ଅତିରିକ୍ତ ଖର୍ଚ୍ଚ ନିଜେ ସହୁଛନ୍ତି,କିନ୍ତୁ ଖରାଦିନ ପୂର୍ବରୁ ଏହା ପାନୀୟ ଜଳ ଶିଳ୍ପ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

ରାଜ୍ୟରେ ଦରଦାମ୍ ସ୍ଥିତି ଖରାପ

## ଓଡ଼ିଶାରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୭%କୁ ବୃଦ୍ଧି



ଭୁବନେଶ୍ୱର, ୧୩।୩: ଚଳିତ ବର୍ଷ ଫେବୃଆରି ମାସରେ ଦରଦାମ୍ ସ୍ଥିତି ବିଗିଡ଼ିଛି। ଲମ୍ବା ସମୟ ଧରି ଦରବୃଦ୍ଧିର ମନ୍ଥର ଧାରାରେ ବ୍ରେକ୍ ଲାଗିଛି। ଏହି ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୧ ପ୍ରତିଶତକୁ ବୃଦ୍ଧି ପାଇଛି। ଓଡ଼ିଶାରେ ତାହା ଜାତୀୟ ହାରଠାରୁ ଅଧିକ ଅର୍ଥାତ୍ ୩.୨୭ ପ୍ରତିଶତ ରହିଛି। ରାଜ୍ୟର ଗ୍ରାମାଞ୍ଚଳରେ ଦରଦାମ୍ ଚାପ ଅଧିକ ରହିଥିବାରୁ ସେଠାକାର ଖୁଚୁରା ମୁଦ୍ରାସ୍ଫୀତି ୩.୪୦ ପ୍ରତିଶତ ରହିଛି। ସହରାଞ୍ଚଳରେ ଏହା ୨.୮୯ ପ୍ରତିଶତ ରହିଛି। ଚଳିତ ବର୍ଷ ଜାନୁଆରିରେ ଦେଶର ମୁଦ୍ରାସ୍ଫୀତି ୨.୭୯ ପ୍ରତିଶତ ଥିଲା। ଓଡ଼ିଶା ସେହି ସମୟରେ ୧.୮୭ ପ୍ରତିଶତ ସହ ଅପେକ୍ଷାକୃତ ଭଲ ସ୍ଥିତିରେ ଥିଲା। ଗତ ଜାନୁଆରିରେ ରାଜ୍ୟର ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ୧.୮୮ ପ୍ରତିଶତ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ୧.୮୪ ପ୍ରତିଶତ ଥିଲା। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁଯାୟୀ ଗତ ଫେବୃଆରିରେ ରସୁଣ, ପିଆଜ, ଆଳୁ, ହରଡ଼ ଡାଲି ଓ ଲିଚି ମୂଲ୍ୟରେ ହ୍ରାସ ଘଟିଥିଲା। କିନ୍ତୁ ରୁପା ଗହଣା, ସୁନା, ହୀରା, ପ୍ଲାଟିନମ ଗହଣା, ଶୁଖିଲା ନଡ଼ିଆ, ଟମାଟୋ ଓ ଫୁଲକୋବି ଦାମ୍ ବଢ଼ିଥିଲା। ଏହି ମାସରେ ଅଧିକାଂଶ ରାଜ୍ୟର ମୁଦ୍ରାସ୍ଫୀତି ହାର ୩ ପ୍ରତିଶତରୁ ଅଧିକ ହୋଇଛି। ତେଲେଙ୍ଗାନାରେ ଏହି ହାର ସର୍ବାଧିକ ୫.୦୨ ପ୍ରତିଶତ ରହିଛି। କିନ୍ତୁ ଏହାର ନିକଟବର୍ତ୍ତୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ତାହା ମାତ୍ର ୧.୮୯ ପ୍ରତିଶତ ରହିଛି। ଜାତୀୟସ୍ତରରେ ଗତ ମାସରେ ଖାଦ୍ୟ ସାମଗ୍ରୀ ଦରରେ ୩.୪୭ ପ୍ରତିଶତ ବୃଦ୍ଧି ହୋଇଛି। କେନ୍ଦ୍ର ସରକାର ମୁଦ୍ରାସ୍ଫୀତି ହିସାବ ଲାଗି ୨୦୨୪କୁ ଆଧାର ବର୍ଷ ଭାବେ ଗ୍ରହଣ କରିବା ପରେ ଏହା ହେଉଛି ଦ୍ୱିତୀୟ ମାସିକ ତଥ୍ୟ। ପୂର୍ବରୁ ୨୦୧୨କୁ ଆଧାର ବର୍ଷ ଭାବେ ହିସାବକୁ ନିଆଯାଉଥିଲା। ସରକାରଙ୍କ କହିବାନୁସାରେ ୨୦୧୨ ପରେ ଦେଶରେ ଅନେକ ପରିବର୍ତ୍ତନ ଘଟିଛି ଯାହାର ପ୍ରତିଫଳନ ମୁଦ୍ରାସ୍ଫୀତି ତଥ୍ୟରେ ଦେଖିବାକୁ ମିଳୁନଥିଲା। ଗ୍ରାହକଙ୍କ ଆଚରଣରେ ପରିବର୍ତ୍ତନ, ଦ୍ରୁତ ସହରୀକରଣ, ଆୟରେ ବୃଦ୍ଧି, ସେବା କ୍ଷେତ୍ର ବ୍ୟାପକ ହେବା ଓ ଡିଜିଟାଲ ଅର୍ଥନୀତି ବଢ଼ିବା ଆଦିକୁ ପ୍ରତିଫଳିତ କରିବା ପାଇଁ ଆଧାର ବର୍ଷରେ ପରିବର୍ତ୍ତନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୧ ପ୍ରତିଶତରେ ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଯେଉଁ ଆକଳନ କରିଥିଲା ତାହା ବଜାୟ ରହିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ରନ୍ଧନ ଗ୍ୟାସ୍ ମୂଲ୍ୟ ବଢ଼ିବା ସହ ତାହାର ପ୍ରଭାବ ବିଭିନ୍ନ କ୍ଷେତ୍ର ଉପରେ ପଡୁଛି। ଏହା ଲୋକମାନଙ୍କ ଜୀବିକାକୁ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି। ଯୁଦ୍ଧ ପ୍ରଭାବରେ ଆଗକୁ ଦରଦାମ୍ ଆହୁରି ବଢ଼ିବ ବୋଲି କୁହାଯାଉଛି। ତାହା ହେଲେ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ମୁଦ୍ରାନୀତି ପରିଚାଳନା କରିବା କଷ୍ଟକର ହୋଇପଡ଼ିବ। ଦରବୃଦ୍ଧି ଉପରେ ନିୟନ୍ତ୍ରଣ ହାସଲ କରିବାକୁ ରିଜର୍ଭ ବ୍ୟାଙ୍କ ଯଦି ସୁଧକୁ ଆହୁରି ବଢ଼ାଇବ ତେବେ ତାହା ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ମନ୍ଥର କରିବ।

### ଭାରତର ସଂକଟରେ ପୁଣି କାମରେ ଆସିଲା ଋଷିଆ

## ତୈଳ ପରେ ଏବେ ଅଫର କଲା ଏଲଏନଜି



ମସ୍କୋ ୧୩।୩: ଭାରତକୁ ତରଳିକୃତ ପ୍ରାକୃତିକ ଗ୍ୟାସ୍ (ଏଲଏନଜି) ଯୋଗାଇ ଦେବାକୁ ଋଷିଆ ରାଜି। ଏହା କହିଛନ୍ତି ଭାରତରେ ଅବସ୍ଥାପିତ ଋଷିଆ ରାଜଦୂତ ଡେନିସ ଏଲିପୋଭ। ସେ କହିଛନ୍ତି ଯେ ପାଶ୍ଚାତ୍ୟ କଟକଣା ଯୋଗୁ ପିଛିଲା କଣ୍ଟ୍ରାକ୍ଟରେ ବାଧା ଉପୁଜିଥିଲା। ହେଲେ ଏବେ ଭାରତକୁ ଏଲଏନଜି ଯୋଗାଇ ଦେବାକୁ ଋଷିଆ ନୂଆ ରାସ୍ତାର ସନ୍ଧାନ କରୁଛି। ଋଷିଆ ସମ୍ବାଦ ସରବରାହ ସଂସ୍ଥା ଆରଟି ନ୍ୟୁଜ୍ କୁ ଦେଇଥିବା ସାକ୍ଷାତକାରରେ ଏଲିପୋଭ କହିଛନ୍ତି ଯେ କିଛି ବର୍ଷ ପୂର୍ବରୁ ଭାରତକୁ ଏଲଏନଜି ଯୋଗାଇ ଦେବାକୁ କଣ୍ଟ୍ରାକ୍ଟ ହୋଇଥିଲା, ହେଲେ କଟକଣା ଯୋଗୁ ଏଥିରେ ବାଧା ଉପୁଜିଛି।

ଉଲ୍ଲେଖଯୋଗ୍ୟ ଯେ ଭାରତୀୟ କମ୍ପାନୀ ଜିଏଆଇଏଲ ଋଷିଆର ସରକାରୀ ତୈଳ ଓ ଗ୍ୟାସ୍ କମ୍ପାନୀ ଗଜପ୍ରୋମ ସହିତ ବାର୍ଷିକ ୨.୫ ମିଲିୟନ ଟନ ଏଲଏନଜି କ୍ରୟ ଲାଗି ୨୦ ବର୍ଷିଆ ଦୀର୍ଘ ରାଜିନାମା କରିଛି। ତେବେ ୟୁକ୍ରେନ ସହିତ ଯୁଦ୍ଧ ଲାଗିବା ଯୋଗୁ ପାଶ୍ଚାତ୍ୟ କଟକଣା କାରଣରୁ ଋଷିଆ ଉପରେ ପ୍ରତିବନ୍ଧକ ଲାଗି ଯାଇଛି। ଋଷିଆ କମ୍ପାନୀ ଗଜପ୍ରୋମର ଜର୍ମାନ ୟୁନିଟ୍ ଗଜପ୍ରୋମ ଜର୍ମାନିୟାକୁ ଜର୍ମାନୀ ଏବେ ନିଜ ନିୟନ୍ତ୍ରଣକୁ ନେଇଯାଇଛି। ଏହା ପରେ ଋଷିଆ ସେହି ୟୁନିଟ୍ କୁ ଗ୍ୟାସ୍ ଦେବା ବନ୍ଦ କରିଦେଇଛି। ଏଣୁ ଭାରତକୁ ଯୋଗାଣ ଅଟକି ଯାଇଛି। ଋଷିଆ ରାଜଦୂତ ଡେନିଶ ଏଲିପୋଭ ଏହା ପୂର୍ବରୁ ବୁଧବାର ଋଷିଆରୁ ଭାରତର ଅଶୋଧିତ ତୈଳ କ୍ରୟକୁ ଜୋରଦାର ପ୍ରଶଂସା କରିଥିଲେ। ସେ କହିଥିଲେ ନୂଆ ଦିଲ୍ଲୀକୁ ତାର ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ କୌଣସି ଦେଶଙ୍କ ଅନୁମତି ଦରକାର ନାହିଁ। ଆରଟି ଇଣ୍ଡିଆ ସହିତ ଆଲୋଚନାରେ ଏଲିପୋଭ କହିଛନ୍ତି ଯେ ଭାରତର ଆଭିମୁଖ୍ୟକୁ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ଭାରତ ଗଜପ୍ରୋମ ସହିତ ଯେଉଁ ଚୁକ୍ତି କରିଥିଲା ସେହି ଅନୁସାରେ ଭାରତକୁ ଋଷିଆରୁ ଲଗାତାର ୨୦ ବର୍ଷ ପର୍ଯ୍ୟନ୍ତ ଗ୍ୟାସ୍ ଯୋଗାଣ ହୋଇଥାଆନ୍ତା। ବୁଝାମଣା ଅନୁସାରେ ଋଷିଆ କମ୍ପାନୀ ଭାରତକୁ ବାର୍ଷିକ ୨୫ଲକ୍ଷ ଟନ ଏଲଏନଜି ସପ୍ଲାଇ କରିଥାନ୍ତା। ଏହାକୁ ବିଶ୍ୱର ସବୁଠୁ ଶସ୍ତା ଏଲଏନଜି କାରବାର ମଧ୍ୟରେ ଅନ୍ୟତମ କୁହାଯାଇଥିଲା, ଯାହାକ ଆନୁମାନିକ ମୂଲ୍ୟ ୨୦ ବର୍ଷ ଲାଗି ମାତ୍ର ୨୫ ବିଲିୟନ ଡଲାର ଥିଲା। ହେଲେ ପାଶ୍ଚାତ୍ୟ କଟକଣା ଏହି ଡିଲକୁ ବାଧିତ କରିଛି।

୨୦୨୨ ମସିହାରେ ଗଜପ୍ରୋମର ସିଙ୍ଗାପୁର ୟୁନିଟି ପଶ୍ଚାତ୍ୟ କଟକଣା ଯୋଗୁ ବନ୍ଦ ହୋଇଯାଇଛି। ଏଣୁ କମ୍ପାନୀ ଭାରତକୁ ସିପମେଣ୍ଟ ଯୋଗାଇଦେବାକୁ ଅସମର୍ଥ ହୋଇଛି। ଏଣୁ ସେ ସମୟରେ ଅନେକ କାର୍ଗୋ ସପ୍ଲାଇ ଅଟକି ଯାଇଥିଲା। ତେବେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଭାରତରେ ରୋଷେଇ ଗ୍ୟାସ ସଂକଟ ଦେଖା ଦେଇଛି। ଏଥିରେ ଋଷିଆ ପୁଣି ଥରେ ସଂକଟ ମୋଚକ ଭାବେ ଉଭା ହୋଇଛି। ଯଦି ଋଷିଆରୁ ଭାରତକୁ ଗ୍ୟାସ ଯୋଗାଣ ଆରମ୍ଭ ହୁଏ ତେବେ ଏହା ଆଶ୍ୱସ୍ତି ଦେବ।

## ଏବେ ରେଲୱେ କିଚେନରେ ବ୍ୟବହାର ହେବ ଇଣ୍ଡକ୍ସନ



ନୂଆଦିଲ୍ଲୀ, ୧୩।୩:ଇରାନ- ଇସ୍ରାଏଲ ଯୁଦ୍ଧର ଭୟାବହତା ସାରା ବିଶ୍ୱରେ ଅନୁଭୂତ ହେଉଛି। ଭାରତରେ ବିଶେଷ କରି ଯୁଦ୍ଧର ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି। ଦେଶର ଅନେକ ବଡ଼ ସହରରେ ଏଲପିଜି ଗ୍ୟାସ ସିଲିଣ୍ଡର ଅଭାବ ଦେଖିବାକୁ ମିଳୁଛି। ଚେନ୍ନାଇ କୋଲକାତା ଏବଂ ବେଙ୍ଗାଲୁରୁ ଭଳି ମହାନଗରରେ ଗ୍ୟାସ ଯୋଗାଣ ସଙ୍କଟ କାରଣରୁ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଇଣ୍ଡଷ୍ଟ୍ରି ଗୁରୁତର ପ୍ରଭାବିତ ହୋଇଛି। ଏମିତିରେ ଏହି ବଡ଼ ସଙ୍କଟକୁ ଦୃଷ୍ଟିରେ ରଖି ଆଇଆରସିଟିସି ଯାତ୍ରୀଙ୍କ ସୁବିଧା ପାଇଁ ଏକ ବଡ଼ ଏବଂ ଜରୁରୀ ପଦକ୍ଷେପ ଉଠାଇଛି। ରେଳ ଷ୍ଟେସନରେ ଥିବା ଏହାର ବେସ୍ କିଚେନ (ରୋଷେଇଶାଳା), ଫୁଡ୍ ପ୍ଲାଜା ଏବଂ ଜନ ଆହାର କେନ୍ଦ୍ରରେ ତୁରନ୍ତ 'ଇଣ୍ଡକ୍ସନ କୁକିଂ' ଅର୍ଥାତ ବିଜୁଳି ଚୁଲାରେ ଖାଦ୍ୟ ରୋଷେଇ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତି ଏଥିପାଇଁ ନିଆଯାଇଛି, ଯେପରି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଅଭାବ କାରଣରୁ ଟ୍ରେନରେ ଯାତ୍ରା କରୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ଖାଦ୍ୟ ମିଳିବାରେ କୌଣସି ଅସୁବିଧା ନହେବ। ରେଲୱେ ଅଧିକାରୀଙ୍କ ଅନୁସାରେ, ହଠାତ ଉତ୍ପନ୍ନ ହୋଇଥିବା ଏଭଳି ଏଲପିଜି ସଂକଟ ଯୋଗୁ ଷ୍ଟେସନର ରୋଷେଇରେ ଗ୍ୟାସ ଷ୍ଟକ୍ ଦ୍ରୁତ ଭାବରେ ହ୍ରାସ ହେଉଥିଲା। ଯଥାଶୀଘ୍ର ଏହାର ସମାଧାନ ନହୋଇଥିଲେ, ଅନେକ ପ୍ରମୁଖ ଟ୍ରେନରେ ପ୍ୟାଣ୍ଟ୍ରି କାର ଏବଂ ଇ-କ୍ୟାଟେରିଂ ଦ୍ୱାରା ମିଳୁଥିବା ଖାଦ୍ୟ ସେବା ଠପ୍ ହୋଇଥାନ୍ତା। ଏବେ ଷ୍ଟେସନର ବ୍ୟବସାୟୀମାନେ ମଧ୍ୟ ଦ୍ରୁତ ଭାବରେ ବଡ଼ ଇଣ୍ଡକ୍ସନ ଷ୍ଟୋଭ ଏବଂ ବିଜୁଳିରେ ଚାଲୁଥିବା ଉପକରଣର ବ୍ୟବସ୍ଥା କରୁଛନ୍ତି। ଆଇଆରସିଟିସି ସ୍ଥିତି ଉପରେ ଲଗାତାର ନଜର ରଖିଛି। ଏହା ସହ ଇଣ୍ଡକ୍ସନରେ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ଗୁଣବତ୍ତା ଏବଂ ସ୍ୱାଦ ଉପରେ କୌଣସି ପ୍ରଭାବ ପଡ଼ିବନି ବୋଲି କହିଛନ୍ତି ଅଧିକାରୀ। ସେପଟେ ଆଇଆରସିଟିର ଏହି ନିଷ୍ପତ୍ତି ପରେ ରେଳଯାତ୍ରୀ ଆଶ୍ୱସ୍ତି ମିଳିଛି। ବିଶେଷକରି ଏହାଦ୍ୱାରା ଅଧିକ ଦୂରତା ଯାତ୍ରା କରୁଥିବା ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ, ଷ୍ଟେସନର ଛୋଟ ବ୍ୟବସାୟୀ ଏବଂ କିଚେନ ପରିଚାଳକଙ୍କ କହିବା କଥା ହଠାତ୍ ଇଣ୍ଡକ୍ସନ କୁକିଂ ଆଡ଼କୁ ସିଫ୍ଟ ହେବା ଦ୍ୱାରା ଯୋଗୁ ପ୍ରାରମ୍ଭିକ ଭାବରେ ବିଜୁଳି ଉପକରଣ କିଣା ଉପରେ ଅତିରିକ୍ତ ଖର୍ଚ୍ଚ ବୋଝ ପଡ଼ିବ। କିନ୍ତୁ ଲମ୍ବା ଅବଧି ଦୃଷ୍ଟିରୁ ଏହା ଗ୍ୟାସ ସଙ୍କଟ ଭଳି ଜରୁରୀ ପରିସ୍ଥିତିରୁ ମୁକାବିଲା ପାଇଁ ଏକ ସୁରକ୍ଷିତ ଏବଂ ସ୍ଥାୟୀ ବିକଳ୍ପ।



## ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ଅସ୍ତରଙ୍ଗରୁ ଗ୍ୟାସ ଉଭାନ, ଖୋଜାପଡ଼ିଲାଣି କାଠ ଚୁଲା

## ● ସୁଭଦ୍ରା କାନ୍ଦୁଛି ଚୁଲିମୂଳରେ ● କଳାବାଜାରୀରେ ୧୨ରୁ ୧୫ଶହ ଟଙ୍କାରେ ବିକ୍ରି

**କାକଟପୁର/ଅସ୍ତରଙ୍ଗ,୧୩।୩ (ସଂଚାର ବ୍ୟୁରୋ):** ମଧ୍ୟପ୍ରାଚୀ ଦେଶରେ ଲାଗିରହିଥିବା ଯୁଦ୍ଧର ତାଣ୍ଡବଲୀଳା ଏବେ ଓଡିଶାର ରୋଷେଇ ଶାଳକୁ ଧୀରେ ଧୀରେ ଶୀତଳ କରିବାରେ ଲାଗିଛି। ଯୁଦ୍ଧର ପ୍ରଭାବ କେବଳ ପେଟ୍ରୋଲ କିମ୍ବା ଡିଜେଲରେ ସୀମିତ ନୁହେଁ ବରଂ ଏହା ସାଧାରଣ ଖାଉଟିର ଅତି ଜରୁରୀ ରନ୍ଧନ ଗ୍ୟାସ ଉପରେ ଏକ ବଡ଼ ଧରଣର ଆଘାତରେ ଦେଇଛି। ସରକାରୀ କଟକଣା ଓ ବଜାରରେ ଗ୍ୟାସର ଅଭାବ ଏବେ ଗୃହିଣୀଙ୍କଠାରୁ ଆରମ୍ଭ କରି କ୍ଷୁଦ୍ର ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଦ ହଜାଇ ଦେଇଛି।



ସରକାରଙ୍କ ପକ୍ଷରୁ ଜାରୀ କରାଯାଇଥିବା ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଣେ ଖାଉଟି ଏବେ ୨୫ଦିନରେ ମାତ୍ର ଗୋଟିଏ ସିଲିଣ୍ଡର ବୁକିଂ କରିପାରିବେ। ଏହି ଖବର ପ୍ରଚାରିତ ହେବା ପରେ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି ହେଲାଣି। ଆଗକୁ ସଙ୍କଟ ଆହୁରି ଗଭୀର ହେବା ଆଶଙ୍କାରେ ଲୋକେ ଗୋଟିଏ ପରିବର୍ତ୍ତେ ଦୁଇଟି ଲେଖାଏଁ ଗ୍ୟାସ ସିଲିଣ୍ଡର ମହଜୁଦ କରିବାକୁ ଧାଡି ଲଗାଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ଚୋରା ଗ୍ୟାସ ବ୍ୟବସାୟୀଙ୍କ ଦୋକାନରେ ଗ୍ରାହକ ଙ୍କ ଲମ୍ବା ଲାଇନି ଦେଖିବାକୁ ମିଳୁଛି। ଯାହାକି କଳା ବଜାରୀ ରେ କିଣୁଛନ୍ତି। ବଜାରରେ ଏହି ଅସ୍ଥିରତା ଧାଡି ଲଗାଇଛନ୍ତି। ଏହି ଅସ୍ଥିରତା ସୁଯୋଗ ନେଇ କଳା ବଜାରୀ ମାନେ ଅଧିକ ସକ୍ରିୟ ହୋଇପଡିଛନ୍ତି।

ଅସ୍ତରଙ୍ଗ ବ୍ଲକ ଅଂଚଳର ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଆଳସାହି, ନଈଗୁଆଁ, ପୋଟଳ ଛକ, କଣମଣ, ତାଳଦା, ସରିପୁର ଛକ ଅଂଚଳରେ ଅଭାବୀ ବିକ୍ରିର ଫାଇଦା ଉଠାଇ ବ୍ଲକ ମାର୍କେଟରେ ଗୋଟିଏ ସିଲିଣ୍ଡର ପାଇଁ ୧୨ଶହ ରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଏତେ ଅଧିକ ଦରରେ ଗ୍ୟାସ କିଣିବା ଏବେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଏହି ସଙ୍କଟର ସବୁଠାରୁ ବଡ଼ ଶିକାର ହୋଇଛନ୍ତି ରାସ୍ତାର କଡ଼ର ଜଳଖିଆ ଦୋକାନ, ଚା "ଦୋକାନ ଓ ଛୋଟ ହୋଟେଲ ମାଲିକ। ଗ୍ୟାସ ସହଜରେ ମିଳୁନଥିବାରୁ ଅନେକ ଦୋକାନୀ ବ୍ୟବସାୟୀ ବନ୍ଦ କରିବା ସ୍ଥିତିକୁ ଆସିଗଲେଣି। ସେମାନଙ୍କ କହିବା କଥା ଯଦି ଜାଳେଣି ମିଳିବ ନାହିଁ, ତେବେ ପରିବାର ପୋଷିବୁ କେମିତି?

ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଜାଳେଣି କାଠ, କୋଇଲା ଏବଂ ଗୋବର ଘଷି ବ୍ୟବହାର ଉପରେ ଥିବା ପୂର୍ବ ପ୍ରତିବନ୍ଧକକୁ ହଟାଇ ଦେଇଛନ୍ତି। କିନ୍ତୁ ବାସ୍ତବତା ହେଉଛି ଗତ କିଛି ବର୍ଷ ଧରି ଗ୍ୟାସ ଉପରେ ନିର୍ଭରଶୀଳତା ଯୋଗୁଁ ଗାଁ ଗହଳି ରେ ଗୋ ପାଳନ କମିଯାଇଛି। ଫଳରେ ଗୋବର ଘଷି କିମ୍ବା ଶୁଖିଲା କାଠ ଏବେ ସହଜଲଭ୍ୟ ନୁହେଁ। ଏହା ଶହ ବଡ଼ ମିଷ୍ଟାନ ଭଣ୍ଡାର ଗୁଡିକ ଅଧିକ ଦାମ୍ ରେ କାଠ କିଣି ମିଷ୍ଟାନ ସାମଗ୍ରୀ ବିକ୍ରି କରୁଛନ୍ତି। ଅନ୍ତଜାତୀୟ ଯୁଦ୍ଧର ପ୍ରଭାବ ଜଣେ ସାଧାରଣ ଭାରତୀୟ ଙ୍କ ଥାଳି କୁ ପ୍ରଭାବିତ କରିଛି। ଯଦି ଶୀଘ୍ର ଗ୍ୟାସ ଯୋଗାଣ ସ୍ୱାଭାବିକ ନ ହୁଏ ଏକ ବଡ଼ ଧରଣର ଜନ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

## କରଦା ମେଳଣ ଉଦ୍‌ଯାପିତ



**କୋରେଇ,୧୩।୩ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ କରଦା, ହରିହାଟ ଠାରେ ଶ୍ରୀ ଶ୍ରୀ ଦଧି ବାମନ ଜୀୟୁ ମେଳଣ ଉତ୍ସବ ବଡ଼ ଧୁମଧାମରେ ଅନୁଷ୍ଠିତ ହୋଇଯାଇଅଛି। ମେଳଣ କମିଟିର ମୁଖ୍ୟ ଉପଦେଷ୍ଟା ଶ୍ରୀ ଦେବୀପ୍ରସନ୍ନ ସାହୁ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ମଙ୍ଗଳବାର ମଧ୍ୟ ରାତ୍ରୀରୁ ଆରମ୍ଭ ହୋଇଥିବା ଏହି ମେଳଣ ଉତ୍ସବରେ ସାତ ଗୋଟି ବିମାନ ଯୋଗ ଦେଇଥିବା ବେଳେ ସମସ୍ତ ବିମାନ ତାଙ୍କ ନିଜ ନିଜ ବାଜା ବାଣ ରୋଷଣୀ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ରାଧା କୃଷ୍ଣ ଜୀଉଙ୍କୁ ନେଇ ମେଳଣ ସ୍ଥଳରେ ପହଂଚି ଥିଲେ। ମେଳଣକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ଆଖପାଖ ଅଂଚଳର ସହସ୍ରାଧିକ ଲୋକମାନେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।କରଦା, ପଥରପଦା, ଗୋପାଳପୁର, ଭୋଟକା, କରଜଙ୍ଗ, ଗଡ଼ମଧୁପୁର ଆଦି ସ୍ଥାନରୁ ବିମାନ ଗୁଡିକୁ ଅନୁଷ୍ଠାନ ତରଫରୁ ନିମନ୍ତ୍ରଣ କରାଯାଇଥିଲା।ସର୍ବଶେଷରେ ବିମାନରେ ଭୋଗ ଓ ବିଦାଗି ଦେଇସାରିବା ପରେ ସମସ୍ତେ ନିଜ ନିଜ ଗ୍ରାମକୁ ଫେରି ଯାଇଥିଲେ।ମେଳାରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ପାଣିକୋଇଲି ପୋଲିସ ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଏହି ମେଳଣ ଉତ୍ସବ ଅଂଚଳ ଲୋକମାନଙ୍କ ଭିତରେ ଭାଇଚାରାକୁ ବଢ଼ାଇଥାଏ ବୋଲି ବୁଦ୍ଧିଜୀବୀ ମାନେ କୁହନ୍ତି।

## ସର୍ବସାଧାରଣ ପୋଖରୀକୁ ଜବରଦଖଲ, ଜିଲ୍ଲାପାଳଙ୍କୁ ଅଭିଯୋଗ




**ଫୁଲବାଣୀ,୧୩।୩ (ସଂଚାର ବ୍ୟୁରୋ):** ଗ୍ରାମବାସୀ ମାନେ ବ୍ୟବହାର କରୁଥିବା ଏକ ସର୍ବସାଧାରଣ ପୋଖରୀକୁ କିଛି ବ୍ୟକ୍ତି ଅକ୍ତିଆର କରି ନିଜ କାମରେ ବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ଆସିଛି ଫୁଲବାଣୀ ବ୍ଲକ ଗୁମାଗଡ ଅଞ୍ଚଳରୁ। ଅଭିଯୋଗ ଅନୁଯାୟୀ, କେନପାଜୁ ଗ୍ରାମର ରାସ୍ତା କଡରେ ଏକ ପୋଖରୀ ରହିଛି। ଏହି ପୋଖରୀକୁ ଗ୍ରାମବାସୀ ବହୁଦିନ ହେଲା ବ୍ୟବହାର କରି ଆସୁଥିଲେ। କିନ୍ତୁ କିଛି ବର୍ଷ ହେଲା ଗ୍ରାମର କିଛି ଲୋକ ଏହାକୁ ଅକ୍ତିଆର କରି ମାଛଚାଷ କରୁଛନ୍ତି।। ବର୍ତ୍ତମାନ ପୁଣି ପୋଖରୀର ହୁଡା କାଟି ପାଣି ଖାଲି କରି ଦେଇଛନ୍ତି। ଗ୍ରାମରେ ଅନ୍ୟ କୌଣସି ସର୍ବସାଧାରଣ ପୋଖରୀ ନାହିଁ। ଫଳରେ ଲୋକେ ସ୍ନାନ ଶୌଚାଦି କାର୍ଯ୍ୟ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଖରାଦିନ ଆସୁଥିବା ବେଳେ ଗ୍ରାମବାସୀଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ସର୍ବସାଧାରଣଙ୍କ ସମେତ ପଶୁପକ୍ଷୀ ମଧ୍ୟ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେବେ ବୋଲି ଲୋକେ ଅଭିଯୋଗ କରିଛନ୍ତି।।ଆଜି ଏ ନେଇ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଦାବୀପତ୍ର ପ୍ରଦାନ କରି ଏହି ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି।

## ରନ୍ଧନ ଗ୍ୟାସର କଳାବଜାରୀ ସନ୍ଦେହ, ଯୋଗାଣ ବିଭାଗର ଚଢ଼ାଉ



**କେନ୍ଦ୍ରାପଡ଼ା,୧୩।୩(ସଂଚାର ବ୍ୟୁରୋ):** ଇରାନରେ ଯୁଦ୍ଧ ଲାଗି ରହିଥିବାରୁ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇପାରେ ବୋଲି ସାମାଜିକ ଗଣମାଧ୍ୟମରେ ବେଶ ରୋଚକ ଚର୍ଚ୍ଚା ଚାଲିଛି । ଏହାକୁ ନେଇ ସାଧାରଣ ଜନତା ଆତଙ୍କିତ ଅବସ୍ଥାରେ ରହୁଛନ୍ତି । କେଉଁ ମୁହୂର୍ତ୍ତରେ ଗ୍ୟାସ ଯୋଗାଣ ବନ୍ଦ ହୋଇଯିବ ଅବା କଳାବଜାରରେ ଗ୍ୟାସ ବିକ୍ରି ହେବ । ଏହିପରି ଆଶଙ୍କା ଲୋକେ କରୁଛନ୍ତି । ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚା ହେଉଛି । ଜିଲା ପ୍ରଶାସନ ଏହା ହୃଦୟଙ୍ଗମ କରିବା ପରେ କେନ୍ଦ୍ରାପଡ଼ା ଜିଲାରେ ଥିବା ବିଭିନ୍ନ ଗ୍ୟାସ ସିଲିଣ୍ଡର ଡିପୋରେ ଚଢଉ କରାଯାଇଛି । ଜିଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢଉ କରାଯାଇଛି । ଚଢଉ ବେଳେ ଯୋଗାଣ ବିଭାଗ ର ଜିଲ୍ଲାର ସମସ୍ତ ଅଧିକାରୀ ସାମିଲ ଥିଲେ ସେମାନଙ୍କ ମଧ୍ୟରେ ସ୍ୱରୂପ କୁମାର ଦାସ ପି ସୌମ୍ୟଦିପ୍ତା,ସୁଚୁସ୍ମିତା ମହାନ୍ତି ,ପୁଷ୍ପଲତା ଗାହାଣ,ଓମ୍ ବିଭୁ ପ୍ରିତମ୍ ,ଶିବ ମହାନ୍ତି, ପୁନମ୍ ଜେନା, ପୁନମ୍ ଜେନା ଘଟଣା ସ୍ଥଳରେ ଗ୍ୟାସ ସିଲିଣ୍ଡର ଡିପୋରେ କେତେ ସିଲିଣ୍ଡର ରହିବା କଥା ତାହା ଅଛି ନା ନାହିଁ, ଯେଉଁ ଗ୍ରାହକମାନେ ବୁକିଂ କରିଛନ୍ତି ସେମାନଙ୍କ ପାଖରେ ଠିକ ସମୟରେ ସିଲିଣ୍ଡର ପହଞ୍ଚୁଛି କି ନାହିଁ, ଏଜେନ୍ସୀ କୌଣସି କଳା ବଜାରୀରେ ସଂପୃକ୍ତ ଅଛି କି ଏହିସବୁ ଦିଗକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା । ଏହି ଚଢଉରେ ଯୋଗାଣ ବିଭାଗ ଅଧିକାରୀମାନେ ସଂପୃକ୍ତ ଥିଲେ । ଏ ସଂକ୍ରାନ୍ତରେ ଜିଲା ବେସାମରିକ ଯୋଗାଣ ବିଭାଗ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ ଇରାନ୍ ଯୁଦ୍ଧ ଲାଗି ରହିଥିବାରୁ ଗ୍ୟାସ ସିଲିଣ୍ଡର ମୂଲ୍ୟ ଅଧିକ ହୋଇଯାଇ ପାରେ ବୋଲି ଜନସାଧାରଣ ଅନୁମାନ କରୁଛନ୍ତି । ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଲୋକେ ବିଭିନ୍ନ ପ୍ରକାରର ଚର୍ଚ୍ଚା କରୁଛନ୍ତି । ତେଣୁ ଲୋକଙ୍କ ମନରେ ଥିବା ବିଭ୍ରାନ୍ତିକର ଧାରଣାକୁ ଦୂର କରିବା ପାଇଁ ଏହି ଚଢଉ କରାଯାଇଥିଲା । ଗ୍ୟାସ ଡିପୋରେ କୌଣସି କଳାବଜାରୀ ହେଉନାହିଁ । ଯଦି କୌଣସି ଗ୍ୟାସ ଡିପୋରେ କଳାବଜାରୀ କରାଯାଉଥିବା ସୂଚନା ଜନତା ପ୍ରଶାସନକୁ ଦେବେ ତେବେ ସଂପୃକ୍ତ ଗ୍ୟାସ ଏଜେନ୍ସୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ ପରିସ୍ଥିତିରେ ବ୍ୟତିବ୍ୟସ୍ତ ନ ହେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଗ୍ୟାସ ସିଲିଣ୍ଡର ଯୋଗାଣରେ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ ବୋଲି ସେ କହିଛନ୍ତି ।

## ବିପଦସଂକୁଳ ଅବସ୍ଥାରେ ମା' ଭୂଦାରଚଣ୍ଡୀଙ୍କ ପୀଠ

### ପୂର୍ବ ସରକାରରେ ଅନୁମୋଦନ ହୋଇଥିବା କୋଡିଏ ଲକ୍ଷ ଟଙ୍କାର କାମ କେବେ ହବ?

**ନୀଳଗିରି,୧୩।୩ (ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସଜନାଗଡର ମା' ଭୂଦାରଚଣ୍ଡୀ ପୀଠର ସ୍ୱତନ୍ତ୍ରତା ରହିଛି। ମା'ଙ୍କ ସ୍ଥାପନାନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିଲେ ମଧ୍ୟ ଲୋକକଥା ଅନୁଯାୟୀ ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶପାଇ ମା'ଙ୍କ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ। ତେବେ ପ୍ରାଚୀନ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ଏବେ ବିପଦରେ।



ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହେବାକୁ ଯାଉଛି ମନ୍ଦିର ଏବଂ ମନ୍ଦିର ବେଢ଼ା। ରାଜ୍ୟ ଦେବୋତ୍ତର ବିଭାଗ ଅଧିନରେ ଥିବା ଏହି ମନ୍ଦିରର ସୁରକ୍ଷାପାଇଁ ପ୍ରଶାସନର ଆନ୍ତରିକତା ନଥିବା ବାରିହୁଏ। ଦୀର୍ଘ ୫/୬ବର୍ଷ ତଳେ ମନ୍ଦିରର ମୁଖ୍ୟପୂଜକ ବିଜୟ କୁମାର ପଣ୍ଡାଙ୍କ ଉଦ୍ୟମରେ କିଛି ଶ୍ରଦ୍ଧାଳୁ, ଭକ୍ତ ଏବଂ ବଦାନ୍ୟବ୍ୟକ୍ତିଙ୍କ ସହାୟତାରେ ମନ୍ଦିରର ରଙ୍ଗ ଦିଆଯାଇଥିବା ବେଳେ ଏବେ ମୁଖ୍ୟମନ୍ଦିର, ନାଟମଣ୍ଡପ ଏବଂ ମନ୍ଦିର ବେଢ଼ାରେ ସିଉଳିଲାଗି କଳା ପଡ଼ିଯିବା ଏବଂ ବର୍ଷାଦିନେ ଅଧିକାଂଶସ୍ଥାନରୁ ପ୍ଲାଷ୍ଟର ଛାଡି ପାଣିଗଳିବା ଦେଖିବାକୁ ମିଳିଛି। ଫଳରେ ମନ୍ଦିରର ସ୍ଥାୟୀତ୍ୱନେଇ ଆଶଙ୍କା ପ୍ରକାଶପାଇଛି। ନୀଳଗିରି ଠାକୁରମାହାଲକୁ ପୂଜକ ବିଜୟ ପଣ୍ଡା ଏନେଇ ଅବଗତ କରିଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ।

ତେବେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ୨୦ଲକ୍ଷ ଟଙ୍କାର ଅନୁଦାନ ଆସିଥିଲେ ହେଁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା। ମାତ୍ର ପ୍ରଥମଥର ଜଣେ ମାତ୍ର ଆବେଦନକରିଥିବା ବେଳେ ଦ୍ୱିତୀୟଥର ଟେଣ୍ଡରରେ କେହି ଟେଣ୍ଡରଧାରି ଆବେଦନ କରିନଥିବାରୁ ଏହାର ଉନ୍ନତିକରଣ ହୋଇପାରି ନଥିବା ନୀଳଗିରି ବିଡ଼ିଓ ବିକ୍ରମକେଶରୀ ପରିଡ଼ା ସୂଚନା ଦେଇଛନ୍ତି। ଯଦି ଖୁବଶୀଘ୍ର ମନ୍ଦିରର ମରାମତି ଓ ରଙ୍ଗକାର୍ଯ୍ୟ ନହୁଏ ତେବେ ମନ୍ଦିର ଶ୍ରୀହୀନହେବା ସହିତ ପାଣିଗଳି ମନ୍ଦିରପ୍ରତି ବିପଦଥିବାର ଆଶଙ୍କା ରହିଛି। ଏଦିଗରେ ପ୍ରଶାସନ ଯତ୍ନବାନ ନହେଲେ ପୁରାତନ କୀର୍ତ୍ତିରାଜିର ଏହି ମନ୍ଦିରଟି ନିଜର ଅସ୍ତିତ୍ୱ ହରାଇବବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶପାଇଛି।

## ନିୟୁ କମଳା ଜୁଏଲାରୀ ପକ୍ଷରୁ ଲଟେରୀ ଉଠାଣ କାର୍ଯ୍ୟକ୍ରମ



**ବାଲିଆପାଳ,୧୩।୩ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜଗନ୍ନାଥ ମନ୍ଦିର ରୋଡ଼ରେ ନୂଆ କରି ଖୋଲିଥିବା ନିୟୁ କମଳା ଜୁୟେଲାରି ପକ୍ଷରୁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜୁୟେଲାରି ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଶିକ୍ଷକ ବ୍ୟୋମକେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ ଯୋଗଦେଇ ଏହି ଲଟାରୀ ଉଠାଣ କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ। ସିମୁଳିଆ ବଜାର ଠାରେ ୭୦ ବର୍ଷ ଧରି ଗ୍ରାହକ ମାନଙ୍କ ସହିତ ଜଡିତ ଥିବା ଏହି ଜୁୟେଲାରୀ ଫେବୃଆରୀ ୨୭ ତାରିଖରେ ନିୟୁକମଳା ଜୁୟେଲାରୀ ରୂପେରେ ଜଗନ୍ନାଥ ମନ୍ଦିର ରୋଡ଼ରେ ଉଦଘାଟନ ହୋଇଥିଲା। ସେହିଦିନ ଠାରୁ ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଜୁୟେଲାରୀ ପକ୍ଷରୁ ଲକି ଡ୍ରୋର କୁପନର ସୁବିଧା ରଖାଯାଇଥିଲା। ଅତିଥି ମାନଙ୍କ ଗହଣରେ ପ୍ରଥମ ବିଜେତା ବିଲ ନଂ ୧୩୭୨ ପ୍ରତାପ ପୁର ଜଗନ୍ନାଥ ବେହେରା ଇଲେକ୍ଟ୍ରିକ ସ୍କୁଟି, ଦ୍ୱିତୀୟ ବିଜେତା ବିଲ ନଂ ୧୩୨୬ ରତାଇ ଦେବାଶିଷ ଜେନା ୪୩ ଇଞ୍ଚ୍ ର ଏଲସିଡି ଡିଭି ଏବଂ ତୃତୀୟ ବିଜେତା ବିଲ ନଂ ୧୭୪୧ ଜଳେଶ୍ୱର ସସ୍ମିତା ଓ୍ୱାସିଙ୍ଗ ମେସିନ୍ ଜିତିଥିବାର ଘୋଷଣା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବାଲିଆପାଳ ଇସ୍କନ ମନ୍ଦିରର ମୁଖ୍ୟ ଗୁରୁ ଲାବଣ୍ୟ ପ୍ରଭୁ, ମଧୁପୁରା ସରପଞ୍ଚ ଲୋମ୍ବଧର ମାହାନା, ଦେଉଳା ସରପଞ୍ଚ ସୋରଜ କୁମାର ପିଳା, ସମାଜସେବୀ ମୁରଲୀ ମୋହନ ସାହୁ, ଇ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଜୁଏଲାରୀ ର ପରିଚାଳକ ଦେବବ୍ରତ କାମିଳାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ଅକାଳ ବିୟୋଗ

**ଡେରାବିଶ,୧୩।୩ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟସ୍ଥ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗତ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଯାଇଛି। ମୃତ ଯୁବକ ଜଣକ ହେଲେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧିନ ଗୁଆମାଳ ଗ୍ରାମର ଗଣେଶ୍ୱର ବେହେରାଙ୍କ ପୁଅ ଦୀପକ କୁମାର(୨୬)। ମୃତ ଦିପକ ଜଣେ ପରିଶ୍ରମୀ ଯୁବକ ଥିଲେ। ସେ ନିଜ ପରିବାର ପ୍ରତିପୋଷଣ ପାଇଁ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ସହ ରାତିରେ ବିଭିନ୍ନ ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରି ଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ନିକଟସ୍ଥ ବଳଭଦ୍ରପୁରର ଏକ ଭୋଜି ଉତ୍ସବ କାର୍ଯ୍ୟ ସାରି ଏକ ବୁଲେଟ ନଂ -( ଓଡି ୦୫ ସିଇ ୭୨୩୪) ଯୋଗେ ନିଜର ଦୁଇ ଫଟୋଗ୍ରାଫର ସାଙ୍ଗଙ୍କୁ ଆଣିବା ପାଇଁ ଲକ୍ଷ୍ମୀନାରାୟଣପୁରକୁ ଜାତୀୟ ରାଜପଥରେ ଯାଉଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଆସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇଁ ଡେରାବିଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଯୁବକଙ୍କ ଶବକୁ ଜବତ କରିବା ସହ ଦୁର୍ଘଟଣା ଗ୍ରସ୍ତ ବୁଲେଟକୁ ମଧ୍ୟ ଜବତ କରିଥିଲା। ଗୁରୁବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ପ୍ରତି ଶୁକ୍ରବାର ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସୁଛନ୍ତି ରାଜସ୍ୱ କର୍ମଚାରୀ

**ନବରଙ୍ଗପୁର,୧୩।୩ (ସଂଚାର ବ୍ୟୁରୋ):** ହସ୍ତତନ୍ତ୍ର ବସ୍ତ୍ର ପରିଧାନ ଉଦ୍ୟମକୁ ସମ୍ମାନ ଜଣାଇ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ରାଜସ୍ୱ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର କର୍ମଚାରୀ ମାନେ ପ୍ରତ୍ୟେକ ଶୁକ୍ରବାର ଦିନ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସୁଛନ୍ତି । ଏହା ମଧ୍ୟରେ ରାଜ୍ୟର ପାରମ୍ପରିକ ବୟନ ଓ ହସ୍ତତନ୍ତ୍ର ଶିଳ୍ପ ପ୍ରତି ସମ୍ମାନ ଓ ସମର୍ଥନ ପ୍ରକାଶ ପାଇଛି।

ପ୍ରକାଶଥାଉକି ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢୀଙ୍କ ପ୍ରୟାସ ଏବଂ ଉଦ୍ୟମ ଅତି ପ୍ରଶଂସନୀୟ | ଡଃ ପାଢୀ, ପୂର୍ବରୁ କୃଷି ବିଭାଗରେ କାର୍ଯ୍ୟରତ ସମୟରେ ଏବଂ ବର୍ତ୍ତମାନ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ଦାୟିତ୍ୱ ଗ୍ରହଣ କରିବା ପରେ ପତ୍ର ମାଧ୍ୟମରେ ସମସ୍ତ ଜିଲ୍ଲାପାଳ ମାନଙ୍କୁ ଅବଗତ କରାଇଥିଲେ | ଡଃ ପାଢୀ, ପ୍ରତ୍ୟେକ ସମୟରେ ହସ୍ତତନ୍ତ୍ର ପୋଷାକ ପରିଧାନ କରିବା ସହ ଓଡ଼ିଶା ର ପାରମ୍ପରିକ ହସ୍ତତନ୍ତ୍ର ସଂସ୍କୃତି କୁ ପ୍ରଚାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି | ଏହାକୁ ସମ୍ମାନ ଜଣାଇ ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ରାଜସ୍ୱ କର୍ମଚାରୀ ୨୦୨୩ ମସିହା ଠାରୁ ନିୟମିତ ଭାବରେ ପ୍ରତି ଶୁକ୍ରବାର ଦିନ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରିଆସୁଛନ୍ତି |



## ଖବର ପ୍ରସାରଣ ପରେ ଜବରଦଖଲ ଉଚ୍ଛେଦ



**ଆନନ୍ଦପୁର,୧୩।୩ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଗତ ଶାଳବଣି ଛକ ନିକଟରେ ସରକାରୀ ଜାଗା ଉପରେ ନିର୍ମାଣ ହେଉଥିବା ଏକ କୋଠାକୁ ନେଇ କିଛିଦିନ ଧରି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୫୩ ନଂ ଜାତୀୟ ରାଜପଥ କଡ଼ରେ ଏହି ନିର୍ମାଣ କାମ ଚାଲିଥିବା ବେଳେ ଏହା ସରକାରୀ ଜମି ଦଖଲ କରି କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସଂଚାର ରେ ଖବର ପ୍ରସାରଣ କରାଯାଇଥିଲା। ଖବର ପ୍ରସାରଣ ପରେ ପ୍ରଶାସନ ସଚେତନ ହୋଇ କାର୍ଯ୍ୟନୁଷ୍ଠାନ ନେଇଛି। ଆଜି ଆନନ୍ଦପୁର ପୋଲିସ୍ ପ୍ରଶାସନ, ଆନନ୍ଦପୁର ତହସିଲର ଅଧିକାରୀମାନେ ଏବଂ ଘଷିପୁରା ତହସିଲଦାରଙ୍କ ଉପସ୍ଥିତିରେ ବୁଲଡୋଜର ଲଗାଇ ନିର୍ମାଣଧୀନ କୋଠାକୁ ଭାଙ୍ଗି ଉଚ୍ଛେଦ କରାଯାଇଥିଲା। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ଏଠାରେ ମାତ୍ର ଏକ ସ୍ଥାନ ନୁହେଁ, ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସରକାରୀ ଜାଗା ଉପରେ ଜବର ଦଖଲ ହୋଇଥିବା ଦେଖାଯାଉଛି। ସେହିସବୁ ସ୍ଥାନରେ ପ୍ରଶାସନ କେବେ ଉଚ୍ଛେଦ କାର୍ଯ୍ୟ କରିବ ବୋଲି ଲୋକମାନେ ପ୍ରଶ୍ନ ଉଠାଇଛନ୍ତି।

## କବି ସୀତାକାନ୍ତ ଦାସଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା,୧୩।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମ ପଞ୍ଚାୟତର ଘିଗିଡିଆ ଗ୍ରାମର ବିଶିଷ୍ଟ କବି ତଥା ସମାଜସେବୀ ସ୍ୱର୍ଗତ ସୀତାକାନ୍ତ ଦାସଙ୍କ ପୁଣ୍ୟ ଏକାଦଶାହ ଏବଂ ଦ୍ୱାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଣ୍ଡିତ ପଦ୍ମନାଭ ଦାଶ, ସମ୍ମାନୀତ ଅତିଥି ଭାବରେ କବି ଅମର ପ୍ରସାଦ ରାଉତ, ନାଟ୍ୟକାର ଭୀମସେନ ପ୍ରଧାନ, ତବଲା ଗୁରୁ ସମୀରଞ୍ଜନ ଦାସ, ସଙ୍ଗୀତ ଗୁରୁ ପ୍ରମୋଦ କୁମାର ଦାସ, ସଲିଲ ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ଦେବ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ କବିତ୍ୱ ଏବଂ ସୃଷ୍ଟି ସମ୍ଭାର ସମ୍ପର୍କରେ ଆଲୋଚନା କରିବା ସହିତ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ ସ୍ୱର୍ଗତ ସୀତାକାନ୍ତଙ୍କ ଫଟୋ ଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ସୀତାକାନ୍ତ ପ୍ରେମୀମାନେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଭାବପୂର୍ଣ୍ଣ ଭଜନ ଓ ଶ୍ରଦ୍ଧାଞ୍ଜଳି ସଙ୍ଗୀତ କଣ୍ଠଶିଳ୍ପୀ ବିମଳ ପ୍ରସାଦ ପରିଡ଼ାଙ୍କ ସଂଯୋଜନାରେ ପରିବେଷଣ କରାଯାଇଥିଲା। ଏଥିରେ ନିରୁପମା ଜେନା, ଉପେନ୍ଦ୍ର କୁମାର ପାଢ଼ୀ, ରଞ୍ଜନ ବରାଳ, ବଳରାମ ମଲିକ, ଅଜୟ ଜେନା, କୈଳାସ ପରିଡା, ତୋଫାନ ମଲିକ ଏବଂ ରାଜଲକ୍ଷ୍ମୀ ପରିଡା ଅଂଶ ଗ୍ରହଣ କରିଥିଲେ। ସୀତାକାନ୍ତଙ୍କ ବଡଭାଇ ବସନ୍ତ ଦାସଙ୍କ ସମେତ ସ୍ମୃତି ରଞ୍ଜନ ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚ ଗୋପୀନାଥ ମଲିକ, ପ୍ରାକ୍ତନ ସରପଞ୍ଚ ଚିତ୍ରସେନ ପରିଡା, ବସନ୍ତ ପରିଡା, ରମେଶ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆବାହକ ବିମଳ ପ୍ରସାଦ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରି ଅକ୍ଷୟ ମହାନ୍ତିଙ୍କ କେତେକ କାଳଜୟୀ ଭଜନ ଗାଇଥିଲେ। ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଏବଂ କବି ସୀତାକାନ୍ତଙ୍କ ବିରଚିତ ଭଜନ ଗାଇ ପରିବେଶକୁ ଭାବ ଗମ୍ଭୀର କରିଥିଲେ। ଶେଷରେ ସୀତାକାନ୍ତଙ୍କ ସୁପୁତ୍ର ତୁଷାର ରଞ୍ଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୋରେଇରେ ବାଲି ମାଫିଆଙ୍କ ରାଜୁତି

### ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କଲା ବିଜେଡି

### ନୀରବ ପ୍ରଶାସନ ଓ ବିଧାୟକଙ୍କ ଭୂମିକା ଉପରେ ଉଠିଲା ପ୍ରଶ୍ନ?



**ଯାଜପୁର ଟାଉନ୍,୧୩।୩ (ସଂଚାର ବ୍ୟୁରୋ):** ଜପୁର ଜିଲ୍ଲାର କୋରାଇ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବେଆଇନ ବାଲି ଚାଲାଣ ବଢ଼ୁଥିବା ଅଭିଯୋଗକୁ ନେଇ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହାର ପ୍ରତିବାଦରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ବିକ୍ଷୋଭ ହୋଇଥିବାବେଳେ ଶତାଧିକ ନେତା ଓ କର୍ମୀ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରିଥିଲେ।

ବିଜେଡି ନେତା ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦକାରୀମାନେ କୋରେଇ ଅଞ୍ଚଳର ବିଭିନ୍ନ ନଦୀଘାଟରୁ ଟ୍ରକ୍ ଓ ଡମ୍ପର୍ ମାଧ୍ୟମରେ ଦିନଦୁଇ ପହରରେ ବେଆଇନ ଭାବରେ ବାଲି ଚାଲାଣ ହେଉଥିବା ଅଭିଯୋଗ ଉଠାଇଥିଲେ।ସେମାନଙ୍କ କହିବା ଅନୁଯାୟୀ, ଏପରି ବେଆଇନ ଚାଲାଣ ଫଳରେ କୋରାଇ ରାସ୍ତାଘାଟ ଗୁରୁତର ଭାବରେ ନଷ୍ଟ ହେଉଥିବା ସହ ପରିବେଶ ଉପରେ ମଧ୍ୟ ଗଭୀର ପ୍ରଭାବ ପଡୁଛି।ବିକ୍ଷୋଭ ପରେ ପ୍ରତିବାଦକାରୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ବାଲି ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ତୁରନ୍ତ ବେଆଇନ ବାଲି ଚାଲାଣ ବନ୍ଦ କରିବାକୁ ଦାବି ହୋଇଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ଲଘୁ ଖଣିଜ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ବିଜେଡି ନେତା ଭବ ପ୍ରସାଦ ଦାସ କହିଥିଲେ ଯେ, କୋରେଇ ନିର୍ବାଚନ ମଣ୍ଡଳୀରେ ବେଆଇନ ବାଲି ଚାଲାଣ ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ପ୍ରଶାସନ ନିଷ୍କ୍ରିୟ ରହିଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସେ ଆହୁରି କହିଥିଲେ ଯେ, ଆଗାମୀ ୭ ଦିନ ମଧ୍ୟରେ ବେଆଇନ ବାଲି ଚାଲାଣ ବନ୍ଦ ନ ହେଲେ ବିଜୁ ଜନତା ଦଳ ପକ୍ଷରୁ ଆହୁରି ତୀବ୍ର ଆନ୍ଦୋଳନ ଆରମ୍ଭ କରାଯିବ।

# ସୁସ୍ଥତା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ




ସ୍ୱାସ୍ଥ୍ୟ ଠିକ୍ ରହିଲେ ଆମେ ଫୂର୍ତ୍ତି ଅନୁଭବ କରିଥାଉ। ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରୀ। ସୁସ୍ଥ ରହିବାକୁ ହେଲେ ଆମକୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି । ହେଲେ କିଛି ଖାଦ୍ୟ ଆମକୁ ପସନ୍ଦ ହୋଇନଥାଏ। କିନ୍ତୁ ସେହି ସବୁ ଖାଦ୍ୟ ଆମ ଶରୀର ଉପଯୋଗୀ ହୋଇଥାଏ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ କେବଳ ସ୍ୱାସ୍ଥ୍ୟକୁ ନୁହେଁ ବରଂ ଆମ ନଖ, କେଶ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ। ପ୍ରୋଟିନ ଆମ ମାଂସପେଶୀ ବୃଦ୍ଧି ପାଇଁ ସର୍ବୋତ୍ତମ ଉତ୍ସ। କିନ୍ତୁ ଅନେକ ସମୟରେ ଅଧିକାଂଶ ଲୋକେ ଅଣ୍ଡା ଏବଂ ସୋୟାବିନ ମଧ୍ୟରୁ କେଉଁଥିରେ ଅଧିକ ପ୍ରୋଟିନ୍ ଥାଏ ଜାଣିପାରିନଥାନ୍ତି। ତେବେ ଆଜି ଆପଣଙ୍କୁ ସେ ସମ୍ପର୍କରେ ଆଜି ଜଣାଇବୁ।

ବର୍ତ୍ତମାନ ସମୟରେ ଫିଟ୍ ରହିବା ପାଇଁ ଯୁବପିଢ଼ିମାନେ ସେମାନଙ୍କ ବ୍ରେକଫାଷ୍ଟରେ ଅଣ୍ଡାକୁ ସାମିଲ କରିଥାଆନ୍ତି। ସେହିପରି ଯେତେବେଳେ ଭେଜ୍ କଥା ଉଠେ ସେତେବେଳେ ପ୍ରଥମେ ପ୍ରୋଟିନର ଉତ୍ସ ଭାବେ ସୋୟାବିନକୁ ବାଛିଥାଉ। ଉଭୟ ଖାଦ୍ୟ ସ୍ୱାଦିଷ୍ଟ ହୋଇଥିବା ସହ ଅନେକ ପୋଷକ ତତ୍ତ୍ୱରେ ଭରପୂର। ତେଣୁ ଆପଣ ଭେଜିଟେରିଆନ୍ ହୁଅନ୍ତୁ ବା ନନଭେଜିଟେରିଆନ ଆପଣଙ୍କ ଖାଦ୍ୟରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରିବା ଜରୁରୀ। ଅଣ୍ଡାରେ କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ଫସଫରସ୍, ଜିଙ୍କ୍, ପୋଟାସିୟମ, ସେଲେନିୟମ୍, ଫ୍ଲୋରାଇଡ୍, ଫୋଲେଟ୍, ଭିଟାମିନ୍ ବି୧୨, ଭିଟାମିନ୍ ଏ, ରେଟିନୋଲ୍, ଲ୍ୟୁଟିନ୍-ଜିଆକ୍ସାନ୍ଥିନ, ଭିଟାମିନ୍ ଇ, ଭିଟାମିନ୍ ଡି୨ ଏବଂ ଡି୩ ର ଏକ ଉତ୍ସ। ଯାହା ହାର୍ଟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଅଣ୍ଡାରେ ମଧ୍ୟ ସାଚୁରେଟେଡ୍ ଫ୍ୟାଟ୍ ଥାଏ।

ଅଣ୍ଡା ଖାଇବା ଦ୍ୱାରା କେବଳ ପ୍ରୋଟିନ୍ ମିଳେ ନାହିଁ ବରଂ ଭିଟାମିନ୍ D ର ମଧ୍ୟ ଏକ ଉତ୍ସ। ଯାହା ହାଡ଼ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଏଥିରେ ଥିବା ଭିଟାମିନ୍ ବି୧୨ ଥିବାରୁ ଏହା ଲାଲ ରକ୍ତ କୋଷ ଗଠନ କରିବାରେ ସାହାଯ୍ୟ କରେ। କଞ୍ଚା ଅଣ୍ଡା ଅପେକ୍ଷା ରନ୍ଧା ଅଣ୍ଡାରୁ ପ୍ରାୟ ୯୧% ଅଧିକ ପ୍ରୋଟିନ୍ ଆମ ଶରୀର ଗ୍ରହଣ କରିଥାଏ। ସେହିପରି ସୋୟାବିନ୍ ପ୍ରୋଟିନର ଏକ ଉତ୍କୃଷ୍ଟ ନିରାମିଷ ଉତ୍ସ। ସୋୟାବିନରେ ସମସ୍ତ ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଥାଏ। ଯାହା ଶରୀର ନିଜେ ବନାଇପାରିନଥାଏ। ସୋୟାବିନରେ କ୍ୟାଲସିୟମ, ଆଇରନ, ପୋଟାସିୟମ, ମ୍ୟାଗ୍ନେସିୟମ, ଫସଫରସ୍, ଜିଙ୍କ, ତମ୍ବା, ସେଲେନିୟମ, ମାଙ୍ଗାନିଜ, ଭିଟାମିନ ସି ଏବଂ ବି ,ବି୬ ଭଳି ଅନେକ ପୋଷକ ତତ୍ତ୍ୱ ଥାଏ। ଏଥିରେ କମ୍ ପରିମାଣରେ ଭିଟାମିନ A ଏବଂ E ମଧ୍ୟ ଥାଏ। ସୋୟାବିନ ମଧ୍ୟ ଭିଟାମିନ Kର ଏକ ଉତ୍ସ। ଏଥିରେ କୌଣସି ସାଚୁରେଟେଡ୍ ଚର୍ବି ନ ଥାଏ। ଏହା ମାଂସପେଶୀ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଏଥିରେ ଫାଇବର ଭରପୂର ମାତ୍ରାରେ ଥିବାରୁ ପାଚନ ପ୍ରକ୍ରିୟାକୁ ପ୍ରୋତ୍ସାହନ କରେ। ଏହା ଭଲ କୋଲେଷ୍ଟ୍ରୋଲକୁ ମଧ୍ୟ ପ୍ରୋତ୍ସାହନ କରେ। ଅଣ୍ଡାରେ କିଛି ପରିମାଣରେ ପୋଷକ ତତ୍ତ୍ୱ କମ୍ ଥିବାବେଳେ ସୋୟାବିନରେ କିଛି ପରିମାଣର ପୋଷକ ତତ୍ତ୍ୱ କମ୍ ଥାଏ। ତେଣୁ ଉଭୟ ଖାଦ୍ୟକୁ ସୀମିତ ପରିମାଣରେ ଖାଇବା ଲିଷ୍ଟରେ ଆଡ୍ କରନ୍ତୁ।

# ନିରାମିଷ ଖାଦ୍ୟରୁ ମଧ୍ୟ ପ୍ରୋଟିନ୍ ମିଳିପାରିବ



ପ୍ରୋଟିନ୍ ଶରୀରର ବିକାଶ ଓ ମରାମତି ପାଇଁ ଆବଶ୍ୟକ। କିଛି ଲୋକଙ୍କର ଧାରଣା ଯେ ଆମେ ଆମିଷ ଖାଉନାହୁଁ, ତେଣୁ ଶରୀରକୁ ଆବଶ୍ୟକ ପ୍ରୋଟିନ୍ ମିଳିପାରୁ ନାହିଁ। ଏହା ଆଦୌ ଠିକ୍ ନୁହେଁ। କାରଣ ନିରାମିଷ ଖାଦ୍ୟରେ ମଧ୍ୟ ପ୍ରୋଟିନ୍ ରହିଥାଏ। ଯେମିତିକି ଡାଲି, ରାଜ୍‌ମା ଓ ସୋୟା ଉତ୍ପାଦରେ ଭରପୂର ପ୍ରୋଟିନ୍ ରହିଥାଏ। ପ୍ରୋଟିନ୍‌ର ଅଭାବକୁ ଦୂର କରିବା ପାଇଁ ଖାଇପାରିବେ ଏସବୁ ଖାଦ୍ୟ। ପ୍ରୋଟିନ୍ ଶରୀରକୁ ଶକ୍ତି ଦେବା ସହ ବିକାଶ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ନିରାମିଷ ଲୋକଙ୍କଠାରେ ଅନେକ ସମୟରେ ଏହାର ଅଭାବ ପରିଲକ୍ଷିତ ହୋଇଥାଏ। ନିରାମିଷ ଖାଦ୍ୟରୁ ମଧ୍ୟ ପ୍ରୋଟିନ୍ ମିଳିପାରିବ, ଯାହା ଶରୀରର ପ୍ରୋଟିନ୍ ଅଭାବକୁ ଦୂର କରିପାରିବ।

ସୋୟା ଉତ୍ପାଦଃ ଟୋଫୁ, ସୋୟା ଦୁଗ୍ଧ, ସୋୟା ଚଙ୍କ୍ସ ପରି ଉତ୍ପାଦରେ ଭରପୂର ପ୍ରୋଟିନ୍ ରହିଥାଏ। ଟୋଫୁର ପ୍ରତି ୧୦୦ ଗ୍ରାମ୍‌ରେ ପ୍ରାୟ ୧୦-୧୫ ଗ୍ରାମ୍ ପ୍ରୋଟିନ୍ ରହିଥାଏ।

ଡାଲି ଓ ବିନ୍ସଃ ଡାଲି ଭିତରେ ମସୁର, ମୁଗ, ହରଡ ସହ ରାଜ୍‌ମାରେ ଭରପୂର ପ୍ରୋଟିନ୍ ରହିଥାଏ। ଏକ କପ୍ ଡାଲିରେ ୧୫ବ ଗ୍ରାମ୍ ପ୍ରୋଟିନ୍ ରହିଥାଏ। ଏହାକୁ ଆପଣ ନିୟମିତ ବିଭିନ୍ନ ଉପାୟରେ ଖାଇପାରିବେ।

ନଟ୍ସ ଓ ସିଡ୍ସ - ବାଦାମ, ଆଖରୋଟ୍, କାଜୁ, ଚିଆ ବୀଜ ଓ ଅଳସୀ ଆଦି ପ୍ରୋଟିନ୍ ଓ ସ୍ୱାସ୍ଥ୍ୟକର ଫ୍ୟାଟ୍ସରେ ଭରା।

ଦୁଗ୍ଧ ଉତ୍ପାଦ ଓ ଅଙ୍କୁରିତ ବୀଜଃପନୀର, ଦୁଗ୍ଧ, ଦହି ଓ ଛାଞ୍ଚ ପରି ଉତ୍ପାଦ ପ୍ରୋଟିନ୍‌ର ପ୍ରମୁଖ ସ୍ରୋତ। ଏକ କପ୍ ଦୁଗ୍ଧରେ ୮ ଗ୍ରାମ୍ ପ୍ରୋଟିନ୍ ରହୁଥିବା ବେଳେ ପନୀରରେ ଏହି ମାତ୍ରା ଆହୁରି ଅଧିକ। ତେଣୁ ଏହାକୁ ଡାଏଟ୍‌ରେ ସାମିଲ୍ କରିବା ଦ୍ୱାରା ପ୍ରୋଟିନ୍‌ର ଅଭାବ ଦୂର ହୋଇପାରିବ। ସେହିପରି ଅଙ୍କୁରିତ ମୁଗ, ଚଣା ଓ ଅନ୍ୟାନ୍ୟ ବୀଜରେ ମଧ୍ୟ ପ୍ରୋଟିନ୍‌ର ମାତ୍ରା ଦୁଇଗୁଣା ହୋଇଯାଇଥାଏ। ଏସବୁକୁ ସାଲାଡ୍, ସୁପ ଓ ସ୍ନାକ୍ସ ଭାବେ ଖାଇପାରିବେ।

ସବୁଜ ପରିବାଃପାଳଙ୍ଗ, ବ୍ରୋକୋଲି ଓ ସବୁଜ ମଟରରେ ମଧ୍ୟ ପ୍ରୋଟିନ୍ ରହିଥାଏ।

# ଗହମ ପରିବର୍ତ୍ତେ ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ନିୟମିତ ଜୀବନରେ ଆମେ ଡାଏଟ୍ରେ ଭାତ,ରୁଟି ସାଙ୍ଗକୁ ତରକାରୀ ଖାଇଥାଉ। ଅଧିକାଂଶ ଲୋକ ଗହମ ରୁଟି ଖାଇବାକୁ ପସନ୍ଦ କରିଥାନ୍ତି। କାରଣ ଏହା ନରମ ସାଙ୍ଗକୁ ସ୍ୱାଦିଷ୍ଟ ମଧ୍ୟ। କିନ୍ତୁ ଆପଣ ଜାଣନ୍ତି କି ଗହମ ପରିବର୍ତ୍ତେ ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଚାଲନ୍ତୁ ଜାଣିବା ବାଜରା ରୁଟିର ଫାଇଦା ବିଷୟରେ। ଗହମ ରୁଟିନ ଡାଏଟ୍ର ମୁଖ୍ୟ ଅଙ୍ଗ ଥିଲା। କିନ୍ତୁ ଆଜିକାଲିର ଲୋକମାନେ ଅନ୍ୟ ଶସ୍ୟ ଆଡକୁ କିଛି ମାତ୍ରାରେ ଢଳୁଥିବା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ବାଜରା ଅନ୍ୟତମ। ବାଜରାରେ ବହୁ ମାତ୍ରାରେ ଫାଇବର ସାଙ୍ଗକୁ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟ ରହିଥାଏ। କିନ୍ତୁ ଏହାର ଫାଇଦା ବିଷୟରେ କମ୍ ଲୋକ ଜାଣିଥାନ୍ତି। ଏବେ ଜାଣିବା ଗହମ ପରିବର୍ତ୍ତେ ବାଜରା ରୁଟି ଖାଇଲେ ଶୀରରରେ କ'ଣ ଆସିପାରେ ପରିବର୍ତ୍ତନ। ବାଜରା ପୋଷକ ତତ୍ତ୍ୱରେ ଭରା ଶସ୍ୟ। ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ଭିଟାମିନ୍-ସି ପରି ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି। ଯହା ଶରୀରକୁ ଶକ୍ତି ଦେବା ସହ ହାଡ଼କୁ ମଜଭୁତ କରିବା ଓ ରକ୍ତ ସଞ୍ଚାଳନକୁ ତୀବ୍ର କରିବାରେ ସହଯୋଗ କରିଥାଏ। ବାଜରାରେ ଥିବା ଫାଇବର ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଅଧିକ ସମୟ ଯାଏ ପେଟଭରା ରଖିଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ୍ ରହିଥାଏ, ଯାହା ଓଜନକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ। ଯଦି ଓଜନ କମାଇବାକୁ ପ୍ରୟାସ କରୁଥାନ୍ତି, ତେବେ ବାଜରା ରୁଟି ଖାଇବା ଭଲ ବିକଳ୍ପ। ବାଜରାର ଗ୍ଲାଇସୋମିକ୍ ଇଣ୍ଡେକ୍ସ କମ୍ ରହିଥାଏ। ଫଳରେ ଏହା ରକ୍ତରେ ଶର୍କରାସ୍ତରକୁ ନିୟନ୍ତ୍ରିତ ରଖିବାରେ ସହଯୋଗ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ବାଜରା ରୁଟି ଭଲ ବିକଳ୍ପ। ଏହା ରକ୍ତରେ ଶର୍କରା ସ୍ତରକୁ ହଠାତ୍ ବଢ଼ିବାକୁ ଦେଇ ନଥାଏ।



# ଖରାଦିନେ ଫ୍ରିଜରେ ଥିବା ଥଣ୍ଡା ପାଣି ପିଉଛନ୍ତି କି ?

ଗ୍ରୀଷ୍ମ ଋତୁରେ ଫ୍ରିଜରୁ ବହୁତ ଥଣ୍ଡା ପାଣି ପିଇବା ପାଇଁ ସମସ୍ତେ ଇଚ୍ଛା ପ୍ରକାଶ କରିଥାନ୍ତି। କିନ୍ତୁ ଏହା ଶରୀର ଉପରେ ସକରାତ୍ମକ ବଦଳରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଫ୍ରିଜ୍‌ରୁ ଥଣ୍ଡା ପାଣି ପିଇବା ଦ୍ୱାରା ଗଳା ଖରାପ ହୋଇପାରେ। ଯଦି କଫ ଏବଂ ଗଳା ଯନ୍ତ୍ରଣାରୁ ରକ୍ଷା ପାଇବାକୁ ଚାହାଁନ୍ତି, ତେବେ ଥଣ୍ଡା ପାଣି ପିଇବାରୁ ଦୂରେଇ ରହିବା ଉଚିତ୍। ପାଣିକୁ କିଛି ସମୟ ପାଇଁ ଫ୍ରିଜ୍‌ରୁ ବାହାର କରି ପିଇବା ଉଚିତ। ଥଣ୍ଡା ପାଣି ପିଇବା ଦାନ୍ତ ପାଇଁ କ୍ଷତିକାରକ ହୋଇପାରେ। ଯଦି ରେଫ୍ରିଜରେଟରରେ ରଖାଯାଇଥିବା ଥଣ୍ଡା ପାଣି ପିଅନ୍ତି, ତେବେ ଏହା ଦାନ୍ତର ମୂଳକୁ କ୍ଷତି ପହଞ୍ଚାଇପାରେ। ରେଫ୍ରିଜରେଟର ଥଣ୍ଡା ପାଣି ଦାନ୍ତରେ ଝିମ୍‌ଝିମ୍ ଏବଂ ଯନ୍ତ୍ରଣା ସୃଷ୍ଟି କରିପାରେ। ଫ୍ରିଜ୍‌ର ଅତ୍ୟଧିକ ଥଣ୍ଡା ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ମନ୍ଥର ହୋଇପାରେ। କୋଷ୍ଠକାଠିନ୍ୟ ଏବଂ ପେଟ ଫୁଲିବାରୁ ରକ୍ଷା ପାଇବା ପାଇଁ, ଥଣ୍ଡା ପାଣି ପିଇବାରୁ ଦୂରେଇ ରହିବା ଉଚିତ। ଅତ୍ୟଧିକ ଥଣ୍ଡା ପାଣି ପିଇବା ହୃଦସ୍ପନ୍ଦନ ପାଇଁ ମଧ୍ୟ ଭଲ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ, ଯଦି ଗ୍ରୀଷ୍ମ ଋତୁରେ ଥଣ୍ଡା ପାଣି ପିଇବାକୁ ଚାହାଁନ୍ତି, ତେବେ ଫ୍ରିଜ ବଦଳରେ ମାଟି ପାତ୍ରରୁ ପାଣି ପିଇପାରିବେ। ମାଟି ପାତ୍ରରୁ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ କ୍ଷତି ହେବ ନାହିଁ।



# ପ୍ରତିଦିନ ଖାଆନ୍ତୁ ଲିଚୁ



ଖରାଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ସୂର୍ଯ୍ୟ କିରଣ ଏବଂ ଗରମ ପବନ ହେତୁ ଲୋକମାନେ ଶୀଘ୍ର ଅସୁସ୍ଥ ହେବାକୁ ଲାଗିଥାନ୍ତି। ଏଭଳି ପରିସ୍ଥିତିରେ କିଛି ଲୋକ ଔଷଧ ଖାଇଥାନ୍ତି, କିନ୍ତୁ ଅତ୍ୟଧିକ ଔଷଧ ଖାଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। ଏପରି ପରିସ୍ଥିତିରେ, ଆପଣ ଗୋଟିଏ ଫଳ ଖାଇପାରିବେ। ଏହି ଫଳ ଖରାଦିନେ ଆପଣଙ୍କ ଶରୀରକୁ ସୁସ୍ଥ ରଖିବାରେ ବହୁତ ସାହାଯ୍ୟ କରିବ। ସେହି ସବୁ ମଧ୍ୟରୁ ଲିଚି ଅନ୍ୟତମ। ଲିଚି ଏକ ଛୋଟ, ମିଠା ଫଳ, ଯାହାର ବ୍ୟବହାର ଶରୀରକୁ ସୁସ୍ଥ ଏବଂ ଫିଟ୍ ରଖେ। ଲିଚିର କେବଳ ଗୋଟିଏ ନୁହେଁ ଅନେକ ଲାଭ ରହିଛି। ତେବେ ଆସନ୍ତୁ ଏହାର ଉପକାରିତା ବିଷୟରେ ଜାଣିବା।

ମିଠା ଏବଂ ରସଯୁକ୍ତ ହେବା ବ୍ୟତୀତ ଲିଚି ଅନେକ ପୋଷକ ତତ୍ତ୍ୱରେ ମଧ୍ୟ ଭରପୂର ଅଟେ। ଯଦି ଆପଣ ଗ୍ରୀଷ୍ମ ସମୟରେ ପ୍ରତିଦିନ ଲିଚି ଖାଆନ୍ତି, ତେବେ ଆପଣ ଏଥିରୁ ଅନେକ ସ୍ୱାସ୍ଥ୍ୟ ଉପକାର ପାଇପାରିବେ। ଖରାଦିନେ ପ୍ରାୟତଃ ଲୋକମାନେ ଜଳ ଅଭାବର ସମ୍ମୁଖୀନ ହୁଅନ୍ତି। ଏପରି ପରିସ୍ଥିତିରେ, ଆପଣ ଲିଚି ଖାଇପାରିବେ। ଲିଚିରେ ଜଳର ମାତ୍ରା ଅଧିକ ଥାଏ ଯାହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ। ଲିଚିରେ ଅଧିକ ପରିମାଣର ଫାଇବର ଅଛି, ଯାହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବହୁତ ସାହାଯ୍ୟ କରିଥାଏ। ଏହା କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ୍ ଭଳି ସମସ୍ୟାକୁ ଦୂର କରିଥାଏ।

ସ୍ୱାସ୍ଥ୍ୟ ସହିତ ଲିଚି ସ୍କିନ୍ ଏବଂ କେଶ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥିରେ ଭିଟାମିନ୍ ଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ସ୍କିନକୁ ସୁସ୍ଥ ଏବଂ ଗ୍ଲୋଇଂ କରିଥାଏ। ଏହା କେଶକୁ ଶକ୍ତିଶାଳୀ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଯେଉଁମାନେ ମେଦବହୁଳତାର ଶିକାର ହେଉଛନ୍ତି ସେମାନେ ପ୍ରତିଦିନ ଲିଚି ଖାଇପାରିବେ। କାରଣ ଲିଚି କ୍ୟାଲୋରୀରେ କମ୍ ଏବଂ ଫାଇବରରେ ଅଧିକ, ଯାହା ଓଜନ ହ୍ରାସ କରିବାରେ ବହୁତ ସାହାଯ୍ୟ କରିଥାଏ। ଲିଚି ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ୍ ରଖିଥାଏ।

ଆଖି ପାଇଁ ମଧ୍ୟ ଲିଚି ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ମୋତିଆବିନ୍ଦୁ ଭଳି ରୋଗର ଆଶଙ୍କା ହ୍ରାସ କରିଥାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି। ଏହା ଆର୍ଥ୍ରାଇଟିସ୍ ଏବଂ ଯନ୍ତ୍ରଣା ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ମନେରଖନ୍ତୁ ଯେ ଲିଚି ଅତ୍ୟଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଯଦି ଲିଚି ଖାଇବା ପରେ କୌଣସି ପ୍ରକାରର ସମସ୍ୟା ହେଉଛି ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

## ବୁଲା ଷଣ୍ଢଙ୍କ ଦୌରାତ୍ମ୍ୟ: ଚାଷୀ ମୁଣ୍ଡରେ ଚଡକ



ବାଲିକୁଦା,୧୩।୩(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଞ୍ଚଳରେ ବୁଲା ଷଣ୍ଢଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ଅଶାୟତ ହେବାରେ ଲାଗିଛି। ଏହି ବୁଲା ଷଣ୍ଢଙ୍କ ଯୋଗୁଁ ସ୍ଥାନୀୟ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ, ସେମାନଙ୍କ କଷ୍ଟଲବ୍ଧ ଫସଲ ଏବେ ଉଜୁଡ଼ିବାକୁ ବସିଛି।ବର୍ତ୍ତମାନ ରବି ଋତୁ ଚାଲିଥିବାରୁ ବାଲିକୁଦା ଅଞ୍ଚଳର ଚାଷୀମାନେ ବହୁ ଆଶା ବାନ୍ଧି ନିଜ ଜମିରେ ମୁଗ, ବିରି, କୋଳଥ ଭଳି ପାରମ୍ପରିକ ଡାଲି ଜାତୀୟ ଫସଲ ସହିତ ଅନ୍ୟାନ୍ୟ ପରିପରିବା ଚାଷ କରିଛନ୍ତି। ମାତ୍ର ଶତାଧିକ ବୁଲା ଷଣ୍ଢ ଅବାଧରେ ଫସଲ କିଆରୀରେ ପଶି ଗଛଗୁଡ଼ିକୁ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ଯେଉଁ ସୁନାର ଫସଲ ଫଳାଇବାକୁ ଚେଷ୍ଟା କରୁଛି, ଏହି ଅମାନିଆ ପଶୁଙ୍କ ଯୋଗୁଁ ତାହା ପାଣିରେ ମିଶିବାକୁ ଯାଉଛି। ଏହି ସମସ୍ୟାର ମୂଳ କାରଣ ସାଜିଛନ୍ତି କିଛି ବେପରୁଆ ଗୋ-ପାଳକ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗାଈମାନେ ଅଣ୍ଡିରା ବାଛୁରୀ ଜନ୍ମ ଦେଲେ ଗୋ-ପାଳକମାନେ ସେମାନଙ୍କୁ ଆଉ ପାଖରେ ନରଖି ରାସ୍ତା ଉପରେ କିମ୍ବା ସର୍ବସାଧାରଣ ସ୍ଥାନରେ ଛାଡ଼ି ଦେଉଛନ୍ତି। ପୁରୁଷ ବାଛୁରୀର ଚାହିଦା ନଥିବାରୁ ସେମାନଙ୍କୁ ପରିତ୍ୟକ୍ତ ଭାବେ ଛାଡ଼ିଦେବା ଫଳରେ ସେମାନେ ବଡ଼ ହୋଇ ବୁଲା ଷଣ୍ଢ ପାଲଟୁଛନ୍ତି ଏବଂ ଚାଷୀଙ୍କ ପାଇଁ କାଳ ସାଜୁଛନ୍ତି।କେବଳ ଚାଷ ଜମି ନୁହେଁ, ବରଂ ପ୍ରମୁଖ ରାଜରାସ୍ତା ଗୁଡ଼ିକରେ ମଧ୍ୟ ଏହି ଷଣ୍ଢମାନେ ଦଳ ଦଳ ହୋଇ ବୁଲୁଛନ୍ତି। ଏହା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଅନେକ ସମୟରେ ମାରାତ୍ମକ ଦୁର୍ଘଟଣା ଘଟୁଛି। ଅନେକ ଗାଡ଼ି ଚାଳକ ଏହି ଷଣ୍ଢଙ୍କ ଯୋଗୁଁ ଆହତ ମଧ୍ୟ ହେଉଛନ୍ତି।ଭବିଷ୍ୟତରେ ଯଦି ପ୍ରଶାସନ ପକ୍ଷରୁ ଏହି ବୁଲା ଷଣ୍ଢଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପ୍ରତିକାର ବ୍ୟବସ୍ଥା (ଯଥା: ଗୋଶାଳା ନିର୍ମାଣ) କରା ନଯାଏ ଏବଂ ବାଛୁରୀ ଛାଡ଼ୁଥିବା ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ସରକାରଙ୍କ ନିକଟରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଦାବି କରିଛନ୍ତି।

## ବେକରେ ରଶି ଲଗାଇ ବିବାହିତା ମହିଳାଙ୍କ ଆତ୍ମହତ୍ୟା, ଥାନାରେ ମାମଲା ରୁଜୁ

ବୈଶିଙ୍ଗା,୧୩।୩ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟନିପୁରା ପଞ୍ଚାୟତର କାପାଳ ଗ୍ରାମର ଜନୈକା ବିବାହିତା ମହିଳା ବେକରେ ରଶି ଲଗାଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ କାପାଳ ଗ୍ରାମର ରବି ସିଂ ଙ୍କ ସ୍ତ୍ରୀ ଗୁରୁବାରୀ ସିଂ (୩୮) ଗ୍ରାମ ସନ୍ନିକଟ ଏକ ବିଲ କିଆରି ପାଖରେ ଅପରାହ୍ନ ନେବେ ନିମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଆତ୍ମହତ୍ୟା ର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ଘରୋଇ କଳହକୁ ନେଇ ଏଭଳି ଘଟଣା ଘଟିଥିବା କୁହାଯାଉଛି। ତେବେ ବୈଶିଙ୍ଗା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରିଛି। ଆସନ୍ତା କାଲି ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାପଡ଼ିଛି।

# ପୁଣି ମାତିଲେ ବାଲି ମାଫିଆ



କିଶନନଗର,୧୩।୩(ସଂଚାର ବ୍ୟୁରୋ): ବେଆଇନ ବାଲି ଘାଟ ଉପରେ କିଶନନଗର ତହସିଲ ଓ ମାହାଳହାଟ ଫାଣ୍ଡିର ମିଳିତ ଉଦ୍ୟମ ରେ ଚଡାଉ କରାଯାଇ ଚାରୋଟି ହାଇୱା ଓ ଗୋଟିଏ ଟ୍ରାକ୍ଟର ଜବତ କରିବା ସହ ମାଇନ୍ସ ପକ୍ଷରୁ ସେସବୁ ଗାଡିର ଫାଇନ କଟାଯିବା ସହ କାଗଜପତ୍ର ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି । ସୂଚନା ମୁତାବକ କଟକ ଜିଲ୍ଲା କିଶନନଗର ତହସିଲ ଅନ୍ତର୍ଗତ ଦୁଲୁପୁର ଘାଟରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ତହସିଲ ପ୍ରଶାସନ ଘାଟର ରାସ୍ତାକୁ ବିଛିନ୍ନ କରିଦେଇଥିଲେ । ହେଲେ ବାଲିମାଫିଆ ମାନେ ରାସ୍ତାକୁ ସଂଯୋଗ କରି ବାଲି ଉଠାଉ ଥିଲେ । ମୃକୁଣ୍ଡି ଘାଟର ନିଲାମ ଅବଧି ସରି ଯାଇଥିଲେ ମଧ୍ୟ ବାଲି ଉଠାଉ ଥୀଲେ ।କିଶନନଗର ତହସିଲ ପ୍ରଶାସନ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଅଚାନକ ଚଢ଼ାଉ କରି ଚାରୋଟି ହାଇୱା ଓ ଗୋଟିଏ ଟ୍ରାକ୍ଟର ଜବତ କରିଛି। ପୁଣି ମାତିଲେ ବାଲି ମାଫିଆ। କେନ୍ଦୁଝରର ଜିଲ୍ଲାରେ ବେଧଡ଼କ ଚାଲିଛି ବାଲି ଚୋରି। ବୈତରଣୀ ନଦୀରୁ ବେଆଇନ ବାଲି ଉଠାଣ ନେଇ ବାରାମ୍ବାର ଅଭିଯୋଗ ପରେ ତତ୍ପର ହୋଇଛି କେନ୍ଦୁଝର ଖଣି ବିଭାଗ। ଆଜି ସକାଳୁ ଖଣି ବିଭାଗ ପକ୍ଷରୁ ଅଣା-ସମଣା ରାସ୍ତାରେ ଚଢ଼ାଉ। ବେଆଇନ ବାଲି ଚାଲାଣ ହେଉଥିବା ୪ଟି ହାଇୱା ଜବତ କରିଛି ଖଣି ବିଭାଗ। ଜବତ ଗାଡ଼ିଗୁଡ଼ିକୁ ନନ୍ଦିପଦା ଥାନା ପୁଲିସର ଜିମା ଦିଆ ଯାଇଥିବାବେଳେ ୪ ଟି ଭିନ୍ନ ଭିନ୍ନ ମାମଲା ରୁଜୁ କରାଯାଇଛି। ଗତ ତିନି ଦିନ ଭିତରେ ୭ଟି ହାଇଓ୍ୱା ଜବତ ହୋଇଥିବା ସୂଚନା ମିଳିଛି ।



## ଚାଲିଥିଲା ବ୍ରାଉନସୁଗର ବେପାର, ମାଡ଼ି ବସିଲା ପୁଲିସ

ବରଗଡ଼,୧୩।୩(ସଂଚାର ବ୍ୟୁରୋ): ବରଗଡ଼ ଟାଉନ ଥାନା ପୋଲିସ ବ୍ରାଉନସୁଗାର କାରବାରରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ମହାନ୍ତିପଡ଼ାର ରାଜୁ ତାଣ୍ଡି (୪୬), ମାଷ୍ଟରଟିକ୍ରାର ଗୋପୀ ମହାନନ୍ଦ(୪୦) ଏବଂ ବିଶିପଡ଼ାର ଶ୍ରବଣ କୁମ୍ଭାର(୨୨)। ସେମାନଙ୍କ ପାଖରୁ ୧୬ ଗ୍ରାମ ବ୍ରାଉନସୁଗାର, ୨ଟି ମୋବାଇଲ ଏବଂ ନଗଦ ୨୨୫୦ ଟଙ୍କା ଜବତ ହୋଇଛି ବୋଲି ଶୁକ୍ରବାର ବରଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦରାବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି। ବରଗଡ଼ ସହର ଉପକଣ୍ଠ ବ୍ରହ୍ମଚାରୀ - କଟାପାଲି ରାସ୍ତାରେ ଏହି କାରବାର ଚାଲିଥିବା ବେଳେ ଅତର୍କିତ ଚଢ଼ାଉ କରି ସେମାନଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ କହିଛନ୍ତି।

## ବଢୁଛି ତାପମାତ୍ରା, ଜଳଛତ୍ର ନାହିଁ



ଲୋଇସିଂହା,୧୩।୩ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଅଞ୍ଚଳରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି । ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ନେଇ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଲାଣି। ପିଇବା ପାଣିର ଚାହିଁଦା ବୃଦ୍ଧି ପାଇଛି। କିନ୍ତୁ ପଞ୍ଚାୟତ ପକ୍ଷରୁ ଖୋଲାଯାଉଥିବା ପାଣିଛତ୍ର ଦେଖାମିଳୁନାହିଁ। ବାଟଘାଟରେ ପିଇବା ପାଣି ନ ପାଇ ପଥଚାରୀମାନେ ହଟହଟା ହେଉଛନ୍ତି। ଲୋଇସିଂହା ବ୍ଲକ ପ୍ରଶାସନ କିମ୍ବା ନବ ଗଠିତ ଲୋଇସିଂହା ଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି କରିନାହାନ୍ତି। ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଲୋଇସିଂହା ମୁଖ୍ୟାଳୟରେ ଥିବା ବ୍ଲକ, ତହସିଲ,ଡାକ୍ତରଖାନା, କୋର୍ଟ ଆଦିକୁ ଆସୁଛନ୍ତି। ହେଲେ ବାଟରେ ଜଳଛତ୍ର ଖୋଲା ହୋଇ ନ ଥିବାରୁ ପିଇବା ପାଣି ନ ପାଇ ହଟହଟା ହେଉଛନ୍ତି। ଏସମ୍ପର୍କରେ ବିଡିଓ ଅକ୍ଷୟ ପାଣି ଉଦ୍ଧୁଙ୍କୁ ପଚାରିବାରୁ କହନ୍ତି, ଜନପ୍ରତିନିଧିଙ୍କୁ ନେଇ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ ହୋଇନାହିଁ। ଖୁବଶୀଘ୍ର ବୈଠକ ଡାକି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ଉଦ୍ଧୁ କହିଛନ୍ତି।

## ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କଲେ ଜିଲ୍ଲାପାଳ



ନନ୍ଦପୁର,୧୩।୩(ସଂଚାର ବ୍ୟୁରୋ): କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଗତ ତା-୨୭.୨.୨୬ରେ ନନ୍ଦପୁର ବ୍ଲକ ପରିଦର୍ଶନରେ ଆସି ବାସୁକୀ ନଦୀପାର ହୋଇ ରାଇସିଂ ପଞ୍ଚାୟତର ଦେବଷଣ୍ଢଗୁଡ଼ା ଗ୍ରାମବାସୀଙ୍କୁ ଗ୍ରାମ ସମ୍ମୁଖରେ ପ୍ରବାହିତ ବାସୁକୀ ନଦୀ ଉପରେ ଏକ ପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିଶ୍ରୁତି ପୂରଣ ହେବାକୁ ଯାଉଛି। କୋରାପୁଟ ଜିଲାପାଳଙ୍କ ପ୍ରସ୍ତାବ ମୁତାବକ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ବର୍ଷ ୨୦୨୬-୨୭ ସେତୁ ବର୍ଦ୍ଧନ ଯୋଜନାରେ ସାମିଲ କରି ବାସୁକୀ ନଦୀ ଉପରେ ୬୦ ମିଟର ଲମ୍ବର ପୋଲ ନିର୍ମାଣ ପାଇଁ ମଞ୍ଜୁରୀ କରିଛନ୍ତି। ବିଭାଗୀୟ ସ୍ୱତନ୍ତ୍ର ସଚିବ ସର୍ବେଶ୍ୱର ସିଂଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୮୫୪୧୬୦୦୫୫୨୦୨୬/ଆରଡି ତା ୧୨.୩.୨୬ ପ୍ରକାରେ ରାଜ୍ୟର ୫୬ଟି ସେତୁ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଉକ୍ତ ଚିଠିର ୩୮ ନଂ କ୍ରମାଙ୍କରେ ଦେଷଣ୍ଢଗୁଡ଼ା ଗ୍ରାମବାସୀଙ୍କ ଦୁଃଖ ବାସୁକୀ ନଦୀ ଉପରେ ପୋଲ ନିର୍ମାଣ କରିବାକୁ ମଞ୍ଜୁରୀନାମା ମିଳିଥିବା ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ନିର୍ମାଣକାରୀ ସଂସ୍ଥା ସୁନାବେଡ଼ା ଆରଡି ଡିଭିଜନ ଯନ୍ତ୍ରୀ ଜୟନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଯାହାକୁ ଶୁଣି ଦେବଷଣ୍ଢଗୁଡ଼ା ବାସିନ୍ଦା ସଦା ଖରା, ପୂର୍ଣ୍ଣ ଖରା, ସୁରେନ୍ଦ୍ର ଖରା, ଧବୁଲୁ ପାଙ୍ଗି, ସାଧୁ ଖରା, ନରି ଖରା, ରାସୁ ଖରା, ନରି ଖରା ପ୍ରମୁଖଙ୍କ ସମେତ ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ଚେଟି, ସମିତିସଭ୍ୟ ବବି ଖିଲ ଜିଲାପାଳଙ୍କ ଗସ୍ତ ବେଳେ ଉପସ୍ଥିତ ଲକ୍ଷ୍ମଣ ଖରା ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି।

## ପୌର ପରିଷଦ ପକ୍ଷରୁ ଷ୍ଟଲ୍ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ



ସୁବର୍ଣ୍ଣପୁର,୧୩।୩(ସଂଚାର ବ୍ୟୁରୋ): ସୋନପୁର ସଦର ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡ଼ିଛି ସୋନପୁର ପୌର ପରିଷଦ। ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଆରଆଇ, ଜେଇ, ରାଜସ୍ୱ ଆରଆଇ, ଓଏସଆରଟିସି ଡିଏମ୍, ଓବିସିସି ଷ୍ଟାଫ୍ ଙ୍କ ଉପସ୍ଥିତିରେ ପୌର ପରିଷଦର ଷ୍ଟଲ୍ ଉଚ୍ଛେଦ ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ବିଜୁ ପଟ୍ଟନାୟକ ଛକରୁ ନଳିନୀ ଛକ ଯାଏ ଷ୍ଟଲ୍ ଚିହ୍ନଟ କରାଯିବା ସହ ଓ ଗାନ୍ଧି ଷ୍ଟାଡିୟମ୍ ବାଉଣ୍ଡ୍ରି ପର୍ଯ୍ୟନ୍ତ ଦୋକାନୀଙ୍କ ଷ୍ଟଲ୍ ପଛପଟର ସମ୍ପ୍ରସାରଣ ଜାଗାକୁ ଜରୁରୀ କାଳୀନ ଭିତ୍ତିରେ ଉଚ୍ଛେଦ ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ସମସ୍ତ ଅଧିକାରୀଙ୍କ ସହିତ ନିଜେ ଜିଲ୍ଲାପାଳ ଦୋକାନୀ ମାନଙ୍କୁ ଜାଗା ଖାଲି କରିବାକୁ ଓ ବିକାଶ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା।

## ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ



ସୁବର୍ଣ୍ଣପୁର,୧୩।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲି ଠାରେ ଅନୁଷ୍ଠିତ ହୋଇ ଯାଇଛି। ଉଦଘାଟନୀ ସଭାରେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ଯୋଗଦେଇ ଶିକ୍ଷକ ମାନେ ନିଷ୍ଠା ର ସହ ନିଜ ଦାୟିତ୍ୱ ନିର୍ବାହ କରିବାକୁ ମତ ରଖି ବିଦ୍ୟାଳୟ ର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ଅଭିବୃଦ୍ଧି ଉପରେ ପ୍ରତିଶ୍ରୁତି ଦେଇଥିଲେ। ସୋନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଜିଲ୍ଲା ପଞ୍ଚସଖା ଶିକ୍ଷସେତୁ ର ସହଯୋଗୀ ପ୍ରଭାତ ଦାଶ, ଉଲୁଣ୍ଡା ଗୋଷ୍ଠୀଶିକ୍ଷାଧିକାରୀ ଅଜୟ ଲୁହା ଯୋଗଦେଇଥିବା ବେଳେ ଆୟୋଜକ ସମ୍ପାଦକ ପଦ୍ମନାଭ କର୍ଣ୍ଣ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭୋଜିଖାଇ ଫେରିଲେ, ହେଲେ ବାଇକ୍ ଗାଏବ୍

ଦିଗପହଣ୍ଡି,୧୩।୩(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ରାଜେଶ କୁମାର ରାଉତଙ୍କ ଏକ ବାଇକ୍‌କୁ କେହି ଦୁର୍ବୃତ୍ତ ତାଙ୍କ ଘର ସମ୍ମୁଖରୁ ଚୋରି କରିଥିବା ନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆଇଆଇସି କିଶୋର କୁମାର ସାମଲ ଏତଲା ପ୍ରକାରେ ଥାନା ମାମଲା ନଂ.୧୦୭/୨୬ ଅନୁଯାୟୀ ମକଦ୍ଦମା ପଞ୍ଜୀକୃତ କରିଛନ୍ତି। ଗତ ଫେବୃଆରୀ ୨୨ ତାରିଖ ରାତିରେ ସେ ଜଣେ ସମ୍ପର୍କୀୟଙ୍କ ଭୋଜି ଖାଇ ଘରକୁ ଫେରିଥିଲେ। ସେ ତାଙ୍କ ବାଇକ୍‌କୁ ଘର ସାମ୍ନାରେ ରଖିଥିଲେ। ସକାଳେ ତାଙ୍କ ବାଇକ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ଜନଗଣନାରେ ଠିକ୍ ତଥ୍ୟ ଲିପିବଦ୍ଧ କରିବା ଉପରେ ଗୁରୁତ୍ୱ



ବରଗଡ଼,୧୩।୩(ସଂଚାର ବ୍ୟୁରୋ): ବରଗଡ଼ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ପାଇଁ ଗୁରୁବାର ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ଡେପୁଟି କଲେକ୍ଟର ସୁମତି ପଣ୍ଡା, ପରିସଂଖ୍ୟାନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଜନଗଣନାର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ସୂଚନା ଦିଆଯାଇଥିଲା, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଦ୍ୱାରା ଗତ ୧୦ତାରିଖରୁ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଡିଜିଟାଲ ଗଣନା ବ୍ୟବସ୍ଥା ରହିବ। ଯେଉଁଥିରେ ଯେକୌଣସି ବ୍ୟକ୍ତି ସେନର୍ସ ପୋର୍ଟାଲ ବ୍ୟବହାର କରି ନିଜର ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ପରେ ଏକ ରେଫରେନ୍ସ ନମ୍ବର ପାଇପାରିବେ। ଏହାପରେ ସମ୍ପୃକ୍ତ ଏନ୍ୟୁମରେଟର୍ ଘରୋଇ ସେନର୍ସ ସର୍ଭେ ସମୟରେ ପୁନର୍ବାର ଯାଞ୍ଚ କରି ସଠିକ୍ ତଥ୍ୟ ଅନ୍‌ଲାଇନ ମାଧ୍ୟମରେ ଲିପିବଦ୍ଧ କରିବେ। ଏହି ଜନଗଣନା କାର୍ଯ୍ୟକ୍ରମରେ ମୋଟ ୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି ଓ ଅଧ୍ୟାପକ ତଥା ଶିକ୍ଷକମାନଙ୍କୁ ଫିଲ୍ଡ ଟ୍ରେନର ଭାବେ ନିଯୁକ୍ତି ଦିଆଯାଇଛି। ଜନଗଣନାର ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଭାବେ ବୁଝି ନିର୍ଭୁଲ୍ ତଥ୍ୟ ସଂଗ୍ରହ କରିବା ପାଇଁ ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ଶିବିରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ପରେ ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ। ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରେ। ତେଣୁ ସମସ୍ତେ ନିଜର ସଠିକ୍ ତଥ୍ୟ ପ୍ରଦାନ କରିବା ଉଚିତ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଟ୍ରେନିଂ ଅଫିସର ଭାବେ ଶ୍ରୀକାନ୍ତ ବେହେରା ଓ ନିରଞ୍ଜନ ତ୍ରିପାଠୀ ଯୋଗ ଦେଇ ବରଗଡ଼ ଜିଲାରେ ଜନଗଣନାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରିଥିଲେ।

## 'ମନା'ର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ରେମୁଣା ,୧୩।୩(ସଂଚାର ବ୍ୟୁରୋ): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଆଜି ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀଯୁକ୍ତ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ଗତମାସର ବିବରଣୀ ପାଠ କରିଥିଲେ। ବାଲେଶ୍ୱର ତଥା ସମଗ୍ର ରାଜ୍ୟରେ ମଦ୍ୟପାନ ଜନିତ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ 'ମନା' ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତବର୍ଷ ଏପ୍ରିଲ୍ ୧୯ ତାରିଖରେ ହେବାକୁ ଥିବା 'ମନା'ର ଦଶମ ବାର୍ଷିକ ସମ୍ମିଳନୀ ଆୟୋଜନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ବିଭିନ୍ନ କମିଟିମାନ ଗଠିତ ହେଲା। ସଂଗଠନର ଉପଦେଷ୍ଟା ସୁବ୍ରତ କର, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସୀତାରାମ ପ୍ରଧାନ, ଭାସ୍କର ଚନ୍ଦ୍ର ମିଶ୍ର, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ, ସୁନାମଣି ଜେନା, ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ (ଖ), ଦୟାନିଧି ମହାପାତ୍ର, ରାଜେନ୍ଦ୍ର ନାଥ ରାଉତ, ବସନ୍ତ ପ୍ରଧାନ, ସନାତନ ଦାସ, ଗୌତମ କୁମାର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ହରିପୁର ସାପ୍ତାହିକ ହାଟରୁ ବାଇକ ଚୋରୀ, ଥାନାରେ ମାମଲା ରୁଜୁ

ବୈଶିଙ୍ଗା,୧୩।୩(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅର୍ନ୍ତଗତ ଚାଣ୍ଡିପଦା ପଞ୍ଚାୟତରେ ହରିପୁର ହାଟରୁ ଗୁରୁବାର ସନ୍ଧ୍ୟା ସମୟରେ ଏକ ବାଇକ ଚୋରି ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ଥାନା ଅର୍ନ୍ତଗତ କାପୋର ଗ୍ରାମର ଛୋଟରାୟ ମହାନ୍ତ ତାଙ୍କ ହିରୋ ଏଚ ଏଫ୍ ଡିଲକ୍ସ ବାଇକ ଟିକୁ ରଖି ହ୍ୟାଣ୍ଡେଲ ଲକ୍ ପକାଇ ପନିପରିବା କିଣିବା ପାଇଁ ହାଟ ଭିତରକୁ ଯାଇଥିଲେ। ମାତ୍ର ତିରିଶ ମିନିଟ ପରେ ଫେରି ଆସି ଦେଖିଲା ବେଳକୁ ବାଇକ ନଥିଲା। ତାଙ୍କ ଅଭିଯୋଗ କ୍ରମେ ପୋଲିସ ପକ୍ଷରୁ ୧୨୮ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ତେବେ ହାଟ ନିକଟରେ ଥିବା ବାଇକ୍ ଷ୍ଟାଣ୍ଡ ରେ ମାତ୍ର ଦଶ ଟଙ୍କା ବିନିମୟରେ ନିଜର ମୂଲ୍ୟବାନ ବାଇକ ଓ ସ୍କୁଟି ଆଦି ସୁରକ୍ଷିତ ରଖିବା ଦିଗରେ ଯତ୍ନବାନ ହେବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ହେଁ ଏଥିପ୍ରତି ଦୃଷ୍ଟି ନଦେବା ଯୋଗୁଁ ଏଭଳି ଅଘଟଣ ବାରମ୍ବାର ଘଟି ଚାଲିଛି।

## ୭ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୧୫,୩୧୮ ଅଫିମ ଗଛ ନଷ୍ଟ



ସୁବର୍ଣ୍ଣପୁର,୧୩।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଜିଲ୍ଲାର ଉଲୁଣ୍ଡା ବ୍ଲକ ସିଂହାସନୀ ଜଙ୍ଗଲ ଜମିରେ ଅଫିମ ଚାଷ ହୋଇଥିବା ଦେଖିବାକୁ ପାଇଛି। ଜିଲ୍ଲାରେ ପ୍ରଥମ ଥର ପାଇଁ ଧରାଯାଇଥିବା ସିଂହାସନୀ ସଂରକ୍ଷିତ ଜଙ୍ଗଲର ଅରଖମୁଣ୍ଡା ଠାରେ ୧ ଏକର ରୁ କମ ଜମିରେ ଏହି ଅଫିମ ଗଛ ଲଗାଯାଇଥିଲା। ଏଥିରେ ସ୍ଥାନୀୟ ଲୋକ ସାମିଲ ଥିବା ନେଇ ଏସ୍‌ପି ନାରାୟଣ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସମ୍ପର୍କରେ ସମସ୍ତ ସୂଚନା ଦେଇଛନ୍ତି। ଏସପି ଶ୍ରୀ ନାୟକ ଙ୍କ ସହିତ ପୋଲିସ, ଅବକାରୀ ଓ ବନ ବିଭାଗର ଟିମ୍ ଜଙ୍ଗଲ ଭିତରେ ଖୋଜିବା ପରେ ୨ଟି ପ୍ଲଟରେ ଅଫିମ ଗଛ ଲାଗିଥିବା ଦେଖିବାକୁ ପାଇଥିବା ବେଳେ ଗଛରୁ ପ୍ରାୟତଃ ରସ ସଂଗ୍ରହ ସରିଥିଲା ଏବଂ କେବଳ ଫଳଥିବା ଦେଖିବାକୁ ମିଳିଥିଲା। ୨ ଟି ପ୍ଲଟ ରେ ଚାଷ ହୋଇଥିବା ଅଫିମ କିଆରୀକୁ ନିକଟସ୍ଥ ୨ ଟି ଘରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା ଏବଂ ନାଳରୁ ପାଣି ଦିଆଯାଉଥିଲା। ତଦନ୍ତ ସମୟରେ ଜଣେ ଘର ମାଲିକ ସମୁଏଲ୍ ଲୁଗୁନ (୨୪) କୁ ଗିରଫ କରାଯାଇଥିବା ବେଳେ ସେ ଅନ୍ୟ ୨ ଜଣଙ୍କ ସଂପୃକ୍ତି ଅଫିମ ଚାଷ ରେ ଥିବା ପ୍ରକାଶ କରିଥିବା ସୂଚନା ଦେଇଛନ୍ତି ଏସପି। ମାଜିଷ୍ଟ୍ରେଟ୍ ତଥା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ଙ୍କ ଉପସ୍ଥିତିରେ ୨ ଟି ପ୍ଲଟରୁ ବନ ବିଭାଗ ଓ ଅବକାରୀ ବିଭାଗ କର୍ମଚାରୀ ମାନେ ଅଫିମ ଗଛ ଗଣନା କରିବାରୁ ୧୫, ୩୧୮ ଟି ଗଛ ଥିବା ଜଣାପଡ଼ିଥିଲା। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଛ ଗୁଡ଼ିକୁ କାଟି ନିଆଁ ଲଗାଇ ନଷ୍ଟ କରାଯାଇଥିଲା। ନଷ୍ଟ କରଯାଇଥିବା ଅଫିମ ଗଛର ମୂଲ୍ୟ ସରକାରୀ ହିସାବ ରେ ୭ କୋଟି ୬୫ ଲକ୍ଷ ୯୦ ହଜାର ଟଙ୍କା ଆକଳନ କରାଯାଇଛି।

## ହଷ୍ଟେଲ ଛାତ୍ରଙ୍କର ପିଆର ଏମ ହସ୍ପିଟାଲରେ ମୃତ୍ୟୁ

- ମୃତ ଛାତ୍ରକୁ ଛାଡି ପ୍ରଧାନଶିକ୍ଷକ ଫେରାର

ବୈଶିଙ୍ଗା,୧୩।୩(ସଂଚାର ବ୍ୟୁରୋ): ବାରିପଦା ସ୍ଥିତ ପି ଆର ଏମ ମେଡିକାଲରେ ଆଜି ଜଣେ ହଷ୍ଟେଲ ଛାତ୍ରର ମୃତ୍ୟୁ ହେବା ଏବଂ ପ୍ରଧାନ ଶିକ୍ଷକ ମୃତ ଛାତ୍ରର ମରଶରୀର କୁ ଛାଡି ପଳାଇଯିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଭିମଦା ପଞ୍ଚାୟତ ଅଧିନ ବେଗୁନିଆବଣି ସ୍ଥିତ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିବା ଉଦଳା ଥାନା ଅଧିନ ଦେବଗାଁ ଗ୍ରାମର ବିଜୟ ସିଂ ଙ୍କ ପୁଅ ଆଶିଷ (୧୫)ର ଦୀର୍ଘ ଦିନ ଧରି ଦେହ ଅସୁସ୍ଥ ହୋଇଥିଲା। ଆଜି ତାକୁ ବାରିପଦା ସ୍ଥିତ ପି ଆର ଏମ୍ ମେଡିକାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ମର ଶରୀରକୁ ଛାଡିଦେଇ ପ୍ରଧାନ ଶିକ୍ଷକ ପଳାଇ ଯାଇଥିବା ଆଲୋଚନା ହେଉଛି। ଏ ନେଇ ଡାକ୍ତରଖାନ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ବିବରଣୀ ଦେଇ ପାରିନଥିଲେ।

## ଜନଗଣନାର ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ କାର୍ଯକ୍ରମ



ସୁବର୍ଣ୍ଣପୁର,୧୩।୩(ସଂଚାର ବ୍ୟୁରୋ): ଗତ ତା ୧୧.୦୩.୨୦୨୬ ରିଖ ଠାରୁ ୧୩.୦୩.୨୦୨୬ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ଜନଗଣନା ୨୦୨୭ ର ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ କାର୍ଯକ୍ରମ ଜିଲ୍ଲାପାଳଙ୍କ କାର୍ଯାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ସୁବର୍ଣ୍ଣପୁରଙ୍କ ଦ୍ୱାରା ଆୟୋଜିତ ଓ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ କାର୍ଯକ୍ରମରେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ଶ୍ରୀ ପ୍ରଫୁଲ୍ଲ ଦାସ ଓ ଉପ ଜିଲ୍ଲାପାଳ ସୋନପୁର ଡ଼ ସୌମ୍ୟରୁପା ରଥ ପୁଙ୍ଖାନୁପୁଙ୍ଖ କ୍ଷେତ୍ର କ୍ଷେତ୍ର ପ୍ରଶିକ୍ଷକ ମାନଙ୍କୁ କିପରି ଘର ତାଲିକା ପ୍ରସ୍ତୁତି ଓ ଘର ଗଣନା କରାଯିବ ସେ ବିଷୟରେ ତିନିଦିନ ଧରି ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯକ୍ରମରେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ଉପସ୍ଥିତ ରହି ତଦାରଖ କରିଥିଲେ । ଶ୍ରୀ ଶିବମ ଜୟଶ୍ୱାଳ, ଜିଲ୍ଲା ସଂଯୋଜକ ଭାବେ ରାଜ୍ୟ ସ୍ତରରୁ ତିନିଦିନ ବ୍ୟାପି ଯୋଗଦାନ କରିଥିଲେ । ଜିଲ୍ଲାସ୍ତରରୁ ଡେପୁଟି କଲେକ୍ଟର ଶ୍ରୀ ଆଜାଦ ସାହୁ ତାଲିମ କାର୍ଯକ୍ରମ ପରିଚାଳନା କରିଥିଲେ । ଏହି କ୍ଷେତ୍ର ପ୍ରଶିକ୍ଷକ ତାଲିମ କାର୍ଯକ୍ରମରେ ସର୍ବମୋଟ ୨୪ ଜଣ କ୍ଷେତ୍ର ପ୍ରଶିକ୍ଷକ ତିନିଦିନ ବ୍ୟାପି ଯୋଗଦାନ କରିଥିଲେ । ଉଭୟ ସମ୍ମିଳନୀ କକ୍ଷରେ ତାଲିମ ଗ୍ରହଣ କରିବା ସହିତ କ୍ଷେତ୍ର ସ୍ତରରେ ବିଭିନ୍ନ ଗାଁ ଗୁଡିକ ପରିଦର୍ଶନ କରି ବ୍ୟବହାରିକ ଓ ପ୍ରାୟୋଗିକ ତାଲିମ ଗ୍ରହଣ କରିଥିଲେ।

## ବ୍ଲକ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ସୁବର୍ଣ୍ଣପୁର,୧୩।୩(ସଂଚାର ବ୍ୟୁରୋ): ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ନାବାର୍ଡ ଏବଂ ଆଶାଦୀପ ବେସରକାରୀ ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନର ଯୁକ୍ତ ଉଦ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶ୍ରୀମତୀ ବୀଣାପାଣି ମିଶ୍ର, ସୋନପୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀ ପ୍ରତୀକ କୁମାର କର, ସାଧାରଣ ପରିଚାଳକ, ଡି.ଆଇ.ସି, ସୁବର୍ଣ୍ଣପୁର, ସତ୍ୟସ୍ୱରୂପ, ବେଦାନ୍ତ, ଡି.ଜି.ଏମ, ନାବାର୍ଡ, ସୁବର୍ଣ୍ଣପୁର, କାର୍ତ୍ତିକେଶ୍ୱର ପଣ୍ଡା, ଅଗ୍ରଣୀ ଜିଲ୍ଲା ଅଧିକାରୀ (ବ୍ୟାଙ୍କ), ଲୁସି ପ୍ରିୟଦର୍ଶିନୀ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ, ତପନ କୁମାର ପଟ୍ଟନାୟକ ଓ ଆଶାଦୀପ ବେସରକାରୀ ଅନୁଷ୍ଠାନ ସଭାପତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ମେହେର ମହିଳାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ପରିବାର ଗଠନରେ ମହିଳାମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଦେଶର ଉନ୍ନତିରେ ସେମାନେ ମେରୁଦଣ୍ଡ ଭୂମିକା ନିଭାଇପାରିବେ।